


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-147 •SUNDAY •23 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୪୭ •ରବିବାର •୨୩ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


# ଲଘୁଚାପ ରୂପ ନେଲା ଘୂର୍ଣ୍ଣିବଳୟ

## ୨୪ରେ ଅବପାତ; ୨୭ରେ ସ୍ପଷ୍ଟ ହେବ ବାତ୍ୟାର ଚିତ୍ର

■ ଭୁବନେଶ୍ୱର, ୨୨।୧୧ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ମଲକ୍କା ଉପସାଗର ମଧ୍ୟଭାଗ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଲଘୁଚାପର ରୂପ ନେଇଛି। ଏହି ଲଘୁଚାପ ଆସନ୍ତା ୨୪ ତାରିଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବ। ତେବେ ଏହା ବାତ୍ୟାର ରୂପ ନେବ କି ନାହିଁ, ତାହା ୨୭ ତାରିଖରେ ହିଁ ସ୍ପଷ୍ଟ ହେବ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି ଯେ ଆଜି ସକାଳ ପ୍ରାୟ ୮ଟା ୩୦ ମିନଟରେ ମଲକ୍କା ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଆସନ୍ତା ୨୪ ତାରିଖ ସୁଦ୍ଧା ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ରାଜ୍ୟରେ ଆଗାମୀ ୬ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ସେଥିପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ଦିନ କିମ୍ବା ରାତି ତାପମାତ୍ରାରେ



ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

ଅପରପକ୍ଷେ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୨୭ ତାରିଖରୁ ଶୁଷ୍କ ଥଣ୍ଡା ଉତ୍ତରା ପବନ ରାଜ୍ୟକୁ ବହିବ। ଫଳରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ। ଅନେକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀରୁ ତଳକୁ ଖସିବ ଏବଂ ଶୀତ ବଢ଼ିବ। ରାଜ୍ୟର ଉପକୂଳ ଓ ସଂଲଗ୍ନ ବଙ୍ଗୋପସାଗରରେ ତାପମାତ୍ରା କମିବା ଯୋଗୁଁ ଗୋପାଳପୁରରୁ ଉତ୍ତରରେ ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଜଳପୃଷ୍ଠର ତାପମାତ୍ରା ୨୭ ଡିଗ୍ରୀରୁ କମିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶା ଉପକୂଳକୁ ଶୁଷ୍କ ବାୟୁର ସମ୍ଭାବ୍ୟ ପ୍ରବାହ ଓ ଥଣ୍ଡା ବଢ଼ିବା କାରଣରୁ ସମ୍ଭବତଃ ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁନପାରେ। ତେବେ ସମ୍ଭାବ୍ୟ ବାତ୍ୟାର ଚିତ୍ର ଆସନ୍ତା ୨୭ ତାରିଖ ବେଳକୁ ସ୍ପଷ୍ଟ ହେବ ବୋଲି ଡ. ପଶୁପାଳକ କହିଛନ୍ତି।

# 'ସକାଳ' ପକ୍ଷରୁ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଆଜି

■ ଭୁବନେଶ୍ୱର, ୨୨।୧୧ (ସମିସ): ଆସନ୍ତା ଡ଼ିସେମ୍ବର ୧ ତାରିଖରେ ପଞ୍ଚମ ସ୍ୱନକ୍ଷତ୍ର ଦିବସ ପାଳନ କରିବ ଦୈନିକ 'ସକାଳ'। ଏହି ଅବସରରେ ସାରା ରାଜ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା। ସବୁ ଜିଲ୍ଲା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁର ସହରରେ ଦୁଇ ପର୍ଯ୍ୟାୟରେ କନିଷ୍ଠ ଓ ବରିଷ୍ଠ ବର୍ଗଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଛି। କନିଷ୍ଠ ବର୍ଗରେ ଅଷ୍ଟମରୁ ଦଶମ ଶ୍ରେଣୀ ଓ ବରିଷ୍ଠ ବର୍ଗରେ କଲେଜ, ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଜିଲ୍ଲାସ୍ତରରେ ଉଭୟ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହେବେ।




# ମହଙ୍ଗା ହେବ ଔଷଧ

■ ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଜିଏସ୍‌ଟି ହାର ହ୍ରାସ ପରେ ଜନତାଙ୍କୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଥିଲା। ମାତ୍ର ଏହାର ସେତେ ଲାଭ ଜନସାଧାରଣଙ୍କୁ ମିଳିନାହିଁ। ଅନ୍ୟପକ୍ଷରେ କିଛି କମ୍ପାନୀ ଅସାଧୁଭାବେ ମୂଲ୍ୟ ସହିତ ପରିମାଣ କମାଇ ଅଧିକ ଲାଭ ଅର୍ଜନ କରୁଥିବା ଦେଖିବାକୁ ମିଳୁଛି। ଏବେ ପୁଣି ଜନତାଙ୍କୁ ବଡ଼ ଝଟ୍‌କା ଲାଗିବାକୁ ଯାଉଛି। ସରକାର ଫାର୍ମା କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଅର୍ଥାତ ଫାର୍ମାସ୍ୟୁଟିକାଲ ଇନ୍‌ପୁଟ ପାଇଁ ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମଆଇପି) ଧାର୍ଯ୍ୟ କରିବାକୁ ନିଷ୍ପତ୍ତି



ନେଇଛନ୍ତି। ଏଥିଯୋଗୁଁ ଔଷଧ ମୂଲ୍ୟ ବଢ଼ିପାରେ। ଫାର୍ମା ଉଦ୍ୟୋଗ ସହ ଜଡ଼ିତ ଅନେକ ବିଶେଷଜ୍ଞ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, କିଛି ଜରୁରୀ କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଆକ୍ଟିଭ ଫାର୍ମାସ୍ୟୁଟିକାଲ ଇନଗ୍ରିଡିଆଣ୍ଟ (ଏଆଇପି) ଏବଂ ଔଷଧ ଉତ୍ପାଦନ କରୁଥିବା କମ୍ପାନୀଙ୍କ ବ୍ୟୟ ବଢ଼ିବ। ବ୍ୟୟ ବଢ଼ିଲେ ଔଷଧ ମୂଲ୍ୟ ବୃଦ୍ଧି କରାଯିବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ରୋଗୀଙ୍କ ଉପରେ ପଡ଼ିବା ନିଶ୍ଚିତ।

ରିପୋର୍ଟ ଅନୁଯାୟୀ ଚୀନ୍ ଭଳି ଦେଶରୁ ଆସୁଥିବା ବିପୁଳ କଞ୍ଚାମାଲ ଆମଦାନୀ ହ୍ରାସ କରିବା ଏହାର ଉଦ୍ଦେଶ୍ୟ। କାରଣ ଏହା ଭାରତର ଘରୋଇ ଉତ୍ପାଦକଙ୍କ ସ୍ଥାୟୀ କ୍ଷମତାକୁ ପ୍ରଭାବିତ କରୁଛି। ତେବେ ଅନେକ ମେଡିକାଲ ବିଶେଷଜ୍ଞ ଏହି ପଦକ୍ଷେପ ଫାର୍ମା ଉଦ୍ୟୋଗ ପାଇଁ କ୍ଷତିକାରକ ହେବ ବୋଲି କହିଛନ୍ତି। ଏବେ ସରକାର ପେନସିଲିନ-ଜି, ଆମୋକ୍ସିଲିନ ପାଇଁ ଏମଆଇପି ଧାର୍ଯ୍ୟ କରିବାକୁ ବିଚାର କରୁଛନ୍ତି। ଆଣ୍ଟିବାୟୋଟିକରେ ପ୍ରସ୍ତୁତ ଏହି କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଏମଏସଏମଇ ଉପରେ ପ୍ରଭାବ ପଡ଼ିପାରେ। ଏହାଦ୍ୱାରା ୧୦ ହଜାରରୁ ଅଧିକ ଏମଏସଏମଇ ପ୍ରଭାବିତ ହୋଇପାରନ୍ତି। ଅନେକ ସଂସ୍ଥା ବନ୍ଦ ହୋଇପାରେ। ଏହାଦ୍ୱାରା ୨ ଲକ୍ଷ ଲୋକ ନିଯୁକ୍ତି ହରାଇବେ।

### ଠକେଇ ମାମଲାରେ ଆମେରିକା କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ

# ବାଇଜୁ ରବୀନ୍ଦ୍ରନଙ୍କୁ ୯ ହଜାର କୋଟି ଟଙ୍କା ଜୋରିମାନା




■ ୱାଶିଂଟନ, ୨୨।୧୧ (ଏଜେନ୍ସି): ଏଡ୍‌ଟେକ କମ୍ପାନୀ ବାଇଜୁସର ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନଙ୍କୁ ବଡ଼ ଝଟ୍‌କା ଲାଗିଛି। ଆମେରିକାର ବ୍ୟାଙ୍କରପ୍‌ସି କୋର୍ଟ ତାଙ୍କ ଉପରେ ୧ ବିଲିୟନ ଡଲାର ତଥା ୯ ହଜାର କୋଟି ଟଙ୍କାର ଜୋରିମାନା ଲଗାଇଛନ୍ତି। ଋଣ ଭାରରେ ବୁଡ଼ିଥିବା ରବୀନ୍ଦ୍ରନଙ୍କ ପାଇଁ ଏହା ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି। ବାଇଜୁସ ଆଲ୍‌ଫା ଏବଂ ଋଣ ଦେଇଥିବା ଆମେରିକା କମ୍ପାନୀ ଗ୍ଲାସ ଟ୍ରଷ୍ଟ ଏଲଏଲସିର ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବାଇଜୁସ ଆଲ୍‌ଫା ଏକ ଆମେରିକୀୟ କମ୍ପାନୀ। ଏହା ଭାରତୀୟ ଏଡଟେକ୍ ବାଇଜୁସର ସହାୟକ। ୨୦୨୧ରେ ଡେଲାୱେୟର (ଆମେରିକା)ରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ବାଇଜୁସ୍ ପାଇଁ ପାଣ୍ଠି ସଂଗ୍ରହ କରିବା ଏହାର ଉଦ୍ଦେଶ୍ୟ ଥିଲା। ସୂଚନା ଅନୁଯାୟୀ ବାଇଜୁ ରବୀନ୍ଦ୍ରନଙ୍କ କମ୍ପାନୀ ବାଇଜୁସ ୨୦୨୧ରେ ଆମେରିକା ବ୍ୟାଙ୍କ ଏବଂ ଲେଣ୍ଡର୍ସଙ୍କ ଏକ ଗ୍ରୁପଠାରୁ ପ୍ରାୟ ୧.୨ ବିଲିୟନ ଡଲାର ଅର୍ଥାତ୍ ୧୧ ହଜାର କୋଟି ଟଙ୍କା ଋଣ ନେଇଥିଲା। ଏହା ବାଇଜୁସର ପରିଚାଳନାରେ ବ୍ୟବହାର କରାଯାଇଥିଲା। ଋଣ ପରିଶୋଧରେ ବିଫଳ ହେବା ପରେ ୨୦୨୪ ଏପ୍ରିଲରେ ବାଇଜୁସ୍ ଆଲ୍‌ଫା ଏହାର ପ୍ରତିଷ୍ଠାତା ରବୀନ୍ଦ୍ରନ, ତାଙ୍କ ପତ୍ନୀ ଦିବ୍ୟା ଗୋକୁଳନାଥ, ଭାଇ ରାଜୁ ଏବଂ ଅନ୍ୟମାନଙ୍କ ଉପରେ ୫୩୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୪,୫୦୦ କୋଟି ଟଙ୍କାର ଚୋରି ଓ ଠକେଇ ଅଭିଯୋଗ ଲଗାଇ ମାମଲା ରୁଜୁ କରିଥିଲା। କିଛି ଦିନ ତଳେ କୋର୍ଟ ଏହି ମାମଲାରେ ରାୟ ଦେଇ ୧ ବିଲିୟନ ଡଲାର ଜୋରିମାନା ଲଗାଇଛନ୍ତି।

### ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ

# କେନ୍ଦ୍ରର ପ୍ରତ୍ୟାଖ୍ୟାନ; ରାଜ୍ୟକୁ ଧକ୍କା

## ଏକାଧିକ କାରଣ ଦର୍ଶାଇ ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଥିଲେ ଶକ୍ତି ସମୀକ୍ଷକ

■ ଭୁବନେଶ୍ୱର, ୨୨।୧୧ (ସମିସ): ଓଡ଼ିଶା କୋଲ ଏଣ୍ଡ ପାୱାର ଲିମିଟେଡ (ଓସିପିଏଲ)କୁ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ସହିତ ମିଶ୍ରଣ ନିମନ୍ତେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ରୋକଠୋକ ଖାରଜ କରି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ମନୋନୀତ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଓସିପିଏଲକୁ ସୂଚନା ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଘେରିଛନ୍ତି। କେଉଁ ଆଧାରରେ ସରକାର ଦୁଇ ସଂସ୍ଥାକୁ ମିଶ୍ରଣ ପାଇଁ ଯୋଜନା କରିଥିଲେ ଓ କ'ଣ ପାଇଁ କେନ୍ଦ୍ର ଏହାକୁ ଖାରଜ କଲେ ସେ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ଥିବା ବିରୋଧୀ କହିଛନ୍ତି।

ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡ଼ିଶା ସରକାର ଗତ ଅକ୍ଟୋବର ୮ ତାରିଖରେ ନୀତିଗତ ନିଷ୍ପତ୍ତି ନେବାପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଏକାନ୍ତ ଆବଶ୍ୟକ ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାପାଇଁ ଗତ ନଭେମ୍ବର ୧ ତାରିଖରେ ଓସିପିଏଲ ଏକ ପତ୍ର ମାଧ୍ୟମରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟକୁ ଆବେଦନ କରିଥିଲେ। ଓସିପିଏଲର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ନିଜର ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖାନ କରିଛନ୍ତି।

**ମିଶ୍ରଣ ପାଇଁ ରାଜ୍ୟ ସରକାର ଗତ ମାସରେ ନେଇଥିଲେ ନୀତିଗତ ନିଷ୍ପତ୍ତି**

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହିତ ଓସିପିଏଲ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଦ୍ୱିତୀୟରେ ଟାଙ୍ଗରଡିହି ଉତ୍ତର କୋଇଲାଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ-ଇନ ଅବଧିରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହି। ସେହିପରି ଟାଙ୍ଗରଡିହି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାଂପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ। ଅର୍ଥାତ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓସିପିଏଲ-ଓପିଜିସି ମିଶ୍ରଣ ପାଇଁ ଓସିପିଏଲର ଆବେଦନକୁ ଅଗ୍ରାହ୍ୟ କରିବା ସହିତ ଓଡ଼ିଶା ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଛନ୍ତି।

ଗତ ଅକ୍ଟୋବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏକ ନୋଟସିଟରେ ଶକ୍ତି ବିଭାଗକୁ ସୂଚିତ କରି ରାଜ୍ୟ ସରକାର ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବାପାଇଁ ନୀତିଗତ ନିଷ୍ପତ୍ତି ନେଇଥିବା ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ ସେତେବେଳେ ପ୍ରବଳ ସ୍ୱର ଉତ୍ତୋଳନ କରିଥିଲେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର। ଶ୍ରୀ ମହାପାତ୍ର କହିଥିଲେ ଯେ ମିଶ୍ରଣ ନିଷ୍ପତ୍ତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି ଯେ ମିଶ୍ରଣ ହୋଇଗଲେ ଜିଏସଟି କ୍ଷତିପୂରଣ ସେସ୍ ବାବଦକୁ ଟନ ପିଛା ୪୦୦ ଟଙ୍କା ଦେବାକୁ ▶ପୃଷ୍ଠା-୭

### ନୂଆପଡ଼ା ବ୍ୟବଚ୍ଛେଦ

# ବୁଥ୍‌ୱାରୀ ତଦନ୍ତ କରିବ ଦଳ

■ ଭୁବନେଶ୍ୱର, ୨୨।୧୧ (ସମିସ): ନୂଆପଡ଼ା ଉପ ନିର୍ବାଚନରେ ଶାସକ ବିଜେପି କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମକୁ ବ୍ୟବହାର କରି ଭୋଟ ହାତେଇଛନ୍ତି। ନୂଆପଡ଼ାବାସୀଙ୍କ ଜନାଦେଶ ଗୋଟିଏ ପଟେ ଥିବାବେଳେ ବିଜେପି ବହୁ ଉପାୟରେ ମତ ପରିବର୍ତ୍ତନ କରିବାରେ ସମର୍ଥ ହୋଇଛି। ନିର୍ବାଚନମଣ୍ଡଳୀର ୬୩ଟି ବୁଥରେ ବିଜେପି ଜାଲିଆତି କରିଛି। ଏହି ୬୩ଟି ବୁଥରେ ଦଳ ପକ୍ଷରୁ ତଦନ୍ତ, ତର୍ଜମା କରାଯିବ ବୋଲି ସୂଚନା ଦେଇଛନ୍ତି ବିଜେଡିର ରାଜନୈତିକ ବ୍ୟାପାର କମିଟି ସଦସ୍ୟା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା



**ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ**

**ବିଜେପିର ଜାଲିଆତିକୁ ବରଦାସ୍ତ କରିବନି ବିଜେଡି**

**କୌଶଳ କରି ଭୋଟ ଦେବାରୁ ଲୋକଙ୍କୁ ରୋକାଯାଇଛି**

ମଲ୍ଲିକ। ଶନିବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର କମିଟି ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଯେପରି ଭାବେ କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମ୍‌କୁ ଶାସକ ଦଳ ବ୍ୟବହାର କରି ଭୋଟ ହାତେଇଛନ୍ତି, ସେ ନେଇ ଆଲୋଚନା କରାଯାଇଛି। ▶ପୃଷ୍ଠା-୭

### ପୁଲିସ ଚାକିରି ବେପାର

# ପୁଣି ୪ ପରୀକ୍ଷାର୍ଥୀଙ୍କୁ ସିବିଆଇର ଜେରା

■ ଭୁବନେଶ୍ୱର, ୨୨।୧୧ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ୪ଜଣ ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ସକାଳେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେମାନଙ୍କୁ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲା। ତେବେ ଆଗକୁ ସିବିଆଇ କାର୍ଯ୍ୟାଳୟରେ ଏସ୍‌ଆଇ ପରୀକ୍ଷା ବଡ଼ବଡ଼ିଆ ହାଜର ହେବେ। ସେମାନଙ୍କୁ ଜେରା କରିବାକୁ ସିବିଆଇ ଯୋଜନା ପ୍ରସ୍ତୁତ କରୁଛି। ଏମାନଙ୍କ ମଧ୍ୟରୁ କେତେକ ପୁଲିସ ଦ୍ୱାରା ଗିରଫ ହୋଇଥିଲା ବେଳେ କିଛି ଆଶାୟୀ ସିବିଆଇ ତଦନ୍ତରେ ସ୍ୱେଚ୍ଛାକୃତ ▶ପୃଷ୍ଠା-୭

**ଆଗକୁ ବଡ଼ବଡ଼ିଆଙ୍କ ପାଳି!**

### ଖୋର୍ଦ୍ଧା ମେଡିକାଲରୁ ଅପହୃତା ଛାତ୍ରୀ ଉଦ୍ଧାର ଘଟଣାରେ ନୂଆ ମୋଡ଼

# ଗଣଦୁଷ୍କର୍ମ ପରେ ହସ୍ପିଟାଲରେ ଛାଡ଼ିଦେଲେ !

■ ଖୋର୍ଦ୍ଧା/ବେଗୁନିଆ, ୨୨।୧୧ (ସମିସ): ବାଘମାରୀ ଥାନା ଅଞ୍ଚଳରୁ ନିଖୋଜ କଲେଜ ଛାତ୍ରୀ ଖୋର୍ଦ୍ଧା ମେଡିକାଲରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର ହେବା ଘଟଣା ନୂଆ ମୋଡ଼ ନେଇଛି। ସଂପୃକ୍ତ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ପରିବାରଲୋକ ସନ୍ଦେହ କରୁଛନ୍ତି। କିଛି ଦୁର୍ବୃତ୍ତ ତାଙ୍କୁ ଅପହରଣ କରିବା ପରେ ଗଣଦୁଷ୍କର୍ମ କରିଥିଲେ। ଏଥିରେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଚେତାଶୂନ୍ୟ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ଅପରପକ୍ଷେ, ଛାତ୍ରୀଙ୍କ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ପୁଲିସ ତାଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରିଥିବା ଜଣାଯାଇଛି। ଏହାସହ ଏହି ଘଟଣାରେ ପୁଲିସ ଖୋର୍ଦ୍ଧା ମେଡିକାଲରେ କାର୍ଯ୍ୟରତ

**ଖୋର୍ଦ୍ଧା ମେଡିକାଲର ୨ ସୁରକ୍ଷା କର୍ମୀଙ୍କ ସମେତ ୬ ଅଟକ**

**ସିସିଟିଭି ଫୁଟେଜ ଯାଞ୍ଚ, ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ଉ**

ମହିଳା ଓ ପୁରୁଷ ସୁରକ୍ଷାକର୍ମୀଙ୍କ ସମେତ ୬ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ପୁଲିସ ମୁହଁ ଖୋଲୁନାହିଁ। ତେବେ ନାବାଳିକା ଛାତ୍ରୀଙ୍କ ପରିବାର ଅଭିଯୋଗ ଉପରେ ଏକ ମାମଲା ରୁଜୁ କରି ତଦନ୍ତକୁ ଜୋର୍ କରିଥିବା ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଖୋର୍ଦ୍ଧାର ଏକ କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢ଼ନ୍ତି। ଗତ ୧୮ ତାରିଖ ଦିନ ସେ କଲେଜରୁ ଘରକୁ ଫେରିନଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ୧୯ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଦିନ ଝିଅ କଲେଜକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ବେଳେ ୪ଜଣ ତାଙ୍କୁ କାରରେ ଜୋରଜବରଦସ୍ତ ନେଇ ଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା। ମାତ୍ର ପୁଲିସ ସେମାନଙ୍କ ଅଭିଯୋଗକୁ ହାଲକା ଭାବେ ନେଇଥିବା ▶ପୃଷ୍ଠା-୭

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା !

■ ବ୍ରହ୍ମପୁର, ୨୨।୧୧ (ସମିସ): ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା। ଗଞ୍ଜାମ ଜିଲ୍ଲା ନିମଖଣ୍ଡି ଥାନାରେ ଆଜି ଏପରି ଏକ ଅଭିଯୋଗ ହୋଇଛି। ମୃତକ ହେଲେ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀଙ୍କ ପୁଅ ମିଳନ। ସାଇବାଣୀଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ କେନ୍ଦ୍ରର ପରିଚାଳକ ଓ ସହଯୋଗୀଙ୍କୁ ଥାନାକୁ ଡାକି ପୁଲିସ ପଚରାଉଚରା କରୁଛି।

ସୂଚନାନୁଯାୟୀ, ମିଳନ ଅତ୍ୟଧିକ ନିଶା ସେବନ କରୁଥିବାରୁ ପରିବାର ଲୋକ ଚିନ୍ତାରେ ଥିଲେ। ତାଙ୍କ ନିଶା ଛଡ଼ାଇବା ପାଇଁ ପରିବାରଲୋକ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଇଥିଲେ। ଗତ ୧୬ ତାରିଖରେ ମିଳନ ଉକ୍ତ କେନ୍ଦ୍ରକୁ ଯାଇଥିଲେ। ସେତେବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକଠାକ୍ ଥିଲା। କିନ୍ତୁ, ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୨ଟାରେ ଉକ୍ତ କେନ୍ଦ୍ରର ପରିଚାଳକ ଫୋନ କରି ତାଙ୍କ ପରିବାରଲୋକଙ୍କୁ ଏମ୍‌କେସିଜି ମେଡିକାଲକୁ ଡକାଇଥିଲେ। ମିଳନ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି କହିଥିଲେ। ମାତ୍ର ମେଡିକାଲରେ ପହଞ୍ଚିବା ବେଳକୁ ମିଳନଙ୍କ ମୃତ୍ୟୁ ହୋଇସାରିଥିବା ମା' ସାଇବାଣୀ ଦେଖିବାକୁ ପାଇଥିଲେ। ତାଙ୍କ ହାତ, ଗୋଡ଼ରେ କ୍ଷତ ଚିହ୍ନ ରହିଥିଲା। ତେଣୁ, କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ପୁଅକୁ ହତ୍ୟା କରିଛନ୍ତି ବୋଲି ସାଇବାଣୀ ଅଭିଯୋଗରେ ଦର୍ଶାଇଛନ୍ତି।

ପ୍ରକାଶଥାଉ, ୨ମାସ ତଳେ ସଦର ଥାନା ଅନ୍ତର୍ଗତ ଲାଠିରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ।

# ଚୀନ୍ ନିର୍ମାଣ କରୁଛି ପ୍ରଥମ କୃତ୍ରିମ ଭାସମାନ ଦୀପ



ବେଜିଂ, ୨୨।୧୧(ଏଜେନ୍ସି): ଚୀନ୍ ସବୁବେଳେ ନୂଆ ନୂଆ ଆବିଷ୍କାର ଓ ଉଦ୍ଭାବନ ନେଇ ସାରା ବିଶ୍ୱକୁ ଚକିତ କରିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଚୀନ୍ ଏବେ ଏକ ବିଶାଳ ଭାସମାନ ଦୀପ ନିର୍ମାଣ କରୁଛି । ପରମାଣୁ ଆକ୍ରମଣର ସକ୍‌ୱେଭ୍‌ରୁ ବର୍ତ୍ତି ପାରିବା ଭଳି ଏହି ଦୀପର ଡିଜାଇନ୍ କରାଯାଇଛି । ୭୮ ୦୦୦ ଟନ୍ ଓଜନ, ଅଧା ବୁଡି ପାରୁଥିବା ଏହି ଭ୍ରାମ୍ୟମାଣ ଦୀପ ସମୁଦ୍ରରେ ଦୀର୍ଘ ସମୟ ଧରି ତିଷ୍ଠି ପାରିବ । ଏହି କୃତ୍ରିମ ହ୍ରଦ ଉପରେ ୨୩୮ ଲୋକ ରହିପାରିବେ । ଏହାର ଭିତ୍ତିଭୂମି ଚୀନ୍‌ର ଫୁଜିଆନ ବିମାନ ବାହକ ଜାହଜ ଭଳି ବୃହତ୍ । ଏହା ୨୦୨୮ରେ କାର୍ଯ୍ୟକ୍ଷମ ହେବ । ଏହା ୬-୯ ମିଟର ଲମ୍ବ ତରଙ୍ଗ ଓ ବଡ଼ ବଡ଼ ବାତ୍ୟାର ସମ୍ମୁଖୀନ ହେବା ସହ ଅଶାନ୍ତ ସମୁଦ୍ରକୁ ସହ୍ୟ କରିପାରିବ । ଏହାର ଲମ୍ବ ୧୩୮ ମିଟର ହୋଇଥିବା ବେଳେ ଚଉଡା ୮୫ ମିଟର ରହିଛି । ଏହାର ମୁଖ୍ୟ ଡେକର ଉଚ୍ଚତା ୪୫ ମିଟର ରହିଥିବା ବେଳେ ଏହା ପରମାଣୁ ଆକ୍ରମଣକୁ ସହ୍ୟ କରିବାର କ୍ଷମତା ବହନ କରିବ । ଏହା କ୍ୟାଟାଗୋରି-୧୭ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇପାରିବ । ଏହାକୁ ଚୀନ୍ ବିବାଦୀୟ ଦକ୍ଷିଣ ଚୀନ୍ ସାଗରରେ ନିୟୋଜିତ କରିପାରିବ । ଏହାର ଆକାର, ଗତିଶୀଳତା, ସହନ ଶକ୍ତି କାରଣରୁ ଚୀନ ଏହାକୁ ଯେକୌଣସି ସ୍ଥାନରେ ବ୍ୟବହାର କରିପାରିବ । କିନ୍ତୁ ଚୀନ୍ ଏହାକୁ ଏକ ନାଗରିକ ପରିଯୋଜନା ବୋଲି କହୁଛି । ଯଦି ପରମାଣୁ ଆକ୍ରମଣ ହୁଏ, ତେବେ ଏହା ତିଷ୍ଠି ପାରିବ ଓ ନିଜ କାର୍ଯ୍ୟ ଜାରି ରଖିପାରିବ । ଚୀନ୍‌ର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ କିପରି କାର୍ଯ୍ୟ କରିବ ତାହା ୨୦୨୮ ପରେ ହିଁ ଜଣାପଡ଼ିବ ।

# ଇଣ୍ଡୋନେସିଆରେ ଅଗ୍ନି ଉଦ୍‌ଗୀରଣ

## ଉଦ୍ଧାର ହେଲେ ୧୭୦ ପର୍ବତାରୋହୀ

ଜାକର୍ତ୍ତା, ୨୨।୧୧(ଏଜେନ୍ସି): ଇଣ୍ଡୋନେସିଆର ଜାଭା ଦୀପରେ ଥିବା ସେମେରୁ ଆଗ୍ନେୟଗିରିରେ ଅଗ୍ନିଉଦ୍‌ଗିରଣ ହୋଇଛି । ଫଳରେ ଆକାଶରେ ୬, ୫୦୦ ଫୁଟ୍ ଉଚ୍ଚର ପାଉଁଶର ଏକ ଲମ୍ବା ଧାର ଦେଖିବାକୁ ମିଳିଛି । ଏହି ଆଗ୍ନେୟଗିରିରୁ ଅତ୍ୟନ୍ତ ଉତପ୍ତ ଲାଭା ୨୦ କିମି ପର୍ଯ୍ୟନ୍ତ ପ୍ରବାହିତ ହୋଇଛି । ରାସ୍ତା, ପୋଲ ଓ ଆଖପାଖ ଅଞ୍ଚଳ ପାଉଁଶ ଦ୍ୱାରା ଆଚ୍ଛାଦିତ ହୋଇଛି । ନିକଟବର୍ତ୍ତୀ ଗାଁଗୁଡିକରୁ ଲୋକଙ୍କୁ ଖାଲି କରାଯାଇଛି । ୩ ଗାଁରୁ ପାଖାପାଖି ୧, ୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଆକାଶରେ ଧୂଆଁ ଉଡିବା କାରଣରୁ କେତୋଟି ଗାଁରେ ଦିନରେ ମଧ ଅନ୍ଧାର ଆଚ୍ଛାଦିତ ହୋଇଥିଲା । ସଲଫରର ଗନ୍ଧ ଉତ୍କଟ ସ୍ଥିତି ସୃଷ୍ଟି କରିଥିଲା । ଏପରିକି ଉତପ୍ତ ଲାଭାରେ କିଛି ଲୋକ ଜଳିଯାଇଛନ୍ତି । ପ୍ରତିବର୍ଷ ଇଣ୍ଡୋନେସିଆରେ ୪ରୁ ୫ଟି ଜ୍ୱାଳାମୁଖି ଉଦ୍‌ଗିରଣ ହୋଇଥାଏ । ମାଉଣ୍ଟ ସେମେରୁ ହେଉଛି ଜାଭା ଦୀପର ଉଚ୍ଚତମ ଶୃଙ୍ଗ । ନଭେମ୍ବର ୧୯ରେ ଏଥିରେ ଉଦ୍‌ଗିରଣ ହୋଇଥିଲା । ଫଳରେ ସେଠାକାର ଶିବିରରେ ଥିବା ୧୭୦ରୁ ଉର୍ଦ୍ଧ୍ୱ ପର୍ବତାରୋହୀ ଫସି ରହିଥିଲେ । ସମସ୍ତଙ୍କୁ ଇଣ୍ଡୋନେସିଆର ଅଧିକାରୀମାନେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି । ଏହା ପୂର୍ବରୁ ୨୦୨୧ ଡିସେମ୍ବରରେ ମାଉଣ୍ଟ ସେମେରୁରେ ବଡ଼ ଧରଣର ବିସ୍ଫୋଟ ହୋଇଥିଲା । ଏହି ବିସ୍ଫୋଟରେ ୫୧ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଘର ନଷ୍ଟ ହୋଇଥିଲା । ଉଲ୍ଲେଖଥାଉ କି, ଇଣ୍ଡୋନେସିଆ 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳରେ ଅବସ୍ଥିତ । ଏହି କାରଣରୁ ଏଠାରେ ଭୂକମ୍ପ ଓ ଜ୍ୱାଳାମୁଖୀ ବିସ୍ଫୋରଣ ଏକ ସାଧାରଣ କଥା ।



# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ-ମମ୍‌ଦାନୀ ଭେଟଘାଟ

- ନିର୍ବାଚନ ବେଳେ ବିଷୋଦଗାର
- ଏବେ ଏକାଠି ହେଲେ
- ଭାରତରେ କେବେ? : ଥରୁର

ୱାଶିଂଟନ, ୨୨।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ନ୍ୟୁୟର୍କ ସିଟିର ନବନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ପ୍ରଥମଥର ପାଇଁ ପରସ୍ପରକୁ ସାକ୍ଷାତ କରିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ଏହି ସାକ୍ଷାତ ଆଲୋଚନା ଆମେରିକା ରାଜନୀତିରେ ଚର୍ଚ୍ଚାର କେନ୍ଦ୍ର ହୋଇଛି । କାରଣ ମେୟର ନିର୍ବାଚନ ବେଳେ ଦୁଇ ନେତା ପରସ୍ପରକୁ ଅତି କଡ଼ା ଭାଷାରେ ସମାଲୋଚନା କରିଥିଲେ । ଏପରିକି ପରସ୍ପର ବିରୋଧରେ ବିଷୋଦଗାର କରିବାକୁ ପଛାଇ ନଥିଲେ । ନିର୍ବାଚନ ପରେ ଏହି ଦୁଇ ନେତା ହ୍ୱାଇଟ୍ ହାଉସରେ ଏକାଠି ହୋଇ ସାକ୍ଷାତ ଆଲୋଚନା କରିବା ଏବଂ ଆଲୋଚନା ବେଳେ ପରିବେଶ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବା ଘଟଣା ଦେଶବାସୀଙ୍କୁ ଆଶ୍ୱସ୍ତ କରିଛି । ସାକ୍ଷାତ ଆଲୋଚନା ପରେ ଉଭୟ ଟ୍ରମ୍ପ ଏବଂ ମମଦାନୀ ଗଣମାଧ୍ୟର ସାମନା ମଧ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ରହିଥିବା ଦୁଇ ନେତା କହିଛନ୍ତି । ତେବେ ଜଣେ ସମ୍ବାଦିକ ମମ୍‌ଦାନୀଙ୍କୁ ଏମିତି ଏକ ପ୍ରଶ୍ନ ପଚାରିଥିଲେ, ଯାହାକି ଟିକିଏ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା । କିନ୍ତୁ ଟ୍ରମ୍ପ ଏହାର ଏମିତି ଉତ୍ତର ଦେଲେ ଯେ ଗଣମାଧ୍ୟମ ପ୍ରତିନିଧି ଆଚମ୍ବିତ ହୋଇପଡ଼ିଥିଲେ । ମମଦାନୀଙ୍କୁ ସାମ୍ବାଦିକଙ୍କ ପ୍ରଶ୍ନ ଥିଲା-ଆପଣ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ନେତା ବୋଲି ବିବେଚନା କରୁଛନ୍ତି କି? ମମଦାନୀଙ୍କୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ ମମଦାନୀଙ୍କୁ କହିଥିଲେ ଯେ, ହଁ କହିଦିଅ, ମତେ କିଛି ଫରକ ପଡ଼ିବ ନାହିଁ । ସୂଚନାଯୋଗ୍ୟ ଯେ ନ୍ୟୁୟର୍କ ମେୟର ନିର୍ବାଚନ ସମୟରେ ଟ୍ରମ୍ପ ମମ୍‌ଦାନୀଙ୍କୁ କମ୍ୟୁନିଷ୍ଟ ପାଗଳ ଓ ଜିହାଦୀ ବୋଲି କହିଥିଲେ । ସେହିପରି ମମ୍‌ଦାନୀ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ଓ ଫାସିଷ୍ଟ ବୋଲି କହିଥିଲେ । ତେବେ ବର୍ତ୍ତମାନ ମମ୍‌ଦାନୀଙ୍କୁ ମୁଁ ଜିହାଦୀ ବୋଲି ମାନୁନାହିଁ ବୋଲି ଟ୍ରମ୍ପ କହିଥିଲେ । ନ୍ୟୁୟର୍କ ପୁଣି ସୁନ୍ଦର ହେବା ଆବଶ୍ୟକ । ତେଣୁ ନ୍ୟୁୟର୍କକୁ ପୁଣି ସୁନ୍ଦର କରିବା ସହ ଏହାର ବିକାଶ କରିବା ଦିଗରେ ମମ୍‌ଦାନୀ କାର୍ଯ୍ୟ କଲେ ଅଧିକ ଖୁସି ହେବି ବୋଲି ଟ୍ରମ୍ପ କହିଥିଲେ । ସେହିପରି ଟ୍ରମ୍ପଙ୍କ ସହ ସାକ୍ଷାତକୁ ବହୁତ ଫଳପ୍ରଦ ବୋଲି ମମ୍‌ଦାନୀ କହିଛନ୍ତି ।

ଟ୍ରମ୍ପ ଓ ମମ୍‌ଦାନୀଙ୍କ ସାକ୍ଷାତକୁ କଂଗ୍ରେସ ସାଂସଦ ଶଶୀ ଥରୁର ପ୍ରଶଂସା କରିଛନ୍ତି । ସେ ମଧ ଏହାର ଭିଡିଓ ସେୟାର କରିଛନ୍ତି । ଗଣତନ୍ତ୍ରରେ ଏହି ଭଳି କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି । ନିର୍ବାଚନରେ ନିଜର ବିଚାରଧାରା ସହ ପୂରା ଶକ୍ତି ଓ ସାମର୍ଥ୍ୟ ଖଟାଇ ଲଢ଼ିବା ଉଚିତ । କିନ୍ତୁ ନିର୍ବାଚନ ସରିଲେ ଦେଶହିତ ପାଇଁ ସାଥୀ ହୋଇ କାର୍ଯ୍ୟ କରିବା ଉଚିତ । ଭାରତରେ ମଧ ଏଭଳି ପରିବେଶ ସୃଷ୍ଟି ହେଉ ବୋଲି ଥରୁର କହିଛନ୍ତି । ଥରୁରଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରଶଂସା କରିଛି ।



# ଧରାବୀରେ ନିଆଁ; ରେଳ ଚଳାଚଳ ବାଧାପ୍ରାପ୍ତ

ମୁମ୍ବଇ, ୨୨।୧୧(ଏଜେନ୍ସି): ମୁମ୍ବଇର ଧରାବୀ ନିକଟସ୍ଥ ରେଳ ଲାଇନ୍ ପାଖରେ ନବରଙ୍ଗ କମ୍ପାଉଣ୍ଡରେ ଶନିବାର ଅପରାହ୍ଣରେ ନିଆଁ ଲାଗିଛି । ଫଳରେ ୱେଷ୍ଟର୍ଣ୍ଣ ରେଳବାଇର ମୁମ୍ବଇ ସେଣ୍ଟ୍ରାଲ ଡିଭିଜନ୍‌ରେ ରେଳ ଚଳାଚଳ ଆଂଶିକ ଭାବେ ବାଧାପ୍ରାପ୍ତ ହୋଇଛି । ବାନ୍ଦ୍ରା ଓ ମାହିମ୍ ମଧ୍ୟରେ ଝୁପି ହାର୍ବର ଲାଇନରେ ଥିବା ଝୁମ୍ପୁଡି ଘରେ ଅଗ୍ନିକାଣ୍ଡ ଘଟିବା ପରେ ଏହି ସମସ୍ୟା ଉପୁଜିଛି । ଅପରାହ୍ଣ ୧୨.୨୫ରେ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା । ଫଳରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଧିକାରୀମାନେ ଉପରେ ଯାଇଥିବା ଇଲେକଟ୍ରିକ୍ ଯୋଗାଣକୁ ବନ୍ଦ କରିଥିଲେ । ଅଗ୍ନିକାଣ୍ଡଠାରୁ ରେଳ ଚଳାଚଳ ନିରାପଦ ଦୂରରେ ଥିବାରୁ ଟ୍ରେନ୍ ଓ ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି । ଘଟଣାସ୍ଥଳରେ ଦମକଳ ବାହିନୀ ଓ ରେଳବାଇ କର୍ମଚାରୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ଅପରାହ୍ଣ ୨ଟାରେ ଟ୍ରେନ୍ ଚଳାଚଳ ପୁଣି ଆରମ୍ଭ ହୋଇଥିଲା । ତେବେ ଟ୍ରେନ୍‌ର ଗତିକୁ ଘଣ୍ଟା ପ୍ରତି ୪୫ କିମିରେ ସୀମିତ ରଖାଯାଇଥିଲା ।

# ଉତ୍ତରାଖଣ୍ଡରେ ହ୍ରଦ ପାଲଟିଲା ବରଫ

ନୂଆଦିଲ୍ଲୀ, ୨୨।୧୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି କାରଣରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ହିମାଳୟ କ୍ଷେତ୍ରରେ ଥିବା ରାଜ୍ୟମାନଙ୍କରେ ତୁଷାରପାତ ଆରମ୍ଭ ହୋଇଛି । ସମତଳ ଅଞ୍ଚଳରେ ଖାସ୍ କରି ମଧ୍ୟପ୍ରଦେଶରେ ମଧ ପ୍ରବଳ ଶୀତର ପ୍ରଭାବ ଦେଖିବାକୁ ମିଳିଛି । ଫଳରେ ଗତ ଦୁଇଦିନ ମଧ୍ୟରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଭୋପାଳ, ଇନ୍ଦୋର ସମେତ ୭ଟି ଜିଲ୍ଲାରେ ଶୀତ ଲହରି ଖେଳିଯାଇଛି । ସେପଟେ ଉତ୍ତରାଖଣ୍ଡର ଚାମୋଲି ସ୍ଥିତ ବଦ୍ରିନାଥ ଧାମରେ ଏବର୍ଷ ଗୁରୁବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି । ଫଳରେ ପୂରା ମନ୍ଦିର ପରିସର ବରଫର ଧଳା ଚାଦରରେ ଛାଇ ହୋଇଯାଇଛି । ଏଠାରେ ତାପମାତ୍ର ୬ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି । ସେହିପରି ଉତ୍ତରାଖଣ୍ଡରେ ହ୍ରଦ ପୂରା ବରଫ ପାଲଟିଯାଇଛି । ଚମୋଲି ଜିଲ୍ଲାର ଶେଷନେତ୍ର ହ୍ରଦ ଜମିଯାଇଛି । ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ତାପମାତ୍ରାରେ ହ୍ରାସ ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି ।

# ଡ୍ରାଇଭରଙ୍କୁ ହୃଦ୍‌ଘାତ: ୪-୫ ବାଇକ୍ ଉପରେ ଚଢ଼ିଗଲା କାର୍; ୪ ମୃତ

ଥାଣେ, ୨୨।୧୧(ଏଜେନ୍ସି): ମହାରାଷ୍ଟ୍ରର ଥାଣେ ଜିଲ୍ଲାରେ ଅମ୍ବରନାଥ ସହରରେ ଶୁକ୍ରବାର ସନ୍ଧ୍ୟା ୬.୪୨ରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଜଣେ ଡ୍ରାଇଭର ହୃଦ୍‌ଘାତ୍‌ର ସମ୍ମୁଖୀନ ହେବା ଫଳରେ ନିୟନ୍ତ୍ରଣ ହରାଇ ଏକ ଟାଟା ନେକ୍ସନ କାର୍ ସାମ୍ନାପଟୁ ଆସୁଥିବା ବାହାନଗୁଡିକୁ ଧକ୍କ ଦେବା ପଲଟି ଯାଇଥିଲା । କାର୍‌ଟି ୪-୫ ବାଇକ୍‌କୁ ଧକ୍କା ଦେଇଥିଲା । ସହରର ଫ୍ଲାଏଓଭର ଉପରେ ହିଁ ଏହି ଦୁର୍ଘଟଣା ଘଟିଛି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏଥିରେ ୪ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । କାର ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବାଇକ୍ ଚଢ଼ିଥିବା ଜଣେ ଲୋକ ଫ୍ଲାଏ ଓଭର ଉପରୁ ଉପରକୁ ଉଠି ତଳେ ଖସି ପଡ଼ିଥିଲେ । ସମ୍ପୂର୍ଣ୍ଣ ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି । ଦୁର୍ଘଟଣା ପରେ ଫ୍ଲାଏଓଭର ଓ ସଡ଼କର ଦୁଇପଟେ ଲୋକଙ୍କ ଭିଡ଼ ଜମା ହୋଇଥିଲା । ଏହାପରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା । ଆହତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣା କାରଣ ନେଇ ଯାଞ୍ଚ ଆରମ୍ଭ କରିଛି । ମୃତକ ଓ ଆହତଙ୍କ ପରିଚୟ ପାଇବାକୁ ପୁଲିସ ପ୍ରୟାସ ଜାରି ରଖିଛି ।

# ଆତଙ୍କବାଦ-ନିଶା ଚାଲାଣ ମେଣ୍ଟ ଭଙ୍ଗାଯାଉ

■ ଜି-୨୦ ସମ୍ମିଳନୀରେ ମୋଦୀ ଦେଲେ ପ୍ରସ୍ତାବ

ଜୋହାନ୍ସବର୍ଗ, ୨୨।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଯୋଗଦେଇ ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନର



ମୁକାବିଲା ପାଇଁ ଭାରତର ଆଭିମୁଖ୍ୟ ରଖିଛନ୍ତି ।। ଆତଙ୍କବାଦ ଓ ନିଶା କାରବାର ବିରୋଧେରେ ବିଶ୍ୱ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ ସାରା ବିଶ୍ୱରେ ସିନ୍ଥେଟିକ୍ ଡ୍ରଗ୍ସ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଏହା କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ, ସାମାଜିକ ସ୍ଥିରତା ଓ ସୁରକ୍ଷା ପ୍ରତି ସବୁଠାରୁ ବଡ଼ ବିପଦ । ଏଭଳି ନିଶା କାରବାର ବିଶ୍ୱରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବାରେ ସହାୟକ ହେଉଛି । ନିଶା କାରବାର ଏବଂ ଆତଙ୍କବାଦର ଏହି ନେଟୱାର୍କକୁ ଧ୍ୱଂସ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଆଉ ତିନିଟି ନୂଆ ପ୍ରସ୍ତାବ ଦେଇଛନ୍ତି । ଏଥିରେ ଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ପ୍ରସ୍ତାବ ରହିଛି । ଏହା ସାମୂହିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ମୋଦୀ କହିଛନ୍ତି ।

ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମର ପୁତିନ ସାମିଲ ହୋଇନାହାନ୍ତି । ଜିନପିଙ୍ଗ ଅସୁସ୍ଥତା କାରଣରୁ ଆସିପାରିନଥିବା ବେଳେ ପୁତିନ ଗିରଫ ଭୟରେ ଆସି ନାହାନ୍ତି । ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସମ୍ମିଳନୀକୁ ବର୍ଜନ କରିଛନ୍ତି । ଆସନ୍ତା ବର୍ଷ ପାଇଁ ଆମେରିକାକୁ ଜି-୨୦ର ଅଧକ୍ଷତା ମିଳିବାର ଥିଲା । କିନ୍ତୁ ଆମେରିକାର କୌଣସି ପ୍ରତିନିଧି ଆଜି ଏଥିରେ ସାମିଲ ହୋଇ ନାହାନ୍ତି । ତେଣୁ ଆୟୋଜକ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମଫୋସା 'ଖାଲି ଚୌକି'କୁ ଅଧକ୍ଷତା ପ୍ରଦାନ କରିବେ ବୋଲି କହିଛନ୍ତି । ଟ୍ରମ୍ପଙ୍କ ଅନୁପସ୍ଥିତି ସତ୍ତ୍ୱେ ଅନ୍ୟ ଦେଶ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତ କରିଥିବା ଘୋଷଣାପତ୍ରକୁ ମଞ୍ଜୁରି ଦେଇଛନ୍ତି ।

# ୨୧୫ ଛାତ୍ରଙ୍କୁ ଅପହରଣ

ଅବୁଜା, ୨୨।୧୧(ଏଜେନ୍ସି): ନାଇଜେରିଆ ସ୍କୁଲ୍‌ରେ ପୁଣି ଏକ ଅପହରଣ କାଣ୍ଡ ଘଟିଛି । ଏକ କ୍ୟାଥେଲିକ୍ ବୋର୍ଡିଂ ସ୍କୁଲ୍‌ରେ କେତେଜକ ଅଜଣା ବନ୍ଧୁକଧାରୀ



ଲୋକ ୨୨୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କୁ ଅପହରଣ କରିଛନ୍ତି । ଖ୍ରୀଷ୍ଟିଆନ୍ ଆସୋସିଏସନ ଅଫ୍ ନାଇଜେରିଆ (ସିଏଏନ୍) ତରଫରୁ କୁହାଯାଇଛି ଯେ, ସ୍କୁଲ୍‌ରୁ ୨୨୭ ଜଣ ଲୋକଙ୍କୁ ଅପହରଣ କରାଯାଇଛି । ଏମାନଙ୍କ ମଧ୍ୟରେ ୨୧୫ ଜଣ ଛାତ୍ର ଓ ୧୨ ଜଣ ଶିକ୍ଷକ ସାମିଲ ରହିଛନ୍ତି । ବନ୍ଧୁକଧାରୀମାନେ ସ୍କୁଲ୍‌ରେ ଧସେଇ ପସିବା ସହ ଛାତ୍ର, ଶିକ୍ଷକ ଓ ଜଣେ ସୁରକ୍ଷାକର୍ମୀଙ୍କୁ ଉଠାଇ ନେଇଥିଲେ । ସୁରକ୍ଷାକର୍ମୀଙ୍କୁ ସେମାନେ ଗୁଳି ମଧ ମାରିଥିଲେ । କିଛି ଛାତ୍ର ଦୌଡ଼ି ପଳାଇବା ସହ ନିଜକୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ । ଏବେ ଏହି ସ୍କୁଲ୍‌କୁ ବନ୍ଦ କରାଯାଇଛି । ପିତାମାତା ନିଜ ପିଲାଙ୍କୁ ଘରକୁ ନେବା ପାଇଁ ସ୍କୁଲ୍‌ରେ ପହଞ୍ଚିଛନ୍ତି । ଶୁକ୍ରବାର ସକାଳେ ନାଇଜର ରାଜ୍ୟର ଅଗୱାରା ଜିଲ୍ଲାରେ ପାପରି କମ୍ୟୁନିଟିସ୍ଥିତ ସେଣ୍ଟ ମେରୀ ସ୍କୁଲରେ ଏହି ଘଟଣା ଘଟିଥିଲା । ଭୋରରୁ ଏହି ଘଟଣା ଘଟିଥିଲା ବୋଲି ପୁଲିସ କହିଛି । ନିଜ ପିଲାଙ୍କୁ ଖୋଜି ପାଉ ନଥିବାରୁ ପିତାମାତା ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏହାର କିଛିଦିନ ପୂର୍ବରୁ ନାଇଜେରିଆର ଉତ୍ତର ପଶ୍ଚିମ ରାଜ୍ୟର କେବି ଜିଲ୍ଲାରେ ଏକ ସେକେଣ୍ଡାରୀ ସ୍କୁଲ୍‌ରେ ପଶି ୨୫ ଜଣ ଛାତ୍ରୀଙ୍କୁ ଅପହରଣ କରିଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଖସିଆସିଥିବା ବେଳେ ବାକି ୨୪ଜଣ ଛାତ୍ର ଏବେ ମଧ ନିଖୋଜ ଅଛନ୍ତି ।

# ପାକିସ୍ତାନ ଦେଇ ଆସୁଛି ଚୀନ-ତୁର୍କୀ ନିର୍ମିତ ଅସ୍ତ୍ରଶସ୍ତ୍ର

■ ପଞ୍ଜାବ ଗ୍ୟାଙ୍ଗର ପର୍ଦ୍ଦାଫାସ୍

ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଦିଲ୍ଲୀ ପୁଲିସ ଶନିବାର ଏକ ବଡ଼ଧରଣର ବେଆଇନ ଅସ୍ତ୍ରଶସ୍ତ୍ର କାରବାର କରୁଥିବା ଅନ୍ତର୍ଜାତୀୟ ର୍‌ୟାକେଟର ପର୍ଦ୍ଦାଫାସ ହୋଇଛି । ଏହି ନେଟୱାର୍କରେ ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସାମିଲ ରହିଛି । ଚୀନ୍, ତୁର୍କୀରୁ ଅସ୍ତ୍ରଶସ୍ତ୍ର ଅଣଯାଇ ପାକିସ୍ତାନରୁ ଭାରତ ପଠା ଯାଉଥିଲା । ଏଥିପାଇଁ ଡ୍ରୋନ ବ୍ୟବହାର କରାଯାଉଥିଲା । ଏହି ମାମଲାରେ ଦିଲ୍ଲୀ ପୁଲିସ ଚାରି ଜଣଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରେ ପଞ୍ଜାବର ୱାଣ୍ଟେଡ ଅପରାଧୀ ମନଦୀପ ସାମିଲ ରହିଛି । ଉତ୍ତର ପ୍ରଦେଶର ତାର ଦୁଇ ସହଯୋଗୀ ରୋହନ ଏବଂ ମନୁକୁ ମଧ ଧରାଯାଇଛି । ପୁଲିସ ୧୦ ମହଙ୍ଗା ବିଦେଶୀ ପିସ୍ତଲ ଏବଂ ୯୨ ଜୀବନ କ୍ୟାଟ୍ରିଜ ଜବତ କରିଛି । ସୋନୁ ଖତ୍ରି ଗ୍ୟାଙ୍ଗ ସହ ସାମିଲ ମନଦୀପ ବିରୋଧରେ ହତ୍ୟା ସହିତ ଅନେକ ମାମଲା ରହିଛି । ତଦନ୍ତରୁ ଜଣାପଡ଼ିଛି ଯେ ପାକିସ୍ତାନରୁ ଡ୍ରୋନ ମାଧ୍ୟମରେ ଭାରତକୁ ଅସ୍ତ୍ରଶସ୍ତ୍ର ଅଣଯାଇ ଥିଲା । ଏହା ଜଣା ନ ପଡ଼ିବା ଲାଗି କାର୍ବନ ପେପର ବ୍ୟବହାର କରାଯାଉଥିଲା । ପରେ ଏହାକୁ ଦିଲ୍ଲୀ ଏବଂ ଅନ୍ୟ ସ୍ଥାନକୁ ପଠା ଯାଉଥିଲା । ଏହା ଅପରାଧୀଙ୍କୁ ଯୋଗା ଯାଉଥିଲା । ଏବେ ଭାରତକୁ କେତେ ଅସ୍ତ୍ରଶସ୍ତ୍ର ଆସିଛି ଏବଂ କାହାକୁ ବିକାଯାଇଛି ତାହା ଜାଣିବା ପାଇଁ ଦିଲ୍ଲୀ ପୁଲିସ ପ୍ରୟାସ କରୁଛି । ଜନପ୍ରୀତ ଓରଫ ଜସା ଏହି ନେଟୱାର୍କର ମୁଖ୍ୟ କାର୍ପଟଦାର ବୋଲି କୁହାଯାଉଛି । ସେ ଆମେରିକାରେ ରହି ପାକିସ୍ତାନୀ ଚୋରାଚାଲାଣକାରୀଙ୍କ ମାଧ୍ୟମରେ ଏହି ନେଟୱାର୍କ ଚଳାଉ ଥିଲା ।

# ଏଟିଏମ୍ ଭ୍ୟାନରୁ ୭ କୋଟି ଲୁଟ୍‌ରେ ପୁଲିସ

ବେଙ୍ଗାଲୁରୁ, ୨୨।୧୧(ଏଜେନ୍ସି): କିଛିଦିନ ତଳେ ବେଙ୍ଗାଲୁରୁରେ ଏଟିଏମ୍ ଭ୍ୟାନ୍‌ରୁ ୭.୧୧ କୋଟି ଟଙ୍କା ଲୁଟ୍ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା । ଏବେ ପୁଲିସ ଏହି ମାମଲାର ପର୍ଦ୍ଦାଫାସ୍ କରିଛି । ପୁଲିସ ଜଣେ କାର୍ଯ୍ୟରତ କନଷ୍ଟେବଲଙ୍କ ସହିତ କମ୍ପାନୀ ପୂର୍ବତନ କର୍ମଚାରୀଙ୍କ ସହ ମୋଟ୍ ୩ ଜଣଙ୍କୁ ଗିରଫ କରିଛି । ଏମାନଙ୍କଠାରୁ ୫.୭୬ କୋଟିର ନଗଦ ଟଙ୍କା ଜବତ କରାଯାଇଛି । କମ୍ପାନୀର ଜଣେ ପୂର୍ବତନ କର୍ମଚାରୀ ଭ୍ୟାନର ଇନଚାର୍ଜ ତଥା ଗୋବିନ୍ଦପୁର ପୁଲିସ ଥାନାରେ ନିୟୋଜିତ କନଷ୍ଟେବଲଙ୍କ ସହ ସାଥି ହୋଇ ଲୁଟ୍ ଷଡଯନ୍ତ୍ର ରଚିଥିଲେ । ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କମିଶନର ସିମନ୍ତ କୁମାର ସିଂ କହିଛନ୍ତି । ୭.୧୧ରୁ ଏମାନଙ୍କଠାରୁ ୫.୭୬ କୋଟି ଟଙ୍କା ଜବତ କରାଯାଇଛି ବୋଲି ସେ କହିଛନ୍ତି । ଏମାନେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଓ ଆୟକର ଅଧିକାରୀ ଭାବେ ନିଜର ପରିଚୟ ଦେଇ ଲୁଟ୍ କରିଥିଲେ । ଗତ ବୁଧବାର ଦ୍ୱିପହର ପାଖାପାଖି ୧୨ଟା ବେଳେ ଦକ୍ଷିଣ ବେଙ୍ଗାଲୁରୁର ଏକ ବ୍ୟସ୍ତବହୁଳ ଫ୍ଲାଏ ଓଭର ବ୍ରିଜ୍‌ରେ ହିଁ ଏହି କାଣ୍ଡ ଘଟାଯାଇଥିଲା । ସିଏମ୍‌ଏସ୍ ଇନଫୋ ସିଷ୍ଟମ ନାମକ ଏକ କମ୍ପାନୀର ଏହି କ୍ୟାଶ ଭ୍ୟାନକୁ ଜେପି ନଗରର ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୨୨ କିମି ଦୂରରେ ଥିବା ଏସ୍‌ବିଆଇର ଲେଟ୍‌ଆଉଟ୍‌କୁ ନିଆଯାଉଥିବା ବେଳେ ଏହି କାଣ୍ଡ ଘଟିଥିଲା । ଏହି ମାମଲାରେ ୧୧ ଟିମ୍‌ରେ ୨୦୦ ପୁଲିସକର୍ମୀ ଅପରାଧୀଙ୍କୁ ଖୋଜୁଥିଲେ ।


# ଶେଷରେ ମୁହଁ ଖୋଲିଲେ ଜଗଦୀପ ଧନଖଡ଼

## ଇସ୍ତଫା କାରଣ ପଚାରିବାରୁ ହାତ ଯୋଡ଼ିଦେଲେ

ଭୋପାଳ, ୨୨।୧୧ (ଏଜେନ୍ସି): ଅଚାନକ ନିଜ ପଦରୁ ଇସ୍ତଫା ଦେଇଥିବା ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦୀର୍ଘ ଦିନ ପରେ ମୁହଁ ଖୋଲିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ମନମୋହନ ବୈଦ୍ୟଙ୍କ ପୁସ୍ତକ 'ହମ୍ ଔର ୟହ ବିଶ୍ୱ' ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇ 'ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ' ବୋଲି କହିଛନ୍ତି । ଗତକାଲି ସନ୍ଧ୍ୟାରେ ସେ ଦେଇଥିବା ଏଭଳି ଟିପ୍ପଣୀକୁ ନେଇ ରାଜନୀତି ସରଗରମ ହୋଇ ଉଠିଛି । ଇସ୍ତଫାର କାରଣ ପଚାରିବାରୁ ସେ ଏଭଳି ମନ୍ତବ୍ୟ କାହିଁକି ଓ କାହା ଉଦ୍ଦେଶ୍ୟରେ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଲାଣି ।

ଧନଖଡ଼ କହିଥିଲେ ଯେ 'ଭଗବାନ କୃପାରୁ କେହି ଅପପ୍ରଚାରର ଶିକାର ହୋଇ ନ ଫସନ୍ତୁ । ଯିଏ କିଛି ବୁଝିବାକୁ ଚାହେଁ ନାହିଁ, ଯେତେ ବୁଝାଇଲେ ବି ସେ ଅର୍ଥକୁ ଅନର୍ଥ କରିବ । ଯିଏ ଶୋଇ ରହିଛି ତାକୁ ନିଦରୁ ଉଠାଇ ହେବ, କିନ୍ତୁ ଯିଏ ଚେଇଁ କି ଶୋଇଛି ତାକୁ କେହି ଉଠାଇ ପାରିବେ ନାହିଁ ।' ତେବେ କାର୍ଯ୍ୟକ୍ରମ ଶେଷରେ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାର କାରଣ ପଚାରିବାରୁ ସେ ହାତ ଯୋଡ଼ି ଦେଇଥିଲେ । ଧନଖଡ଼ କିଛି ନ କହି ଗାଡ଼ିରେ ବସି ଚାଲି ଯାଇଥିଲେ ।

ସମ୍ବୋଧନରେ ପୂର୍ବତନ ଉପ-ରାଷ୍ଟ୍ରପତି କହିଥିଲେ ଯେ ବହୁତ ବିଚାରବିମର୍ଶ ପରେ ଏବେ ଇଂରାଜୀରେ ସମ୍ବୋଧନ କରିବାକୁ ନିଷ୍ପତ୍ତି ନେଇଛି । କାରଣ ଯିଏ ବୁଝିବାକୁ ଚାହେଁ ନାହିଁ, ସେ କଥାର ଭୁଲ୍ ଅର୍ଥ ବାହାର କରିବା ନିଶ୍ଚିତ । ରାଷ୍ଟ୍ରର ବ୍ୟାପକ ଅବଧାରଣାକୁ ସୀମିତ କରିଦିଆଯାଇଛି । ବ୍ୟକ୍ତି ଏକାକୀ ଲଢ଼ିପାରିବ ନାହିଁ, କିନ୍ତୁ ସଂସ୍ଥା ଲଢ଼ି ପାରିବ । ଯିଏ ଚେଇଁ କି ଶୋଇଛି ବଳ ପ୍ରୟୋଗ କଲେ ବି ସେ ଉଠି ପାରିବ ନାହିଁ । ଏହି ସମ୍ବୋଧନ ସମୟରେ ଜଣେ ସହଯୋଗୀ ବିମାନ ସମୟ ହୋଇଗଲାଣି କହିବାରୁ ଧନଖଡ଼ କହିଥିଲେ ଯେ ବିମାନ ପାଇଁ ମୁଁ କର୍ତ୍ତବ୍ୟକୁ ଛାଡ଼ିପାରିବି ନାହିଁ । କିଛି ଲୋକ ବଡ଼ ହଇଚଇ ସ୍ଥିତି ସୃଷ୍ଟି କରିଛନ୍ତି । ଆହ୍ୱାନ ମଧ୍ୟରେ ନିଜକୁ ମଜଭୁତ ରଖ । ଦେଶଭକ୍ତି ସବୁଠୁ ଜରୁରୀ । ଦେଶ ପ୍ରତି ନିଜ କର୍ତ୍ତବ୍ୟକୁ ଜାଣ ଏବଂ ଦେଶହିତରେ କାମ କର । ଏହା ହିଁ ଦେଶଭକ୍ତି । କୌଣସି କଥାକୁ ନ ବୁଝି ତାହାର ଅପ୍ରପଚାରରେ ସାମିଲ ହୁଅ ନାହିଁ । ପ୍ରଥମେ କଥାକୁ ଭଲ ଭାବେ ବୁଝ ।



ସୂଚନାଯୋଗ୍ୟ, ନିଜ କାର୍ଯ୍ୟକାଳ ସରିବା ପୂର୍ବରୁ ଗତ ଜୁଲାଇ ୨୧ରେ ଧନଖଡ଼ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ଏହାକୁ ନେଇ ସେତେବେଳେ ଅନେକ ଚର୍ଚ୍ଚା ହୋଇଥିଲା । ସରକାରଙ୍କ ସହ ବିବାଦ କାରଣରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିବା କୁହାଯାଇଥିଲା । ତେବେ ସେ ଇସ୍ତଫାର କାରଣରେ ସ୍ୱାସ୍ଥ୍ୟ ସମସ୍ୟା ବୋଲି ଉଲ୍ଲେଖ କରିଥିଲେ ।

ଅନ୍ୟପଟେ ବିମାନବନ୍ଦରରେ ଧନଖଡ଼ଙ୍କୁ ଉପଯୁକ୍ତ ସମ୍ମାନ ଦେଇ ନ ଥିବାରୁ ଏହି କାର୍ଯ୍ୟକ୍ରମରେ ସାମିଲ ଦିଗବିଜୟ ସିଂହ ବିଜେପି ସରକାରଙ୍କୁ ନିନ୍ଦା କରିଛନ୍ତି । 'ବ୍ୟବହାର କର ଏବଂ ଫୋପାଡ଼' ବିଜେପିର ନୀତି ବୋଲି ଦିଗବିଜୟ କହିଛନ୍ତି ।

# ଏସ୍‌ଆଇଆର୍ ଚାପ : ପଶ୍ଚିମବଙ୍ଗରେ ଆଉ ଜଣେ ବିଏଲ୍‌ଓ ମୃତ

କୋଲକାତା, ୨୨।୧୧(ଏଜେନ୍ସି): ସ୍ପେଶାଲ ଇନଟେନସିଭ ରିଭିଜନ (ଏସ୍‌ଆଇଆର୍) ଚାପ କାରଣରୁ ପଶ୍ଚିମବଙ୍ଗରେ ଆଉ ଜଣେ ଶିକ୍ଷୟିତ୍ରୀ ତଥା ବ୍ଲକ ଲିଭେଲ ଅଫିସର (ବିଏଲ୍‌ଓ) ମୃତ୍ୟୁବରଣ କରିଛନ୍ତି । ଏସ୍‌ଆଇଆର ପ୍ରକ୍ରିୟା ଚାଲିଥିବାରୁ ସେ ପ୍ରବଳ ଚାପରେ ଥିଲେ ଓ ଏଥିପାଇଁ ସେ ଜୀବନ ହରାଇଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି । ଏହି ଶିକ୍ଷୟିତ୍ରୀ ହେଉଛନ୍ତି ୫୪ ବର୍ଷୀୟା ରିଙ୍କୁ ତରଫଦାର । ସେ ବେଙ୍ଗଲି ସ୍ୱାମୀ ବିବେକାନନ୍ଦ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଥିଲେ । କ୍ରିଷ୍ଣାନଗର ବାସଭବନରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ତାଙ୍କ ପ୍ରକୋଷ୍ଠରୁ ଏକ ନୋଟ୍ ଉଦ୍ଧାର କରାଯାଇଛି । ଯଦି ବିଏଲ୍‌ଓ ଭାବେ କାର୍ଯ୍ୟ ସମ୍ପାଦନ ନ କରିପାରିବି, ତେବେ ପ୍ରଶାସନ ତରଫରୁ ମୋ ଉପରେ ଚାପ ବୃଦ୍ଧି ପାଇବ ବୋଲି ଏହି ନୋଟ୍‌ରେ ଲେଖାଯାଇଛି । ବିଏଲ୍‌ଓ ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଉପରେ ପ୍ରବଳ ମାନସିକ ଚାପ ଥିଲା ବୋଲି ରିଙ୍କୁଙ୍କ ଦିଅର କହିଛନ୍ତି ।। ଗୁଜରାଟରେ ମଧ ଆଜି ଆଉ ଜଣେ ବିଏଲ୍‌ଓଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

■ ସ୍ୱାମୀର ମୃତ୍ୟୁ ପରେ ସ୍ତ୍ରୀର ଚରମ ପଦକ୍ଷେପ

# ପୁଅ-ଝିଅଙ୍କୁ ବିଷ ପିଆଇ ମା'ର ଆତ୍ମହତ୍ୟା ଉଦ୍ୟମ

ମାଲକାନଗିରି, ୨୨।୧୧(ସମିସ): ସ୍ୱାମୀଙ୍କ ଅକାଳ ମୃତ୍ୟୁରେ ଭାଙ୍ଗିପଡ଼ି ପୁଅ, ଝିଅଙ୍କୁ ବିଷ ପିଆଇବା ସହ ନିଜେ ଆତ୍ମହତ୍ୟା ଉଦ୍ୟମ କରିବା ଭଳି ଏକ ଘଟଣା ମାଲକାନଗିରିରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏପରି ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ସଦର ଥାନା ଅନ୍ତର୍ଗତ କଟଲିଗୁଡ଼ା ଗ୍ରାମରେ। ସମସ୍ତଙ୍କୁ ମାଲକାନଗିରି ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସୂଚନାନୁସାରେ, ସପ୍ତାହେ ତଳେ ଗ୍ରାମର ମହେଶ୍ୱର ସୋଡ଼ି କୌଣସି କାରଣରୁ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ତାଙ୍କ ସ୍ତ୍ରୀ ବାସନ୍ତୀ ଭାଙ୍ଗି ପଡ଼ିଥିଲେ। ସ୍ୱାମୀଙ୍କ ପରେ ତାଙ୍କ ପରିବାର ମୁହଁରେ କିଏ ଦାନା ଦେବ, ସେଇ ଚିନ୍ତାରେ ଅହରହ ଘାରି ହେଉଥିଲେ। ଆଜି ସେ ୨ ବର୍ଷର ପୁଅ ଓ ବର୍ଷକର ଝିଅଙ୍କୁ ବିଷାକ୍ତ କନିଅର ଫଳ ଖୁଆଇ ନିଜେ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତାଙ୍କ ସମ୍ପର୍କୀୟ ଦିଲୀପ ସୋଡି ଓ ଅନ୍ୟମାନେ ଏହା ଜାଣିପାରି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ତେବେ ଏହି ଘଟଣା ପଛରେ କଣ ରହସ୍ୟ ରହିଛି ତାହା ସ୍ପଷ୍ଟ ହୋଇନାହିଁ।

# ଲଢ଼େଇରେ ଗଲା ଦନ୍ତା ଜୀବନ

ରାସଗୋବିନ୍ଦପୁର, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ସାରୁମୂଳା ବିଟ୍‌ର ବେତନାସିଆ ସଂରକ୍ଷିତ ଜଙ୍ଗଲରୁ ଆଜି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ହାତୀଟିର ବୟସ ୧୦ରୁ ୧୨ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା କିଛି ଲୋକଙ୍କଠାରୁ ଖବର ପାଇ ବାରିପଦା ଡିଏଫଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ୍ ମେହେରବାନ ଅଲ୍ଲୀ, ଆରସିସିଏଫ ପ୍ରକାଶଚନ୍ଦ୍ର ଗୋଗିନେନି, ରାସଗୋବିନ୍ଦପୁର



ରେଞ୍ଜର୍ ଘନଶ୍ୟାମ ସିଂ, ଫରେଷ୍ଟର୍ ମାଳତୀଲତା ସିଂ, ଗାର୍ଡ ଚିତ୍ତରଞ୍ଜନ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଦନ୍ତାଟି ଅନ୍ୟ ଏକ ହାତୀ ସହ ଜଙ୍ଗଲରେ ଲଢ଼େଇ କରୁଥିବା ବନ ବିଭାଗ କର୍ମଚାରୀ ଦେଖିଥିବା କହିଛନ୍ତି। ପରସ୍ପର ଲଢ଼େଇରୁ ଦନ୍ତାର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ବାଙ୍କବଣରେ ୪୦ଟି ଝାଡ଼ଖଣ୍ଡୀ ହାତୀ ଥିବା ବେଳେ ସନ୍ଧ୍ୟାରେ ସାରମୂଳା ବିଟର ବେତନସିଆ ଜଙ୍ଗଲରେ ପ୍ରବେଶ କରିଥିଲେ।

# ଅସହାୟ ବାପାର ଡାକ ଶୁଣିଲେ ମହାବାହୁ!

## ନିସ୍ତେଜ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର

ପୁରୀ, ୨୨।୧୧ (ସମିସ): କଥାରେ ଅଛି, ବିଶ୍ୱାସେ ମିଳନ୍ତି ହରି। ସେଇ ବିଶ୍ୱାସରେ ୫ବର୍ଷର ରୋଗାଗ୍ରସ୍ତ ପୁଅକୁ ଧରି ସୁଦୂର ରାଜସ୍ଥାନରୁ ଜଗା ପାଖକୁ ଧାଇଁ ଆସିଥିଲେ ନିଖିଲ ଭୋଇ। ସିଂହଦ୍ୱାରରେ ଭୋ' ଭୋ' ହୋଇ କାନ୍ଦିବା ସହ ପୁଅକୁ ମହାପ୍ରଭୁଙ୍କୁ ସମର୍ପି ଦେଇଥିଲେ। ପୁଅକୁ ପତିତପାବନଙ୍କ ନିକଟରେ ଗଡ଼ାଇ ତା'ର ଜୀବନ ଭିକ୍ଷା କରିଥିଲେ। ଶେଷରେ ମହାପ୍ରଭୁ ତାଙ୍କ ଡାକ ଶୁଣିଛନ୍ତି। ଘଟଣାର ୧୩ ଦିନ ପରେ ପୁଣିଥରେ ନିଖିଲ ଆଜି ମନ୍ଦିରକୁ ଆସି ମହାପ୍ରଭୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆପଣଙ୍କ କୃପାରୁ ପୁଅ ଏବେ ସୁସ୍ଥ ହେଉଛି, ଏମିତି କୃପା ରଖିଥା'ନ୍ତୁ ପ୍ରଭୁ ଜଗନ୍ନାଥ କହି କାନ୍ଦି ପକାଇଛନ୍ତି। ପୁରୀରେ ସେ ଆଉ ୧୦ ଦିନ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବେ ବୋଲି କହିଛନ୍ତି। ଏହାସହ ସେ ସିଂହଦ୍ୱାର ନିକଟରେ ପୁଅକୁ ଗଡ଼ାଇ ଶରଣ ପଶିଥିଲେ। ଏହାକୁ ନେଇ ସିଂହଦ୍ୱାର ନିକଟରେ ଏକ ଭାବବିହ୍ୱଳନ ପରିବେଶ ସୃଷ୍ଟି ହୋଇଥିଲା।

ସୂଚନାନୁଯାୟୀ, ରାଜସ୍ଥାନ ପାସ୍‌ୱାଡାର ନିଖିଲ ଭୋଇଙ୍କ ୫ ବର୍ଷର ପୁଅକୁ ମସ୍ତିଷ୍କାଘାତ ହୋଇଥିଲା। ବିଭିନ୍ନ ସ୍ଥାନରେ ଚିକିତ୍ସା କରାଇବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ସବୁଆଡୁ ନିରାଶ ହେବା ପରେ ଶେଷରେ ସେ ମହାପ୍ରଭୁଙ୍କ ଶରଣ ପଶିଥିଲେ। ଗତ ୯ ତାରିଖରେ ପୁରୀ ଆସି ମହାପ୍ରଭୁଙ୍କୁ ନିଜ ପୁଅର ଜୀବନ ଭିକ୍ଷା କରିଥିଲେ। କୋଳରେ ଆଣିଥିବା ୫ ବର୍ଷର ଅସୁସ୍ଥ ପୁଅକୁ



ସିଂହଦ୍ୱାର ନିକଟରେ ଗଡ଼ାଇ ଦେଇଥିଲେ। ପୁଅ ନାକରେ ଖାଦ୍ୟନଳୀ ଲାଗିଥିଲା। ପରେ ପୁଅକୁ ପତିତପାବନଙ୍କ ନିକଟରେ ଗଡ଼ାଇ ତା'ର ଜୀବନ ଭିକ୍ଷା ମାଗିଥିଲେ। ଶ୍ରୀମନ୍ଦିର ସେବାୟତ ମହାପ୍ରଭୁଙ୍କ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ନିଖିଲଙ୍କ କାନ୍ଦ ଦେଖି ପାଖରେ ଥିବା ଶ୍ରଦ୍ଧାଳୁଙ୍କ ଆଖିରୁ ବି ଲୁହ ଜକେଇ ଆସିଥିଲା। ସେମାନେ ବି ମହାପ୍ରଭୁଙ୍କୁ ଗୁହାରି କରିଥିଲେ। 'କାଳିଆ ତୁ ନିରାଶ କରନା, ଜଣେ ଅସହାୟ ବାପାକୁ ଖାଲି ହାତରେ ଫେରାନା' ବୋଲି କହୁଥିଲେ। ପରେ ନିଖିଲ ପୁଅକୁ କୋଳରେ ଧରି ବାଇଶିପାହଚ ଚଢ଼ି ଶ୍ରୀମନ୍ଦିର ଭିତରକୁ ଯାଇଥିଲେ।

**୧୩ ଦିନ ତଳେ ଶରଣ ପଶିଥିଲେ ବାପା**

ଏହି ଘଟଣାର ୧୩ଦିନ ପରେ ପୁଣି ନିଖିଲ ଆଜି ପୁଅକୁ ସାଙ୍ଗରେ ଧରି ଶ୍ରୀମନ୍ଦିରକୁ ଆସିଥିଲେ। ଡାକ ଶୁଣିଥିବାରୁ ମହାପ୍ରଭୁଙ୍କୁ କୃତଜ୍ଞତା ଜଣାଇବା ସହ କୋଟି ଦଣ୍ଡବତ କରିଥିଲେ। ସେହିପରି, ସେଦିନର ସେହି ନିସ୍ତେଜ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିବା ବେଳେ ସେ ହାତଗୋଡ଼ ହଲାଉଥିଲା। ନିଖିଲ ପୁରୀରେ ଆଉ ୧୦ ଦିନ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବେ ବୋଲି କହିଛନ୍ତି।

ପୁଅର ଔଷଧ ଖର୍ଚ୍ଚ ବାବଦ ଆବଶ୍ୟକ ଅର୍ଥ ସହୃଦୟ ବ୍ୟକ୍ତିଙ୍କଠାରୁ ନିଖିଲ ମାଗୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। କିଛି ସହୃଦୟ ବ୍ୟକ୍ତି ତାଙ୍କୁ ସହଯୋଗ କରିବା ସହ ଏ ସମ୍ପର୍କରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ସିଡିଏମ୍‌ଓ ଏକ ଆମ୍ବୁଲାନ୍ସ ପଠାଇ ତାଙ୍କୁ ହସ୍ପିଟାଲ ନେଇଛନ୍ତି। ମେଡିସିନ୍ ୱାର୍ଡରେ ତାଙ୍କ ପୁଅଙ୍କୁ ଆବଶ୍ୟକ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

**ମୃତ ବ୍ୟକ୍ତିଙ୍କ ଫ୍ୟାମିଲି ପେନସନ ହଡ଼ପ ଘଟଣା**

# ବରିଷ୍ଠ କିରାଣିଙ୍କୁ ବାନ୍ଧିଲା ଭିଜିଲାନ୍ସ

ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା, ୨୨।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସବ୍‌ଟ୍ରେଜେରୀରୁ ମୃତ ବ୍ୟକ୍ତିଙ୍କ ନାମରେ ପେନସନ୍ ଟଙ୍କା ହଡ଼ପ ଘଟଣାରେ ବରିଷ୍ଠ କିରାଣି ମନୋରଞ୍ଜନ ସାହୁଙ୍କୁ ଗିରଫ କରିଛି ଭିଜିଲାନ୍ସ। ମନୋରଞ୍ଜନ ହିନ୍ଦୋଳ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟର ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ ଥିଲେ। ସେ ମୃତ ବ୍ୟକ୍ତିଙ୍କ ଫ୍ୟାମିଲି ପେନସନ୍ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ହିନ୍ଦୋଳ ସବଟ୍ରେଜରୀ ଅଫିସର୍ ୨୦୨୩ ଅଗଷ୍ଟ ୫ରେ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ। ସେବେଠାରୁ ମନୋରଞ୍ଜନ ଫେରାର୍ ଥିଲେ। ପରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ୨୦୨୪ରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଏହି ଏହି ମାମଲାର ତଦନ୍ତ ଭାର ନେଇଥିଲା। ତଦନ୍ତ ବେଳେ ମନୋରଞ୍ଜନ ପ୍ରାୟ ୬୮ଲକ୍ଷ ୮୫ ହଜାର ୪୯୭ ଟଙ୍କା ହଡ଼ପ କରିଥିବା ଜଣାପଡ଼ିଥିଲା। ଭିଜିଲାନ୍ସ ମନୋରଞ୍ଜନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଶୁକ୍ରବାର ରାତି ୧୦ଟାରେ ମନୋରଞ୍ଜନ କଟକ ଯାଉଥିବା ବେଳେ ସଦର ଥାନା ସମ୍ମୁଖରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଢେଙ୍କାନାଳ ଭିଜିଲାନ୍ସ ଡିଏସପି ଅନସୂୟା ସେନାପତି ସୂଚନା ଦେଇଛନ୍ତି।



ସୂଚନାଯୋଗ୍ୟ, ମନୋରଞ୍ଜନଙ୍କ ଘର ସଦର ଥାନା ସାଇଁବିରି ଗ୍ରାମରେ। ହିନ୍ଦୋଳ ସବ୍-ଟ୍ରେଜେରୀରେ ୫୭୦ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ଖାତା ରହିଥିଲା। କଟକ ସିଡିଏ ଆଲ୍ଲାହାବାଦ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ବିଲେଇଖୋଲି ଗ୍ରାମର ମାୟାଧର ଭୋଇ ୨୦୧୪ ଅକ୍ଟୋବରରେ ମୃତ୍ୟୁବରଣ କରିଥିଲେ। ପରେ ନିୟମ ଅନୁସାରେ ତାଙ୍କ ପରିବାରଲୋକ ପେନସନ ଟଙ୍କା ଉଠାଇ ନାହାନ୍ତି। ମାୟାଧରଙ୍କ ସ୍ତ୍ରୀ ଜିରା ଭୋଇଙ୍କର ମଧ୍ୟ ୨୦୧୮ରେ ମୃତ୍ୟୁ ହୋଇଛି। ଦୀର୍ଘ ବର୍ଷ ହେବ ମାୟାଧରଙ୍କ ପେନସନ ଏବଂ ଅନ୍ୟାନ୍ୟ ଟଙ୍କା ଉଠାଯାଇ ନ ଥିବା ବେଳେ ଟ୍ରେଜେରୀରୁ କିନ୍ତୁ କାଗଜପତ୍ରରେ ଟଙ୍କା ଉଠାଯାଇଥିଲା। ୨୦୨୦ ପର୍ଯ୍ୟନ୍ତ ଏହି ଟଙ୍କା ଉଠାଯାଇଥିବା ବେଳେ ଜୀବନ ପ୍ରମାଣପତ୍ରରେ ମାୟାଧର ଏବଂ ତାଙ୍କ ସ୍ତ୍ରୀ ଜୀବିତ ଥିବା ଦର୍ଶାଇ ଟଙ୍କା ଉଠାଯାଉଥିଲା। ଏ ସମ୍ପର୍କରେ ମାୟାଧରଙ୍କ ନାତୁଣୀ ଅଭିଯୋଗ କରିବା ପରେ ମୃତ ବ୍ୟକ୍ତିଙ୍କ ପେନସନ ଟଙ୍କା ଜାଲିଆତି ଘଟଣା ଲୋକଲୋଚନକୁ ଆସିଥିଲା। ସବଟ୍ରେଜେରୀର ବରିଷ୍ଠ କିରାଣି ମନୋରଞ୍ଜନ ସାହୁ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ହଡ଼ପ କରାଯାଇଥିବା ଟଙ୍କା ଏକ କାନାରା ବ୍ୟାଙ୍କ ଆକାଉଣ୍ଟ ଏବଂ ସ୍ଥାନୀୟ ପଞ୍ଚପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଖାତାକୁ ଟ୍ରାନ୍ସଫର୍ କରାଯାଇଥିଲା। ଟ୍ରେଜେରୀ ଅଧିକାରୀଙ୍କ ପାସୱାର୍ଡକୁ ଅନୈତିକ ଭାବେ ବ୍ୟବହାର କରି ଏହି କାର୍ଯ୍ୟ କରାଯାଉଥିବା ଜଣାପଡ଼ିଥିଲା। କେବଳ ମାୟାଧର ନୁହଁନ୍ତି, ଏପରି ବହୁ ବ୍ୟକ୍ତିଙ୍କ ପେନସନ ଟଙ୍କା ହଡ଼ପ ହୋଇଥିଲା।

# ବେକ କାଟି ମା'କୁ ହତ୍ୟା

ସେମିଳିଗୁଡ଼ା, ୨୨।୧୧ (ସମିସ): ମା'ର ବେକ କାଟି ମାରିଦେଲା ପୁଅ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଭାନୁ ଖରା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବଳରାମ ଖରାକୁ ଗିରଫ କରିଛି। ପୁଲିସ ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ମା'-ପୁଅଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲା। ଘଟଣାସ୍ଥଳରେ ହିଁ ଭାନୁଙ୍କ ମୃତ୍ୟୁ ହୋଇଯାଇଥିଲା। ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଏ ସଂପର୍କରେ ଅଭିଯୋଗ କରିବାରୁ ସାଇଣ୍ଟିଫିକ ଟିମ୍ ସହ ସେମିଳିଗୁଡ଼ା ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଭାନୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ଏହାସହ ଅଭିଯୁକ୍ତ ବଳରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସ୍କୁଟିକୁ ଧକ୍କା ଦେଲା ବସ୍; ୨ ମୃତ

ଭଦ୍ରକ/ତିହିଡ଼ି, ୨୨।୧୧ (ସମିସ): ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସିନ୍ଦୋଳଠାରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଗୋଲେଖ ଦାସ(୪୫) ଓ ଦୈତାରୀ ପ୍ରଧାନ(୩୮)। ସେମାନଙ୍କ ଘର ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ବାଲିଚତୁରୀ ଗ୍ରାମରେ। ଦୈତାରୀ ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ଭାଇ ବୋଲି ଜଣାଯାଇଛି। ଦୁହେଁ ଅଲେଖ ମେଳାରେ ଯୋଗ ଦେବାକୁ ସ୍କୁଟିରେ ଚାନ୍ଦବାଲି ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଆସୁଥିବା 'ହାସାମ' ନାମକ ବସ୍ ସେମାନଙ୍କୁ ସିନ୍ଦୋଳ ନିକଟରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ବହୁ ସଂଖ୍ୟାରେ ଗାଡ଼ି ମଟର ଅଟକି ରହିଛି। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନା ଆଇଆଇସି ରୋଜାଲିନ୍ ବେହେରା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଅତିରିକ୍ତ ତହସିଲଦାର ନମିତା ଧଳ ମଧ୍ୟ ଘଟଣାସ୍ଥଳକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଖବର ଲେଖା ହେବା ବେଳକୁ ରାସ୍ତାରୋକ ହଟିନଥିଲା।

# ଆତ୍ମସମର୍ପଣ କଲେ ୩୭ ମାଓବାଦୀ

ମାଲକାନଗିରି,୨୨।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ୩୭ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଛତିଶଗଡ଼ ମାଓ ସଂଗଠନର ଦୁଇଜଣ ଟପ୍ ମାଓନେତା ତଥା ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ କୋୟାଡା ସାମ୍ବାଇ ଓରଫ ଆଜାଦ୍ ଏବଂ ଆପ୍ପାସି ନାରାୟଣ ଓରଫ ରମେଶ ରହିଛନ୍ତି। ସେହିପରି, ୩ଜଣ ଷ୍ଟେଟ୍ କମିଟି ସଦସ୍ୟ, ୩ଜଣ ଡିଭିସିଏମ ମେମ୍ବର, ୯ଜଣ ଏରିଆ କମିଟି ମେମ୍ବର ଓ ୨୨ଜଣ ପାର୍ଟି ମେମ୍ବର ଅଛନ୍ତି। ଏମାନେ ତେଲେଙ୍ଗାନା ଡିଜିପିଙ୍କ ନିକଟରେ ଏହି ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଦୁଇଜଣ ଆନ୍ଧ୍ର କ୍ୟାଡର୍‌ଙ୍କୁ ଛାଡ଼ିଦେଲେ ବାକି ସମସ୍ତ ମାଓବାଦୀ ହେଉଛନ୍ତି ଛତିଶଗଡ଼ ବିଜାପୁର ଓ ସୁକୁମା ଜିଲ୍ଲାର। ଏମାନେ ସମସ୍ତେ ଟପ୍ ମାଓନେତା ହିଡ଼ମାଙ୍କୁ ସହଯୋଗ କରୁଥିଲେ ବୋଲି ତେଲେଙ୍ଗାନା ଡିଜିପି କହିଛନ୍ତି। ହିଡମାଙ୍କ ଏନ୍‌କାଉଣ୍ଟର୍ ପରେ ଭୟଭୀତ ହୋଇ ସମସ୍ତେ ତେଲେଙ୍ଗାନା ଯାଇ ପୁଲିସ ପାଖରେ ଆତ୍ମସମର୍ପଣ କରିଥିବା ନେଇ ସୂଚନା ଦେଇଛନ୍ତି ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଆଜାଦ୍। ଏମାନଙ୍କଠାରୁ ମୋଟ ୮ଟି ବନ୍ଧୁକ ଜବତ କରାଯାଇଛି।

# ରାଜ୍ୟରେ ବଢୁଛି ବିଦେଶୀ ନିଶାଦ୍ରବ୍ୟର ଚାହିଦା

ଭୁବନେଶ୍ୱର,୨୨।୧୧(ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ଗଳିକନ୍ଦିରେ ଗଞ୍ଜେଇ ଓ ବ୍ରାଉନସୁଗର ମିଳିବା ସମସ୍ତଙ୍କ ଚିନ୍ତା ବଢ଼ାଇଲାଣି। ହେଲେ ନିଶା ବେପାରୀଙ୍କୁ ମାତ୍ ଦେବାକୁ ଜାଲ ବିଛାଇଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍)। ଅପରେସନ 'ପ୍ରହାର' ଓ 'ବଜ୍ର' ମାଧ୍ୟମରେ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଚଳାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରାଯାଉଛି।

■ ଡିଆର୍‌ଆଇ, ଏନ୍‌ସିବି ସହ ଯୋଗାଯୋଗରେ ଏସ୍‌ଟିଏଫ୍
■ 'ପ୍ରହାର' ଓ 'ବଜ୍ର'ରେ ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିବାକୁ ପ୍ରୟାସ

ପ୍ରାପ୍ତ ତଥ୍ୟ ମୁତାବକ, ଗତ ୧୦ ମାସ ମଧ୍ୟରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିଛି ଏସଟିଏଫ୍। ଚଳିତବର୍ଷ ଅକ୍ଟୋବର ମଧ୍ୟରେ ୧୪ କିଲୋ ବ୍ରାଉନସୁଗର ଜବତ ହୋଇଥିବା ବେଳେ ୫୨୪ ଜଣ ନିଶା ମାଫିଆଙ୍କୁ କାବୁ କରିଛି। ସେହିପରି ୧୬୪୧ ନିଶା ବେପାରୀଙ୍କୁ ଗିରଫ କରି ସେମାନଙ୍କଠାରୁ ୧୮ ୭୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଓ ବ୍ରାଉନସୁଗର ଜବତ ହୋଇଥିବା ବେଳେ ନିଶାଡ଼ିଙ୍କ ଅନ୍ୟତମ ମାଧ୍ୟମ ପାଲଟିଥିବା କଫ୍ ସିରଫ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ମୋଟ ୭୩ ହଜାର ୧୮୧ ବୋତଲ କଫ୍ ସିରଫ ଜବତ ହେବା ସହ ୧୮୧ ଅଭିଯୁକ୍ତ ବନ୍ଧା ହେଲେଣି। ଗତ ଦୁଇ ଦିନ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ଭୁବନେଶ୍ୱର ଅବକାରୀ ବିଭାଗ ରାଜଧାନୀରୁ ୯ ଶହ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ନୂଆବର୍ଷ ଆସୁଥିବାରୁ ନିଶା ମାଫିଆମାନେ ବସ୍ତିରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଓ ବାର୍‌ଠାରୁ ପବ୍ ଯାଏଁ ଜାଲ ବିଛାଇଲେଣି। କିନ୍ତୁ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଆରମ୍ଭ କରିଛି ଏସଟିଏଫ୍। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ବେପାରୀଙ୍କ ତାଲିକା କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଜେଲ୍‌ରେ ରହିଛନ୍ତି ଓ କେଉଁମାନେ ବାହାରେ ଅଛନ୍ତି, ସେନେଇ ଯାଞ୍ଚ ଚାଲିଛି। ପୂର୍ବରୁ ଗିରଫ ହୋଇ ଏବେ ଜାମିନରେ ଥିବା ନିଶା ମାଫିଆଙ୍କ ଉପରେ କଡ଼ା ନଜର ରଖାଯାଇଛି।

ସେପଟେ କିଛିଦିନ ହେବ ବିଦେଶୀ ନିଶାରେ ମତୁଆଲା ହେଉଛନ୍ତି ରାଜଧାନୀର ଯୁବପିଢ଼ି। ଗତ କିଛିଦିନ ମଧ୍ୟରେ ରାଜଧାନୀରୁ ସିନ୍ଥେଟିକ୍ ଡ୍ରଗ୍ସ ଓ ମାରିଜୁଆନା ଜବତ ହେବାପରେ ଏଭଳି ଘଟଣା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୋଡାଲ ଏଜେନ୍ସି ଭାବେ ଏସଟିଏଫ୍ ଏହି ଘଟଣାର ତଦନ୍ତ କରୁଛି। ବିଦେଶରୁ ଆସୁଥିବା ନିଶାଦ୍ରବ୍ୟରେ ରୋକ୍ ଲଗାଇବା ପାଇଁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ସହ ଏସଟିଏଫ୍ ଯୋଗାଯୋଗରେ ରହିଛି। ଏୟାରପୋର୍ଟ ଉପରେ ନଜର ରଖିବା ସହ ବିଦେଶରେ ଥିବା ମୂଳ ନିଶା ମାଫିଆଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି। ନିଶା କାରବାର ବିରୋଧରେ ଚାଲିଥିବା ଏହି ଧରପଗଡ଼ ଆଗକୁ ଜୋରଦାର କରାଯିବ ବୋଲି ଏସଟିଏଫ୍‌ର ଅତିରିକ୍ତ ଏସ୍‌ପି ସଞ୍ଜୀବ ଶତପଥୀ କହିଛନ୍ତି।




ସକାଳ
THE SAKALA



# ବସ୍ ଧକ୍କାରେ ଜଣେ ମୃତ

ଆଠଗଡ଼, ୨୨।୧୧ (ସମିସ): ଶନିବାର ଅପରାହ୍ନରେ ଭୁବନେଶ୍ୱରରୁ ଅନୁଗୋଳ ଯାଉଥିବା ଯାତ୍ରୀବାହୀ ବସ ସହ ଏକ ମୋଟର ସାଇକଲ ଧକ୍କାରେ ଜଣେ ଯୁବକ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ଜଣକ ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ବାରମାଣିଆ ଗ୍ରାମର ଜ୍ୟୋତିର୍ମୟ ଓଝା (୨୧)। ତିଗିରିଆସ୍ଥିତ ପ୍ରସନ୍ନମଣି ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଛାତ୍ର ଅଟନ୍ତି। ଜ୍ୟୋତିର୍ମୟଙ୍କୁ ସେହି ଗ୍ରାମର ସଂପର୍କୀୟ ଖଗେଶ୍ୱର ମହାରଣା (୨୪) ଏକ ପଲସର ମୋଟର ସାଇକଲ (ନଂ ଓଡି କ୍ୟୁ୪ ଏକ୍ସ ୦୦୮୦) ରେ ଛାଡିବାକୁ ଆସୁଥିଲେ। ଅପରାହ୍ନ ପ୍ରାୟ ୫ଟା ସମୟରେ ଆଠଗଡ ସହର ଉପକଣ୍ଠ ଆଙ୍କୁଲା ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ଅନୁଗୋଳ ଯାଉଥିବା ସୋନୀ ନାମକ ଘରୋଇ ବସ୍ ନଂ ଓଡି ୧୯ ଏକ୍ସ ୩୭୭୭ ସହ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ଆରୋହୀଦ୍ୱୟ ରାସ୍ତା ଉପରେ ଛିଟିକି ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ଜ୍ୟୋତିର୍ମୟଙ୍କୁ ମୃତ ଘୋଷଣା ସହ ଗୁରୁତର ଆହତ ଥିବା ଖଗେଶ୍ୱରଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଉଛି। ଅବସ୍ଥା ସଂକଟପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଆଠଗଡ଼ ଥାନା ଆଇଆଇସି ସୁମତୀ କୁମାରୀ ମହାନ୍ତି ଘଟଣାସ୍ଥଳରେ ସଦଳବଳେ ପହଞ୍ଚି ବାଇକ ଓ ବସ୍‌କୁ ଅଟକ ରଖି ବସ୍ ଚାଳକଙ୍କୁ ଅଟକ ରଖିଥିବା ଜଣାପଡିଛି। ରିପୋର୍ଟ ଲେଖା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ଥାନା ସୂତ୍ରରୁ ପ୍ରକାଶ।

# ସାମ୍ବାଦିକଙ୍କ ପିତୃ ବିୟୋଗ

କଟକ,୨୨।୧୧(ସମିସ): ଜଗତପୁରର ସାମ୍ବାଦିକ ଚିତ୍ତରଞ୍ଜନ କରଙ୍କ ବାପା ଚକ୍ରଧର କର(୮୭)ଙ୍କର ପଦ୍ମପୁର ଚମ୍ପତିସ୍ଥିତ ବାସଭବନରେ ଗତକାଲି ପରଲୋକ ଘଟିଛି। ସେ ଜଣେ ଗ୍ରାମ୍ୟ ପୁରବୀ,



ସମାଜସେବୀ ଏବଂ ସାଂଗଠନିକ ବ୍ୟକ୍ତିତ୍ୱ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ବୋହୂ, ନାତୁଣୀ, ଝିଅ, ଦ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ପ୍ରକାଶଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଡ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି, ପୂର୍ବତନ କର୍ପୋରେଟର ନବକିଶୋର ସ୍ୱାଇଁ, ଯୁବନେତା ହିମାଂଶୁ କୁମାର ମହାନ୍ତି ଓ ଚମ୍ପତି ସରପଞ୍ଚ ଗୌରାଙ୍ଗ ପରିଡାଙ୍କ ସମେତ ସ୍ଥାନୀୟ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଶେଷ ଦର୍ଶନ କରି ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଚିତ୍ତରଞ୍ଜନ ମୁଖାଗ୍ନି ଦେଇଥିଲେ।

# ମହିଳା ସରପଞ୍ଚଙ୍କ ପରଲୋକ

ନରସିଂହପୁର,୨୨।୧୧(ସମିସ): ନରସିଂହପୁର ବ୍ଲକ ବଡଭୂଇଁ ପଞ୍ଚାୟତ ସରପଞ୍ଚ ସୁବାସିନୀ ସାହୁ (୬୩)ଙ୍କର ଶନିବାର ପରଲୋକ ହୋଇଯାଇକଛି।



ଶ୍ରୀମତୀ ସାହୁ ୧୯୯୭ରୁ ୨୦୦୨ମସିହା ପର୍ଯ୍ୟନ୍ତ ବଡଭୂଇଁ ପଞ୍ଚାୟତର ସରପଞ୍ଚ ରହିଥିବା ବେଳେ ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଦେହାନ୍ତ ଖବର ପାଇ ପୂର୍ବତନ ଦେବୀପ୍ରସାଦ ମିଶ୍ର, କଟକ ଜିଲ୍ଲା ପରିଷଦ ଅଧକ୍ଷ କିଶୋରଚନ୍ଦ୍ର ମିଶ୍ର, ବ୍ଲକ ଅଧକ୍ଷା ସସ୍ମିତା ଜେନା, ଉପାଧକ୍ଷା ସସ୍ମିତା ଜେନା, ଯୁବ ବିଜୁ ଜନତା ଦଳର ବ୍ଲକ ସଭାପତି ନିର୍ମଳ କୁମାର ଜେନା, ବଡଭୂଇଁ ସମିତିସଭ୍ୟ ପ୍ରଦୀପ ମହାପାତ୍ରଙ୍କ ସହିତ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟସଭ୍ୟା ମାନ୍ୟଗଣ୍ୟ ବ୍ୟକ୍ତି ଦୁଃଖ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ବଡପୁଅ ବିଭୂତି ସାହୁ ମୁଖାଗ୍ନି ଦେଇଥିଲେ।

## ୫୫ ନଂ ଏନ୍‌ଏଚ୍ ସର୍ଭିସ୍‌ରୋଡ୍ ନେଇ ଅସନ୍ତୋଷ

# ଚୌଦ୍ୱାର କଲେଜ ଛାତ୍ରଛାତ୍ରୀଙ୍କ ରାସ୍ତାରୋକ

ଚୌଦ୍ୱାର,୨୨।୧୧(ସମିସ):



୫୫ନଂ ଜାତୀୟ ରାଜପଥର ଚୌଦ୍ୱାର କଲେଜ ନିକଟ ସର୍ଭିସ୍ ରୋଡରେ ଶୁକ୍ରବାର ଅପରାହ୍ନରେ ସଡ଼କ ଦୁର୍ଘଟଣା ଘଟି ଚୌଦ୍ୱାର କଲେଜର ଜଣେ ଅଧ୍ୟାପିକାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ପୁଲିସ୍ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ ନେଇ ଚୌଦ୍ୱାର କଲେଜ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ରାଜରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ, ସର୍ଭିସ ରୋଡରେ ଭାରୀ ଯାନ ଚଳାଚଳ, ଟ୍ରାଫିକ୍ ନିୟନ୍ତ୍ରଣରେ ଅବ୍ୟବସ୍ଥା ତଥା ସ୍ଥାନୀୟ କମ୍ପାନୀର ଦାୟିତ୍ୱହୀନତା ଯୋଗୁଁ ଚୌଦ୍ୱାରରେ ଦୈନିକ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା ଓ ସ୍ଥାନୀୟ ଜନସାଧାରଣ ପ୍ରଥମେ ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଚୌଦ୍ୱାର କଲେଜ ସମ୍ମୁଖ ସର୍ଭିସ ରୋଡ ଉପରେ ରାସ୍ତାରୋକ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ଦୀର୍ଘ ସମୟ ଧରି ବନ୍ଦ ରହିଥିଲା। ଛାତ୍ରଛାତ୍ରୀଙ୍କ ସୁରକ୍ଷା, ସର୍ଭିସ ରୋଡ ଉପରେ ଭାରୀ ଯାନ ଚଳାଚଳ ଉପରେ କଟକଣା, ରାସ୍ତାରେ ସୂଚନାଫଳକ ଲଗାଇବା, ହମ୍ପସ ନିର୍ମାଣ ସହ ଦୀର୍ଘ ଦିନର ଦାବି ଫୁଟଓଭର ବ୍ରିଜ ନିର୍ମାଣ ଆଦି ପାଇଁ ଛାତ୍ରଛାତ୍ରୀ ଦାବି କରିଥିଲେ। ଖବର ପାଇ ଚୌଦ୍ୱାର ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ଘଟଣାସ୍ଥଳରେ ପହଞ୍ଚି ମିଳିତ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ପରେ କଲେଜ ସଭାଗୃହରେ ଜୋନ-୨ ଏଡିସିପି ଅମରେନ୍ଦ୍ର ପଣ୍ଡା, ଜାତୀୟ ରାଜପଥ ଠିକାସଂସ୍ଥାର କର୍ମଚାରୀ, ଇମ୍ଫା କାରଖାନାର ଲୋକସଂପର୍କ ଅଧିକାରୀ ମାନସ କୁମାର ବସନ୍ତୀଆ, କଲେଜ ଅଧକ୍ଷା ରଶ୍ମି ରାଉତରାୟ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, କଲେଜ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏକ ବୈଠକରେ ଏନେଇ ପ୍ରତିଶୃତି ମିଳିଛି।

# ମହିଳାଙ୍କ ଆତ୍ମହତ୍ୟା; ପ୍ରେମିକର ବ୍ଲାକ୍‌ମେଲିଂ ଅଭିଯୋଗ

ସାଲେପୁର, ୨୧।୧୧(ସମିସ): ବେକରେ ଶାଢ଼ି ବାନ୍ଧି ଜଣେ ବିବାହିତ ମହିଳା ଆତ୍ମହତ୍ୟା କରିଛନ୍ତି। ସାଲେପୁର ଥାନା ମିର୍ଜାପୁର ଗ୍ରାମର ଧର୍ମେନ୍ଦ୍ର ପାଢ଼ୀଙ୍କ ପତ୍ନୀ ସୋନାଲି ଘରର ଉପର ମହଲାର ଏକ କୋଠରୀ ମଧ୍ୟରେ ଫ୍ୟାନ୍ ପଏଣ୍ଟରେ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିଲେ। ସ୍ୱାମୀ ବଜାରକୁ ସଉଦା ଆଣିବାକୁ ଯାଇଥିବାବେଳେ ଚିତ୍କାର ଶୁଣି ଅସୁସ୍ଥ ଥିବା ବୃଦ୍ଧ ଶଶୁର ପୁଅକୁ ଫୋନ୍ ଯୋଗେ ଖବର ଦେଇଥିଲେ। ଧର୍ମେନ୍ଦ୍ର ସଂଗେ ସଂଗେ ଘଟଣାସ୍ଥଳରେ ପହଞ୍ଚି ପତ୍ନୀଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଡାକ୍ତରଖାନାକୁ ଆଣିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟା କରିଥିବା ମହିଳା ସୋନାଲିଙ୍କ ସ୍ୱାମୀ ଡ୍ରାଇଭିଂ କାମ କରୁଥିବାରୁ ଅଧିକାଂଶ ସମୟ ଘରେ ରହୁନଥିବାର ସୁଯୋଗ ନେଇ ଉକ୍ତ ଗ୍ରାମର ସମୀର ଲେଙ୍କା ତାଙ୍କ ଘରେ ପହଞ୍ଚି ସୋନାଲିକୁ ପ୍ରେମ ଜାଲରେ ଫସାଇ ସୋନାଲିକୁ ଜଗତପୁରରେ ଏକ ଘର ଭଡ଼ା ନେଇ ରଖିଥିଲା। ଧର୍ମେନ୍ଦ୍ରଙ୍କ ମା'ଙ୍କ ମୃତ୍ୟୁ ପରେ ଜଗତପୁରରେ ସୋନାଲି ପାଖରେ ପହଞ୍ଚି ସୋନାଲିକୁ ବୁଝାସୁଝା କରି ନିଜ ଘରକୁ ଆଣିଥିଲେ। କିଛିଦିନ ପରିବାର ଠିକ୍ ଠାକ୍ ଚାଲିଥିବାବେଳେ ପୁଣି ପୂର୍ବଭଳି ସମୀର ସ୍ୱାମୀ ଧର୍ମେନ୍ଦ୍ର ଘରେ ନଥିବାର ସୁଯୋଗ ନେଇ ସୋନାଲି ସହ ସଂପର୍କ ସ୍ଥାପନ କରିବା ସହ ତୁ ଯଦି ମୋ କଥାରେ ରାଜି ନହେଉ ତୋର ଅଶ୍ଳୀଳ ଫଟୋକୁ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିବାକୁ ଧମକ ଦେଉଥିଲେ। ଆଜି ସକାଳ ପ୍ରାୟ ୧୦.୩୦ମି. ସମୟରେ ସମୀର ସୋନାଲି ଘରେ ପହଞ୍ଚି ତାଙ୍କୁ ଧମକ ଚମକ ଦେଇଥିବାରୁ ସେ ଆତ୍ମହତ୍ୟା କରିଛି ବୋଲି ସୋନାଲିର ସ୍ୱାମୀ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ତାଙ୍କ ପତ୍ନୀ ସୋନାଲିର ଆତ୍ମହତ୍ୟା ପାଇଁ ସମୀର ଲେଙ୍କା ଦାୟୀ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ବୃଦ୍ଧାଶ୍ରମରେ ଜନ୍ମଦିନ ପାଳନ



ସାଲେପୁର,୨୨।୧୧(ସମିସ): ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ଗହଣରେ ସରପଞ୍ଚ ତଥା ଯୁବ ସମାଜସେବୀ ନିଜ ଝିଅର ଜନ୍ମଦିନ ପାଳନ କରି ଅନ୍ୟ ଯୁବପିଢ଼ି ପାଇଁ ଉଦାହରଣ ପାଲଟିଛନ୍ତି। ସାଲେପୁର ବ୍ଲକ୍ ଅନ୍ତର୍ଗତ ଏଲମାପୁର ଗ୍ରାମରେ ଥିବା ଦୁଃଖିଶ୍ୟାମ ବୃଦ୍ଧାଶ୍ରମର ଅସହାୟ ଅନ୍ତେବାସୀଙ୍କ ଗହଣରେ ନିଆରା ଢ଼ଙ୍ଗରେ ନିଜ ଝିଅ ରୋଶ୍‌ନିର ଚତୁର୍ଥ ବାର୍ଷିକ ଜନ୍ମଦିନ ପାଳନ କରିଛନ୍ତି ଟାଙ୍ଗୀ ବ୍ଲକ୍‌ର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ସସ୍ମିତା ସାହୁ ଓ ଭଟିମୁଣ୍ଡା ସରପଞ୍ଚ ତାପସ ସାହୁ। ଉତ୍ସବ ପାଳନରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାମକୃଷ୍ଣପୁର ସମିତିସଭ୍ୟ ସୁଧିର ପ୍ରଧାନ, ସରପଞ୍ଚ ପ୍ରତିନିଧି ବିଶ୍ୱରଂଜନ ଦାଶ, ସାମ୍ବାଦିକ ବିରଞ୍ଚିନାରାୟଣ କର, ସୂର୍ଯ୍ୟମଣି ଷଡ଼ଙ୍ଗୀ, ରଂଜିତ୍ ଦାଶଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଚିନ୍ତାମଣି ସ୍କୁଲରେ ସ୍ୱାଭାବିକହେଲା ଶିକ୍ଷାଦାନ

ନେମାଳ, ୨୨।୧୧ (ସମିସ): ଗତ କିଛି ଦିନହେବ ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ପଞ୍ଚାୟତ ସାହାଁଳପୁର ଚିନ୍ତାମଣି ସରକାରୀ ବିଦ୍ୟାଳୟରେ ବିପଦସଂକୁଳ ଶ୍ରେଣୀଗୃହକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଥିଲା। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବାସହ ଛାତ୍ର ଛାତ୍ରୀ ଅଭିଭାବକମାନେ ବାଧହୋଇ ଶ୍ରେଣୀ ବର୍ଜନ କରିବା ସହ ରାସ୍ତାରୋକ କରିଥିଲେ। ଶେଷରେ ଶିକ୍ଷା ବିଭାଗ, ବ୍ଲକ ପ୍ରଶାସନ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଯୁଦ୍ଧକାଳୀନ ଭିତ୍ତିରେ ଶ୍ରେଣୀଗୃହ ମରାମତି କରିବା ସହିତ ଆଜି ପୂଜାପାଠ କରି ପୁନର୍ବାର ଶିକ୍ଷାଦାନ ବନ୍ଦୋବସ୍ତ କରିବା ପରେ ଆଜିଠାରୁ ସ୍ୱାଭାବିକ ଭାବେ ପାଠପଢ଼ା ଆରମ୍ଭ ହୋଇଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ତିଗିରିଆ, ୨୨।୧୧(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗ ଦେଇଥିଲେ। ବିଜ୍ଞାନ ମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ତରଫରୁ ମୋଟ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାତ୍ରୀ ଶୁଭଶ୍ରୀ ସୋନି ବେହେରା ପ୍ରଥମ, ରିତିକା ଜ୍ୟୋତିପ୍ରଭା ଦ୍ୱିତୀୟ, ଆଶୁତୋଷ ମହାନ୍ତି ତୃତୀୟ, ସମ୍ବିତ ହୋତା ଚତୁର୍ଥ, ଅଙ୍କିତା ପ୍ରିୟଦର୍ଶିନୀ ବେହେରା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେହିପରି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ



ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁର୍ଗାପ୍ରସାଦ ମହାପାତ୍ର ପ୍ରଥମ, ସୌମ୍ୟା ପ୍ରିୟଦର୍ଶିନୀ ଗୁଇଁ ଦ୍ୱିତୀୟ, ତୃପ୍ତିଲିସା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ତୃତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରିୟାନସି ପ୍ରିତ୍ୟାଞ୍ଜଳି ନାୟକ ପ୍ରଥମ, ଭାଗ୍ୟଲକ୍ଷ୍ମୀ ପରମାଣିକ ଦ୍ୱିତୀୟ, ପ୍ରୀତିମୟୀ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରଛାତ୍ରୀ ଆଗାମୀ ଦିନରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ଯୋଗ୍ୟତା ହାସଲ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡମ୍ବା ବ୍ଲକର ପୂର୍ବତନ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ମଉଗଜସିଂ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କୁଳମଣି ରାଉତ ଯୋଗଦେଇଥିଲେ। ଶିକ୍ଷକ ମାଧବଚନ୍ଦ୍ର ପାତ୍ର ସଂଯୋଜନା କରିଥିବା ବେଳେ ବରିଷ୍ଠ କିରାଣି ଗଣେଶଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ଶିଶୁ ଦିବସ ପାଳନ



ନରସିଂହପୁର,୨୨।୧୧(ସମିସ): ନରସିଂହପୁର ବ୍ଲକ ସାମାଜିକ ସଂଗଠନ ସାର୍ପ ଆନୁକୂଲ୍ୟରେ ନରସିଂହପୁର ସରସ୍ୱତୀ ଶିଶୁ ମନ୍ଦିରରେ ଅନ୍ତର୍ଜାତୀୟ ଶିଶୁ ଦିବସ ପାଳନ ହୋଇଯାଇଛି। ବ୍ଲକ ଅଧକ୍ଷା ସସ୍ମିତା ଜେନା ମୁଖ୍ୟଅତିଥି ଓ ମଣ୍ଡଳ ଶିକ୍ଷାଧିକାରୀ ସୁଶ୍ରୀ ଲୋପାମୁଦ୍ରା ରାଉତରାୟ ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିଲେ। ସାର୍ପ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ କଲେଜ ଅଧକ୍ଷ କୁଳମଣି ବାରିକି ସଭାରେ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରିୟମ୍ବଦା ଦେବୀ ଅତିଥି ଆମନ୍ତ୍ରଣ କରିଥିବା ବେଳେ ଉପସଭାପତି ସନତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା। ଇରାଶିଷ ଦାସ, ଝରଣା ବିଶ୍ୱାଳ, ସ୍ୱର୍ଣ୍ଣଲତା ମହାରଣା, ମୋନାଲିଶା ତ୍ରିପାଠୀ, ମୋନାଲିଶା ଶତପଥୀ, ସୁଭଦ୍ରା ଲେଙ୍କା, ପ୍ରଭାସିନୀ ପଣ୍ଡା, ସୁଜାତା ପ୍ରଧାନ, ଲକ୍ଷ୍ମୀପ୍ରିୟା ବାରିକ, ମଞ୍ଜୁଲତା ଦେବତା, ଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରେବା କଲେଜର ପୂର୍ବତନ ଅଧକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା

ସାଲେପୁର,୨୨।୧୧(ସମିସ): ରେବା କଲେଜର ପୂର୍ବତନ ଅଧକ୍ଷ ବିଘ୍ନେଶ୍ୱର ସିଂହଙ୍କ ଶ୍ରଦ୍ଧାଞ୍ଜଳି ସଭା ଚନ୍ଦ୍ରାଦେଇପୁରସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ, ବିଷ୍ଣୁଚରଣ ମିଶ୍ର, ସନ୍ତୋଷ କୁମାର ଜେନା, ଅରୁଣ ପ୍ରସାଦ ସିଂହ, ସୁଦାମ ତ୍ରିପାଠୀ, ଅନନ୍ତ ଚରଣ ଦାସ, ଆଶିଷ କୁମାର ସିଂହ, ସତ୍ୟରଂଜନ ସିଂହ, ଶ୍ୟାମସୁନ୍ଦର ତ୍ରିପାଠୀ, ସନ୍ତୋଷ କୁମାର କର, ଆଇନଜୀବୀ



ବିଜୟ କେତନ ନାୟକ, ମିହିରଚନ୍ଦ୍ର ଜେନା, ନବକିଶୋର କର, ମାନସ କୁମାର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭାଗବତ ପାରାୟଣ ଉଦ୍‌ଯାପିତ

ନେମାଳ, ୨୨।୧୧ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠରେ ସପ୍ତଦିବସୀୟ ଭାଗବତ ପାଠ କାଯ୍ୟକ୍ରମ ହୋମଯଜ୍ଞ ସହ ଉଦଯାପିତ ହୋଇଯାଇଛି। ଅଚ୍ୟୁତାନନ୍ଦ ପୀଠର ବରିଷ୍ଠ ପୂଜକ ଧରଣୀଧର ପୂଝାରୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଶତ୍ରୁଘ୍ନ ଦାସ, ଅମରବଲ୍ଲଭ ଦାସ ହରେକୃଷ୍ଣ ପୁଝାରୀ, ଅକ୍ଷୟକୁମାର ସାହୁ, ଦର୍ଶନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଷ୍ଣୁଚରଣ ଦାସ, କେତ୍ରବାସୀ ଦାସ



ଭାଗବତ ପାଠ କରିଥିଲେ। ପଣ୍ଡିତ ନବକିଶୋର ଦାସ, ବିଲ୍ୱମଙ୍ଗଳ ଶତପଥୀ ଓ ଶିବନାରାୟଣ ପଣ୍ଡା ହୋମଯଜ୍ଞ ପରିଚାଳନା କରିଥିଲେ।

# ୧୧ ଘଣ୍ଟା ବିଦ୍ୟୁତ କାଟ୍; ବଢ଼ୁଛି ଉପଭୋକ୍ତାଙ୍କ ଅସନ୍ତୋଷ

କଣ୍ଟାପଡ଼ା,୨୨।୧୧(ସମିସ): ଗୋପାଳପୁର ବିଦ୍ୟୁତ ଡିଭିଜନ ଅନ୍ତର୍ଗତ ଅଡଶପୁର ବିଦ୍ୟୁତ ସେକ୍ସନ ପକ୍ଷରୁ ବିଜୁଳି କାଟ କରାଯିବା ନେଇ ଉପଭୋକ୍ତା ମହଲରେ ଅସନ୍ତାଷ ଦେଖାଦେଇଛି। ଶନିବାର ବିଦ୍ୟୁତ ଲାଇନର ରକ୍ଷଣାବେକ୍ଷଣ ପାଇଁ ସକାଳ ୮ ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ଗତକାଲି ମଧ୍ୟାହ୍ନରେ ପ୍ରଚାର କରାଯାଇଥିଲା। ହେଲେ ପ୍ରଚାରର କିଛି ଘଣ୍ଟାପରେ ଶୁକ୍ରବାର ରାତି ୧୧ଟା ପରଠାରୁ ଆରମ୍ଭ ହୋଇଥିଲା ବିଦ୍ୟୁତ୍ କାଟ। ବିଜୁଳି କାଟର ଲୁଚକାଳି ଖେଳ ଆଜି ସକାଳ ୭ଟା ପର୍ଯ୍ୟନ୍ତ ଚାଲିଥିଲା। ପୁଣି ପ୍ରଚାର ମୁତାବକ ଶନିବାର ପୂର୍ବାହ୍ନ ୮ ଟାରେ ବିଜୁଳି କାଟ ହୋଇଥିଲା। ଅପରାହ୍ନ ୨ଟାରେ ଆସିବା ବଦଳରେ ଶେଷରେ ସନ୍ଧ୍ୟା ୬.୨୦ ମିନିଟରେ ଆସିଥିଲା। ପ୍ରତି ମାସରେ ଘୋଷିତ ଦୁଇଥର ଏପରି ଥରକୁ ଅତି କମରେ ୫ ଘଣ୍ଟା ରକ୍ଷଣାବେକ୍ଷଣ ପାଇଁ ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଦୁଇ ମାସ ତଳେ କଣ୍ଟାପଡା ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଏନେଇ ଯନ୍ତ୍ରୀଙ୍କୁ ତାଗିଦ କରିବା ଏବଂ ପରେ ମନଇଚ୍ଛା ଓ ଅଘୋଷିତ ବିଦ୍ୟୁତ୍ କାଟ୍ କିଛି ମାତ୍ରାରେ କମିଥିଲା। ଆଉ ତା'ପରେ ବିଦ୍ୟୁତ୍ ବ୍ୟବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇ ପଡିଛି। ଏନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଓଇଆରସିର ନିୟମକୁ ଉଲଙ୍ଘନ କରି ଘଣ୍ଟା ଘଣ୍ଟା ବିଦ୍ୟୁତ କାଟକୁ ନେଇ ଗ୍ରାହକମାନେ ଖାଉଟି ଅଦାଲତ ମାମଲା ରୁଜୁ କରିବେ ବୋଲି ପ୍ରକାଶ କରିଛନ୍ତି।

## ଜିଲ୍ଲା ବିଦ୍ୟାଳୟ ସମୂହ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# କଣ୍ଟାପଡ଼ା ବ୍ଲକ୍ ବାଳକ ଓ ବାଳିକା ଚାମ୍ପିଅନ



ତିଗିରିଆ,୨୨।୧୧(ସମିସ):

ଗତ ଦୁଇଦିନ ଧରି ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତସ୍ଥିତ ମିନି ଷ୍ଟାଡିୟମ ଓ ମହେଶ୍ୱର ବିଦ୍ୟାପୀଠ ଖେଳ ପଡିଆରେ ଚାଲିଥିବା ଜିଲ୍ଲା ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାରଙ୍ଗ ବ୍ଲକକୁ ପରାସ୍ତ କରି କଣ୍ଟାପଡା ବ୍ଲକ୍ ଉଭୟ ବାଳକ ଓ ବାଳିକା ବିଭାଗରେ ଚାମ୍ପିଅନ ହୋଇଛି। ପେନାଲଟି ସୁଟ ଆଉଟରେ ଦୁଇଟି ଖେଳର ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଯେଉଁଥିରେ କଣ୍ଟାପଡା ବ୍ଲକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନ ସମାରୋହରେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ବିଦ୍ୟାଧର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବଡମ୍ବା ବ୍ଲକ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା, ଜିଲ୍ଲା କ୍ରୀଡା ନିରୀକ୍ଷକ ସୁଶ୍ରୀ ସୌଦାମିନୀ ଦାସ, ସହଶିକ୍ଷା ଅଧିକାରୀ ମାଧବଚନ୍ଦ୍ର ଦେଉରୀ ଓ ସୋଦାମିନୀ ମିଶ୍ର, ସମାଜସେବୀ ସରୋଜ କୁମାର ଦାଶ, ବିଶେଷ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ରବିନ୍ଦ୍ରନାଥ ବିଶ୍ୱାଳ, ବ୍ଲକ କ୍ରୀଡା ସମ୍ପାଦିକା ସରୋଜିନୀ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ସଂଗଠନ ପକ୍ଷରୁ ଇନ୍ଦ୍ରଜିତ ପ୍ରଧାନ, ସୁଶାନ୍ତ କୁମାର ପଣ୍ଡା, ବାରିଦ ବରଣ ମହାପାତ୍ର, ଚନ୍ଦ୍ରକାନ୍ତ ମିଶ୍ର, ପ୍ରଭାତ କୁମାର ପଣ୍ଡା, କର୍ଣ୍ଣାର୍ଜୁନ ନାୟକ, ପ୍ରମୋଦ କୁମାର ଗୋଛି, ସୁବାସଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଘଡେଇ, ବିଶ୍ୱରଞ୍ଜନ ଜେନା, ନିଶାକର ଖଟୁଆ, ଅଶୋକ କୁମାର ଦାସ, ଉମାଶଙ୍କର ରାଉତ, ମହେଶ୍ୱର ସେଠୀ, ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କଟକ,୨୨।୧୧(ସମିସ): ନୂଆବଜାରସ୍ଥିତ ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ଚଳିତ ବର୍ଷର ବାର୍ଷିକ କ୍ରୀଡାର ଉଦ୍‌ଘାଟନ ଉତ୍ସବ ଗାନ୍ଧି ପଲ୍ଲୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଡ ପ୍ରଦୀପ ତ୍ରିପାଠୀ ପ୍ରଦୀପ ଉତ୍ସବର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର କ୍ରୀଡା ସଚିବ ସତ୍ୟ ନାରାୟଣ ନାୟକ ପ୍ରଜ୍ୱଳିତ ମଶାଲ ଧରି ନେହେରୁପଲ୍ଲୀ ସ୍ଥିତ ହନୁମାନ ମନ୍ଦିରଠାରୁ ଗାନ୍ଧିପଲ୍ଲୀ ପଡିଆ ପର୍ଯ୍ୟନ୍ତ ପରିକ୍ରମା କରି କ୍ରୀଡାର ଶୁଭାରମ୍ଭ କରିଥିଲେ। ଏହି ବାର୍ଷିକ କ୍ରୀଡା ଉତ୍ସବରେ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମିତ୍ତ କେତେକ ପ୍ରତିଯୋଗିତାର ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା। ଅପରାହ୍ଣରେ ବିଦ୍ୟାଳୟର ନିର୍ଦ୍ଦେଶକ ଡ ପ୍ରଭୁଚରଣ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର କ୍ରୀଡା ସଚିବ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# କଟକ ସିଟି



## ୧୯୨୨ ଗାଡ଼ିର ଯାଞ୍ଚ, ୫ ଲକ୍ଷ ଜରିମାନା

କଟକ,୨୨ ।୧୧(ସମିସ): କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ ୭ଟି ଜିଲ୍ଲାରେ ହୋଇଥିବା ନାକା ଓ ପାଟ୍ରୋଲିଂ ବେଳେ ଶୁକ୍ରବାର ମୋଟ ୧୯୨୨ଟି ଗାଡିର ଯାଞ୍ଚ କରାଯାଇଛି । ୭ଟି ଜିଲ୍ଲାରେ ମୋଟ ୫ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି । ପୁରୀରେ ୪୯୫ଗାଡି ଯାଞ୍ଚ ସହ ୨ଲକ୍ଷ୧୩ହଜାର ୫୦୦, କଟକରେ ୮୦ଗାଡିରୁ ୨୦ହଜାର୫୦୦, କେନ୍ଦ୍ରାପଡାରେ କୌଣସି ଜରିମାନା ଆଦାୟ କରାଯାଇନାହିଁ । ଖୋର୍ଦ୍ଧାରେ ୮୧ଟି ଗାଡ଼ିରୁ ୮୬ହଜାର୫୦୦ଟଙ୍କା, ନୟାଗଡ଼ରେ ୪୧୬ଟି ଗାଡିରୁ ୭୧ହଜାର ଟଙ୍କା, ଯାଜପୁର ଜିଲ୍ଲାରେ ୪୬୨ଟି ଗାଡିରୁ ୫୧ହଜାର୫୦୦ ଜଗତସିଂହପୁର ଜିଲ୍ଲାରୁ ୩୩ଟି ଗାଡ଼ି ଯାଞ୍ଚ କରାଯାଇ ୫୭ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

## ପ୍ରଫେସର ହରିହର ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ

କଟକ,୨୨।୧୧(ସମିସ): ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ୍ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ ହରିହର ପଟ୍ଟନାୟକଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ସଭା ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ସଂସଦର ଉପସଭାପତି ଡ ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡାକ୍ତର ରବିରଞ୍ଜନ ସାହୁ ମୁଖ୍ୟଅତିଥି, ପ୍ରଫେସର ଡାକ୍ତର ନିମାଇଁ ଚରଣ ପରିଜା ମୁଖ୍ୟବକ୍ତା, ପ୍ରଫେସର ଡାକ୍ତର ଜ୍ଞାନେନ୍ଦ୍ରନାଥ ମହାନ୍ତି ବରେଣ୍ୟ ଅତିଥି ଓ ରଘୁନାଥ ମହାପାତ୍ର ସମ୍ମାନିତ ଅତିଥି ଭାବେ ପ୍ରଫେସର ପଟ୍ଟନାୟକ ଜଣେ ଆଧ୍ୟାତ୍ମିକବାଦୀ ବୈଜ୍ଞାନିକ ଥିଲେ ବୋଲି କହିଥିଲେ । ସ୍ମୃତି ସଂସଦର କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ, ସଂପାଦକ ଦିଲ୍ଲୀପ କୁମାର ଦାସ ଅତିଥି ପରିଚୟ, ସଂଗଠନ ସଂପାଦକ ସୁଭାଷଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଭୁବନାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଏହି ସଭାରେ ତାରାକାନ୍ତ ଅଗସ୍ତି, ବିଦ୍ୟୁତ କୁମାରୀ ଲାଲା, ଡ ଓଁକାର ରାଉତ, ମିଳନ ବଡୁ, ଯୋଗେନ୍ଦ୍ରନାଥ ବସ୍ତିଆ, ଦେବସ୍ମାନ ଦାସ ଓ କୁଟୀରର ଅନ୍ତେବାସୀ ଯୋଗ ଦେଇଥିଲେ ।

## ୨୪ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଡ. ବାସୁଦେବ କର ସ୍ମାରକୀ ବକ୍ତୃତାମାଳା

କଟକ, ୨୨।୧୧(ସମିସ): ଆସନ୍ତା ସୋମବାର ୨୪ ନଭେମ୍ବର ୨୦୨୫ ପୂର୍ବାହ୍ନ ୧୧.୩୦ ମିନିଟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକର ସେଭେନ୍ ପିଲର୍ ଅଫ୍ ୱିସଡମ୍ ପରିସରରେ ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ତୃତୀୟ ଡକ୍ଟର ବାସୁଦେବ କର ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହେବାକୁ ଯାଉଛି । ଉତ୍ସବରେ ଭଣ୍ଡାରକର ଓରିଏଣ୍ଟାଲ ଗବେଷଣା କେନ୍ଦ୍ର, ପୁନେର ମହାଭାରତ ପ୍ରକଳ୍ପ ସହିତ ଜଡିତ ପ୍ରଫେସର ସୁଚେତା ପରାଞ୍ଜପେ ବକ୍ତୃତା ପ୍ରଦାନ କରିବେ । ବିଷୟବସ୍ତୁ ରହିଛି ''ବେଦ, ସାହିତ୍ୟ, ଇତିହାସ: ସମୟ ସହିତ ବାର୍ତ୍ତାଳାପ' । ଏହି ଅବସରରେ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ପ୍ରାକ୍ତନ ଅଧ୍ୟକ୍ଷା ତଥା ଗବେଷଣା ବିକାଶ ପରିଷଦର ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ଓ ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ପ୍ରଫେସର ଉର୍ମିଶ୍ରୀ ବେଦମତ୍ତା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବେ ବୋଲି କାର୍ଯ୍ୟକ୍ରମ ରହିଛି ।

# ଅବହେଳିତ କଟକର ୨୪ ଶ୍ମଶାନ



**ନାହିଁ ପାଣି, ଶୌଚାଳୟ ଓ ଆଲୋକ ସୁବିଧା    ସିଏମ୍‌ସି-ଜିଲ୍ଲା ପ୍ରଶାସନର ହେବ ମିଳିତ ବୈଠକ**

କଟକ,୨୨।୧୧(ସମିସ):

କଟକ ସହରରେ ଥିବା ଶ୍ମଶାନଗୁଡିକ ଏବେ ଅବହେଳିତ ଅବସ୍ଥାରେ ପଡିରହିଛି। ସାଧାରଣ ଭାବେ ଏଗୁଡ଼ିକୁ ଯେତିକି ସର୍ବନିମ୍ନ ସୁବିଧା ଉପଲବ୍ଧ କରାଯିବା କଥା ତାହା ହୋଇପାରିନାହିଁ। ହାଇକୋର୍ଟ ମଧ୍ୟ ଏହି ପ୍ରସଂଗକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ସହରରେ ଥିବା ଶ୍ମଶାନ ଏବଂ କବରସ୍ଥାନର ସଂଖ୍ୟା ଏବଂ ପାଣି, ଶୌଚାଳୟ, ଆଲୋକ ଏବଂ ବିଶ୍ରାମାଗାର ଭଳି ସ୍ଥାନରେ ମୌଳିକ ସୁବିଧାର ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରାଯାଇଛି। ଅଦାଲତଙ୍କୁ କଟକ ସଦର ତହସିଲଦାର ଦେଇଥିବା ଏହି ରିପୋର୍ଟ ଅନୁସାରେ ସହରରେ ମୋଟ ୨୪ଟି ଶ୍ମଶାନ/କବରସ୍ଥାନ ରହିଛି। ଏଗୁଡିକ ମଧ୍ୟରେ ସିଏମସି ପରିଚାଳନା ଅଧିନସ୍ଥ ୫ଟି ଶ୍ମଶାନ ରହିଛି। ଖାନନଗର ଶବଦାହ ଚୁଲା, ଖାନନଗର ଶ୍ମଶାନ, ବିଡାନାସୀ ଶ୍ମଶାନ, ସତୀଚୌରା ଶ୍ମଶାନ, କାଳିଆବୁଦା ଶ୍ମଶାନ ଆଦି ଅନ୍ତର୍ଭୁକ୍ତ।

ମିଳିଥିବା ସୂଚନାନୁସାରେ, ସିଏମସି ଶ୍ମଶାନଗୁଡିକରେ ବି ଆନୁଷଙ୍ଗିକ ସର୍ବନିମ୍ନ ସୁବିଧା ନାହିଁ। ସହରରେ ସ୍ୱର୍ଗଧାମ, ଶଙ୍କରପୁର, କଦମରସୁଲ, କେଶରପୁର, ଗୋପାଳପୁର, ଇଦଗା, ଗୋରାକବର, ନୂଆହାଟ, ପୋତାପୋଖରୀ, ବନ୍ଧଛଡା, ଭାଣପୁର, ତେଲେଙ୍ଗାପେଣ୍ଠ, ସାର୍ତ୍ତୋଳ, ବିଦ୍ୟାଧରପୁର, କହ୍ନେଇପୁର, ନାକେଇପଡିଆ ଓ ଚାଉଳିଆଗଞ୍ଜ ଆଦି ଶ୍ମଶାନ ଓ ଆଉ କେତେକ କବରସ୍ଥାନ ରହିଛି। ଏଗୁଡିକ ମଧ୍ୟରେ ୧୩ଟିରେ ଆଦୌ ପିଇବାପାଣି ସୁବିଧା ନଥିବା ବେଳେ ୧୭ଟିରେ ଶୌଚାଳୟ ନାହିଁ। ସେହିଭଳି ୧୦ଟି ସ୍ଥାନରେ ଶବସଂସ୍କାର ପାଇଁ ଆସୁଥିବା ଲୋକଙ୍କ ପାଇଁ ବିଶ୍ରାମାଗାର ନଥିବା ବେଳେ ୧୧ଟି ଶ୍ମଶାନରେ ଆଲୋକ ସୁବିଧା ନଥିବାରୁ ଅନ୍ଧାରରେ ରହିଛି। ଅଧିକାଂଶ ସ୍ଥାନରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରଦାନ କରାଯାଇଥିବା ରିପୋର୍ଟକୁ ଦୃଷ୍ଟିରେ ରଖି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ଏବଂ ସିଏମସି କର୍ତ୍ତୃପକ୍ଷ ସମ୍ପୃକ୍ତ ଶ୍ମଶାନ/କବରସ୍ଥାନରେ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହ ମିଳି ବୈଠକ କରିବେ ବୋଲି ଜଣାପଡିଛି। କଟକ ସହରରେ ପରିବେଶ ଅନୁକୂଳ ଶ୍ମଶାନ ପ୍ରତିଷ୍ଠା ଉପରେ ଯେହେତୁ ଅଦାଲତ ଗୁରୁତ୍ୱାରୋପ କରିଥିଲେ ଏହି ଦିଗରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡିଛି।

## ମା’ ସରସ୍ୱତୀ ଶିକ୍ଷା ମନ୍ଦିରରେ ବାର୍ଷିକ ବିଜ୍ଞାନ ମେଳା




କଟକ, ୨୨।୧୧(ସମିସ): ଶନିବାର ମାଛୁଆ ବଜାରସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ସପ୍ତଦଶ ବିଜ୍ଞାନ ମେଳା, ଶିଶୁ ବଟିକା, କଣ୍ଢେଇ ମେଳା ଓ ମୀନା ବଜାର ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଶିବ ହାତୀଙ୍କ ସଭାପତିତ୍ୱରେ ଉଦଘାଟକ ଡ ସନ୍ଦୀପ ଦେବାଶିଷ ମିଶ୍ର, ମୁଖ୍ୟଅତିଥି ଡ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଯାମିନୀ ପରିଜା ଯୋଗ ଦେଇଥିଲେ। ସମ୍ପାଦକ ମନୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ରଶ୍ମିତା ସୂତାର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସବିତାରାଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ୩୬ଟି ବିଜ୍ଞାନ ପ୍ରକଳ୍ପ, ୧୬ଟି ହସ୍ତକର୍ମ, ମୀନାବଜାରରେ ୮ଜଣ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ପ୍ରକଳ୍ପରୁ କନିଷ୍ଠ ବିଭାଗରୁ ୩ ଜଣ ଓ ବରିଷ୍ଠ ବିଭାଗରୁ ୪ଜଣ ଓ ମୀନା ବଜାରରୁ ୩ଜଣ ଏବଂ ଶିଶୁ ବାଟିକାରୁ ୯ ଜଣ ଛାତ୍ରଛାତ୍ରୀ ମୋଟ ୧୯ ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଛନ୍ତି। ସହକାରୀ ଆଚାର୍ଯ୍ୟା ଲୋପାନୀ ସାହୁ, ନମିତା କୁମାରୀ ବେହେରା, ସୋନାଲିଶା ବାରିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସଙ୍ଗୀତା ବେହେରା, ଜୟନ୍ତୀ ସାହୁ, ପ୍ରିୟଙ୍କା ସାହୁ, ମଧୁସ୍ମିତା ସାହୁ ଓ ସେବିକା ଜୟନ୍ତୀ ସାହୁ ସହଯୋଗ କରିଥିଲେ।

## ଇମର୍ତ୍ତିଦେବୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



କଟକ, ୨୨।୧୧(ସମିସ): ନୟାସଡ଼କସ୍ଥିତ ଇମର୍ତ୍ତିଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଏବଂ ଏଚଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଅଧ୍ୟକ୍ଷା ଶାଶ୍ୱତି ସୌମ୍ୟା ସାହୁଙ୍କ ପୌରହିତ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରମାଦେବୀ ବିଶ୍ୱବିଦ୍ୟାଳୟର ସଙ୍ଗୀତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡଃ ସୁଶୀଳ କୁମାର ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଟକ ମହାନଗର ନଗରିକା ମହାସଭାର ସଭାପତି ଡାକ୍ତର ରବିରଞ୍ଜନ ସାହୁ ରକ୍ତଦାନର ମହାନତା ବିଷୟରେ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ରକ୍ତଦାନ ଶିବିରରେ ଜାତୀୟ ସେବା ଯୋଜନାର ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମ ଅଧିକାରୀ ଡଃ ଛନ୍ଦା ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନା ସଦସ୍ୟା ଡ ଦମୟନ୍ତୀ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଖ୍ରୀଷ୍ଟ କଲେଜରେ ରକ୍ତଦାନ ଶିବିର




କଟକ,୨୨ ।୧୧(ସମିସ): ଖ୍ରୀଷ୍ଟ କଲେଜରେ କଟକ ପୁଲିସ କମିସନରେଟ୍ ଓ ଯୁବ ରେଡ୍‌କ୍ରସ୍‌ର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । କଟକ ଡିସିପି ଖିଲାରୀ ରିଶିକେଶ୍ ଦ୍ୟାନ୍‌ଡେଓ, ଜୋନ-୨ର ଏସିପି ଗିରିଜା ଚକ୍ରବର୍ତ୍ତୀ, ଭାରପ୍ରାପ୍ତ ଏସିପି ଯତିନ୍ଦ୍ରନାଥ ସେଠୀ, ଯୁବ ରେଡ୍‌କ୍ରସ୍‌ର ସଂଯୋଜିକା ଉପାଧ୍ୟକ୍ଷା ଡ କ୍ଷଣପ୍ରଭା ନନ୍ଦ ପ୍ରମୁଖ ରକ୍ତଦାନର ମହାନତା ଓ ଆବଶ୍ୟକତା ଉପରେ ମତ ବ୍ୟକ୍ତ କରିଥିଲେ । ସମୁଦାୟ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଯୁବ ରେଡ୍‌କ୍ରସ୍‌ର କାଉନ୍‌ସେଲର ଡ ପ୍ରଦୀପ୍ତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରକୁ ପରିଚାଳନା କରିଥିଲେ ଡ ସ୍ୱାତି ମହାନ୍ତି, ଡ ସଞ୍ଜିତ ବିଶ୍ୱାସ, ଅଧ୍ୟାପିକା ମିତାଞ୍ଜଳି ଜେଠୀ, ଡ ଶାଶ୍ୱତୀ ମିଶ୍ର, ପ୍ରିୟଦର୍ଶିନୀ ପ୍ରଧାନ, ଆଦ୍ୟାଶା ମହାନ୍ତି ଓ ଶିବାନନ୍ଦ ମହାନ୍ତି ।

## ମା' କଳିଙ୍ଗେଶ୍ୱରୀ କୋଚିଂ ସେଣ୍ଟର ବାର୍ଷିକ ଉତ୍ସବ

ଭଦ୍ରେଶ୍ୱର,୨୨ ।୧୧(ସମିସ): ମାହାଙ୍ଗା ବ୍ଲକ କୁରୁଜଙ୍ଗା ଗ୍ରାମପଞ୍ଚାୟତ ସବଳକଣାସ୍ଥିତ ମା’ କଳିଙ୍ଗେଶ୍ୱରୀ କୋଚିଂ ସେଣ୍ଟରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଆଇନଜୀବୀ ପ୍ରଦୀପ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ଉପମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଉପେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ବିଶ୍ୱଭୂଷଣ ପ୍ରଧାନ, ଭରତଚନ୍ଦ୍ର ବାରିକ୍, ବଂଶୀଧର ନାଥ ଶର୍ମା ପ୍ରମୁଖ ଯୋଗଦାନ କରିଥିଲେ । ତ୍ରିଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଶିକ୍ଷକ କୈଳାସଚନ୍ଦ୍ର ପୃଷ୍ଟି, ଜୟନ୍ତ କୁମାର ସାହୁ, ଦେବେନ୍ଦ୍ର ଘଡେଇ, ବ୍ରଜକିଶୋର ସାହୁ, ଆଶିଷ ଦାସ, ମେଘନାଦ ଧଳ, ମିତା ଜେନା ଓ ରାଜଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

## କଥା ରଖନ୍ତୁ ସରକାର: ସାମ୍ବାଦିକଙ୍କୁ ପେନ୍‌ସନ୍, ସ୍ୱୀକୃତି, ସୁରକ୍ଷା ଦିଆଯାଉ

କଟକ,୨୨।୧୧(ସମିସ):




ସରକାର ତାଙ୍କ ନିଜ କଥାକୁ ରଖନ୍ତୁ। ସାମ୍ବାଦିକଙ୍କୁ ପେନ୍‌ସନ୍, ସ୍ୱୀକୃତି ଏବଂ ସୁରକ୍ଷା ଦେବାଲାଗି ସରକାର ବିଭିନ୍ନ ଫୋରମ୍‌ରେ କହି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ସାମ୍ବାଦିକମାନଙ୍କ ଏହି ସର୍ବନିମ୍ନ ଦାବି ପୂରଣ ହୋଇପାରି ନାହିଁ। ଆଗାମୀ ବିଧାନସଭାରେ ରାଜ୍ୟ ସରକାର ସାମ୍ବାଦିକଙ୍କ ଏହି ଦାବି ପ୍ରତି ଧ୍ୟାନ ଦେବେ ବୋଲି ଓଡ଼ିଶା ରାଜ୍ୟ ସାମ୍ବାଦିକ ସଂଘ ଆଶା ରଖୁଛି ବୋଲି କଟକରେ ଆଜି ଆୟୋଜିତ ରାଜ୍ୟସ୍ତରୀୟ ବୈଠକରେ ସଂଘ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଏହା କହିଛନ୍ତି।

ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣି ବୈଠକ ଓ କଟକ ଜିଲ୍ଲା ସାମ୍ବାଦିକ ସଂଘର ୨୩ତମ ଦ୍ୱିବାର୍ଷିକ ସମ୍ମିଳନୀ ମହାନଦୀ ବିହାରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶଚନ୍ଦ୍ର ବେହେରା ସାମ୍ବାଦିକଙ୍କର ଯଥାର୍ଥ ଦାବିକୁ ସମର୍ଥନ କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସାମ୍ବାଦିକଙ୍କ ଦାବି ପେନ୍‌ସନ୍, ପ୍ରୋଟେକସନ ଓ ଆକ୍ରିଡେସନକୁ ସମର୍ଥନ ଜଣାଇବା ସହ ଆନ୍ଦୋଳନ ଜରିଆରେ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ରାଜନେତା ପ୍ରଭାତ କୁମାର ତ୍ରିପାଠୀ ସାମ୍ବାଦିକମାନଙ୍କ ଦାବି ସହ ପୂର୍ଣ୍ଣ ସମର୍ଥନ ରହିଛି ବୋଲି କହିଥିଲେ । ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଟକଜିଲ୍ଲା ସଭାପତି ପ୍ରଫୁଲ୍ଲ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ସାହୁ, ଉପସଭାପତି ରାଜୀବ କୁମାର ମହାନ୍ତି ସରକାର ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଦାବିକୁ ଅଣଦେଖା କଲେ ୩୦ ଜିଲ୍ଲାରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି କହିଥିଲେ। ଏହି ଅବସରରେ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ମୁଖପତ୍ର ‘ମସୀ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓୟୁଜେର ଦ୍ୱିବାର୍ଷିକ ସମ୍ମିଳନୀ ୨୦୨୬ ଜାନୁୟାରୀ ୯ତାରିଖ ଜୟଦେବ ଭବନରେ ହେବାକୁ ଘୋଷଣା କରାଗଲା ଓ ଆସନ୍ତା ନିର୍ବାଚନ ପାଇଁ ନିର୍ବାଚନ କମିସନର ଭାବେ ଅଜୟ କୁମାର ଦାସଙ୍କୁ ଚୟନ କରାଗଲା । ଏହି ଅବସରରେ ସମାଜର ବିଶିଷ୍ଟ ବ୍ୟକ୍ତି ସଂଜୟ ଜେନା, କଳ୍ପତରୁ ଖୁଣ୍ଟିଆ, ପ୍ରଫେସର ତ୍ରିଦେବ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ପରିକ୍ଷିତ ବିଶ୍ୱାଳ, ପ୍ରସନ୍ନ ପାଇକରାୟ, ଅଭୟ ପତିଙ୍କ ସମେତ ୩୦ଜିଲ୍ଲାର ପ୍ରତିନିଧ ବକ୍ତବ୍ୟ ରଖିଥିଲେ । କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଯୋଗିନୀ ଡା. କମଳେଶ ଦିଦିଜୀଙ୍କ ପରଲୋକ



କଟକ,୨୨ ।୧୧(ସମିସ): ରାଜଯୋଗିନୀ ଡା. କମଳେଶ ଦିଦିଜୀଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି । ଡା. କମଳେଶ ଦିଦିଜୀଙ୍କୁ ତାଙ୍କ ଅସାମାନ୍ୟ ଆଧ୍ୟାତ୍ମିକ ସେବା, ସାମାଜିକ ଉନ୍ନତି, ଶାନ୍ତି, ନାରୀ ସଶକ୍ତିକରଣ ଓ ମୂଲ୍ୟଭିତ୍ତିକ ଜୀବନ ପ୍ରଚାର ପାଇଁ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ସରଳତା, ମାଧୁର୍ଯ୍ୟ ଓ ସମର୍ପିତ ସେବା ଲୋକଙ୍କୁ ପ୍ରଭାବିତ କରିଛି। ଓଡିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶକୁ ଶକ୍ତିଶାଳୀ କରିବା, ନାରୀମାନଙ୍କ ସଶକ୍ତିକରଣ, ଯୁବପିଢ଼ିଙ୍କୁ ସଂସ୍କାର ଓ ମୂଲ୍ୟଭିତ୍ତିକ ଜୀବନରେ ପ୍ରେରିତ କରିବା ପାଇଁ ବ୍ୟାପକ ସଚେତନତା ପ୍ରସାର କରିବା ଦିଗରେ ଡା. କମଳେଶ ଦିଦିଜୀଙ୍କ ପ୍ରମୁଖ ଅବଦାନ ରହିଥିଲା। ଦିଦିଜୀଙ୍କର ଶେଷ କାର୍ଯ୍ୟ ରବିବାର ନିଆଳି ବିଶ୍ୱ ଶାନ୍ତି ସରୋବରଠାରେ ସମ୍ପନ୍ନ ହେବ ।




JDM INTER DISTRICT COMPETITIONS (Any One)

| Group | Grade | Date | Item - I | Item - II | Item - III |
|---|---|---|---|---|---|
| A | Nursery - U.K.G | 7th Dec. 2025 | Fancy Dress | Rhymes (Eng. only) | ***** |
| B | Std. I & II | 7th Dec. 2025 | Poem Recitation (Eng. only) | Colouring | ***** |
| C | Std. III - V | 7th Dec. 2025 | Impersonation (Hindi/Odia/English) | Craft | Dance (90s) |
| D | Std. VI - VIII | 7th Dec. 2025 | Extempore (Eng. only) | Song (Patriotic) | Dance (Devotional/Mythological) |
| E | Std. IX - XII | 7th Dec. 2025 | Dance (Free Style) | PPT (Topic: AI and PRIVACY : ARE WE SAFE IN A SMART WORLD?) | Song (Devotional) |

A participant can participate in any one of the selected items from each group.
Registration FREE from 17th Nov 2025 to 4th Dec 2025.
Registrations can be done at school or through Online
https://forms.gle/GeFND1Z66TBTpvDU6 or SCAN the code
Additional information related to the competitions will be intimated through WHATSAPP.
Place of Registration :
SBD INTERNATIONAL SCHOOL
Affiliated to CBSE, New Delhi
New Campus : Gopabandhupur, Beside NH-16, Bhadrak
CONTACT US
7855080800
7077710014
9078112324
7077710012
ADMISSION OPEN
NURSERY-IX, XI (Sci.,Comm. & Arts)
For NEW SESSION 2026-27
HOSTEL FACILITY Available for BOYS & GIRLS
For admission enquiry link https://forms.gle/fLc2YHNNCf7AjsXJ7

ସୃଜନିକା

ସକାଳ
THE SAKALA
www.sakalaepaper.com



# କଟନ୍ କ୍ୟାଣ୍ଡି



ଡା. ଇପ୍‌ସିତା ପ୍ରଧାନ

କଳା ରଙ୍ଗର ହୁଡ୍ଡି ପିନ୍ଧା ଛୁଆଟା, ଟିକେ ଛାଡ଼ି ଟିକେ ତା' ବାପା ହାତକୁ ଟାଣୁଛି "...ବାପା, କଟନ୍ କ୍ୟାଣ୍ଡି...ବାପା, କଟନ୍ କ୍ୟାଣ୍ଡି.....ବାପା, କଟନ୍ କ୍ୟାଣ୍ଡି..."

ଦୁଇ ଦିନ ହେଲା ପାର୍କରେ କ'ଣ ଗୋଟେ ଗପ-ଫେଷ୍ଟ ଚାଲିଛି ଯେ, ସନ୍ଧ୍ୟା ହେଲେ ଗପ ଶୁଣିବାକୁ ଭିଡ଼ ଜମୁଛି। ଭଲ ବେପାର ହେଉଛି ସେଇଥିପାଇଁ ଦି' ଦିନ ହେଲା। ଆଜିବି ଆସିଲା ପରଠୁ ୨୦ଟା ବେଲୁନ ଆଉ ୧୧ ଟା କଟନ୍ କ୍ୟାଣ୍ଡି ବିକି ସାରିଲାଣି ସୋମୁ। ଏମିତି ଫେଷ୍ଟିଭାଲ୍ ଟାଇମ୍‌ରେ ଭଲ ବେପାର ହୁଏ। ସେଇ କଥା ମନେମନେ ହିସାବ କରି ଆଜି, ସ୍କୁଲରୁ ଘରକୁ ନ ଯାଇ ସିଧା ମାଲିକ ପାଖକୁ ଯାଇ, ମାଲ୍ ଆଣି ପାର୍କ ଗେଟ୍ ସାମ୍ନାକୁ ପଳେଇ ଆସିଥିଲା ସେ। ଟିକେ ଅଧିକା ବେପାର ହେଲେ, ମାଲିକ ୧୦ ଟଙ୍କା ଦେଲେ ଗୋଟିଏ କଟନ୍ କ୍ୟାଣ୍ଡି ଦେଇଦିଏ। ଆଜି ଫେରିଲା ବେଳେ ରୋଜି ପାଇଁ ଗୋଟେ କଟନ୍ କ୍ୟାଣ୍ଡି ଯେମିତି ହେଲେ ନେବ ସେ। କଟନ୍ କ୍ୟାଣ୍ଡି ଭାରି ପସନ୍ଦ ରୋଜିର। ତା' କୁନିକୁନି ଆଙ୍ଗୁଠିରେ ଗୋଲାପି କଟନ୍ କ୍ୟାଣ୍ଡିରୁ ଟିକେ ଟିକେ କରି ନଖେଇ-ନଖେଇ ଖାଏ ସେ। ପ୍ରତିଥର ପାଟିରେ ଟୁକୁଡ଼ାଟେ ରଖିଲା ପରେ ଘେରାଏ ନାଚି ଯାଏ।

ଦିନେ ପାଉଣା ପାଇ ସାରିବା ପରେ, ଦଶଟଙ୍କା ଦେଇ ମାଲିକଠୁ କଟନ୍ କ୍ୟାଣ୍ଡି ଗୋଟେ ମାଗିକି ନେଇଥିଲା ରୋଜି ପାଇଁ ଯେ... ଘରଭଡ଼ା ଦିଆ ହୋଇପାରୁନି କାଇଁ ଦଶ ଟଙ୍କା ବର୍ବାଦ କଲା କହି ମା' ବାଡ଼େଇ ନୋଳା ଫଟେଇ ଦେଇଥିଲା। ଆଇ ରାଣ-ନିୟମ କଲା ପରେ ଅଟକି ଥିଲା ମା'। ବାପା ଗଲା ପରଠୁ, ଦି ବର୍ଷ ହେଲା କେତେ କଷ୍ଟରେ ସଂସାର ଚଳୁଛି, କ୍ୟାଣ୍ଡି ଖାଇବାକୁ ଜିଦ୍ଦି କରୁଛି କହି ରୋଜିକୁ ବି ଦୁଇ-ଚାରି ବିଧା ଥୋଇଥିଲା। ପିଲାଙ୍କୁ ବାଡ଼େଇ ସାରି ପାହାନ୍ତା ଯାଏ ନିଜେ ବାହୁନୁ ଥିଲା ମା'। ରାତିରେ ତା' ନୋଳାଫଟା ପିଠିକୁ ଆଉଁଶୁ ଆଉଁଶୁ ରୋଜି କହିଥିଲା, "ବାପା ନଫେରିବା ଯାଏଁ ମୁଁ ଆଉ କଟନ୍ କ୍ୟାଣ୍ଡି ପାଇଁ ଜମା ଜିଦ୍ଦି କରିବିନି ଭାଇ।"

ପକେଟରେ ହାତ ପୂରାଇ ମନେମନେ ଗଣିଲା ସୋମୁ। କାଲିଠୁ ହିସାବ କରିଛି ସେ। ଦୋକାନ ବାକି ଆଉ ଆଈର କାଶ ଓଷଦ କିଣିଲା ପରେ ଆଉ ୫୦ ଟଙ୍କା ତଥାପି ବଳିବ ତା' ହାତରେ। ଛୋଟିଆ ଉଜ୍ଜ୍ୱଳ ହସଟେ ତା' ଓଠ ଉପରେ ଖେଳିଗଲା। ହାତରେ କଟନ୍ କ୍ୟାଣ୍ଡି ପାଇଲେ ରୋଜି କେମିତି ଖୁସିରେ ଡେଇଁବ, ତାକୁ ଗେଲ କରି ପକେଇବ, ବିଲେଇ ଛୁଆଟେ ପରି ତା' ପାଖରେ ଗୁଞ୍ଜି ହେବ, ଆଖି ଆଗରେ ନାଚି ଯାଉଥାଏ ସୋମୁର। ପାର୍କ ଗେଟ୍ ପାଖରୁ ଟାଣି ଟାଣି ସେ କଳା ହୁଡ୍ଡି ପିନ୍ଧା ଛୁଆଟା ତା' ବାପାକୁ ସୋମୁ ସାମ୍ନାରେ ଆଣି ଠିଆ କରି, ପୁଣି କଟନ୍ କ୍ୟାଣ୍ଡି ପାଇଁ ଜିଦ୍ଦି କଲା। ଲୋକଟି ଯଦି ତା' ଜିଦ୍‌ରେ ଏବେ କଟନ୍ କ୍ୟାଣ୍ଡିଟେ କିଣି ଦିଅନ୍ତା, ତା' ହିସାବ ଅନୁସାରେ ସବୁ ଠିକ୍ ବସି ଯାଆନ୍ତା, ଭାବୁଥାଏ ସୋମୁ।

ବାପା ଜଣକ କଟନ୍ କ୍ୟାଣ୍ଡି କିଣିବାକୁ ମନା କଲାବେଳେ ଛୁଆଟି ଜିଦ୍ ଧରିଥାଏ। "ଲୋକଟି କଟନ୍ କ୍ୟାଣ୍ଡି କିଣିବାକୁ ରାଜି ହୋଇଯାଉ" ବୋଲି ସୋମୁ ମନେମନେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ! ■

ଭୁବନେଶ୍ୱର
ମୋ: ୮୦୧୮୦୫୩୩୯୫

# ମୁକ୍ତିଘର



ଅମ୍ରିତ୍ ରତୁରାଜ

ଏଇ ଚାରିକାନ୍ଥର
ପରସ୍ତ ପରସ୍ତ ପୁରୁଣା ଚୂନ
ମଳି ହେଇଥିବା ପୁଟି
ଚମ ଛାଲି ହେଇଥିବା ଚଟାଣ
ବାର ଶହ ଆତ୍ମାକୁ
ମୁକ୍ତ କରିଦେଇଛନ୍ତି
ନୂଆ କୋଉ ଜାଗା ଯିବାକୁ।
ଏଇ କୋଠରି ବାର ଶହ ଆତ୍ମାର
ଖୋଳପାକୁ ପୋଡ଼ା ହେବା
ଦେଖିଲେ ମଣିକର୍ଣ୍ଣିକାରେ
ଏତେ ଶବର ବୋଝ ବୋହିଥିବା
କୋଠରି କ'ଣ ଏବେ ପ୍ରେତଶାଳା?
ନା ଭୟର ଏକଛତ୍ର ରାଜୁତି ସେଇଠି?
ସେଇଠି କ'ଣ ଆତ୍ମାମାନେ
ତାଙ୍କ ଅତୃପ୍ତତାରେ ବାରମ୍ବାର
ସେ କାନ୍ଥର ଚୂନକୁ ରାମ୍ପୁଡ଼ା ରାମ୍ପୁଡ଼ି
କରୁଛନ୍ତି ଆକ୍ରୋଶରେ?

ଏଠି ଅତୀତର ଆଙ୍ଗୁଳି
ପିନ୍ଧିଥିଲା ମୃତ୍ୟୁର ମୁଦି
ମୁକ୍ତ ହେବାକୁ ତର ତର ଆତ୍ମା
ଅପେକ୍ଷା କରିଥିଲା
ଅସ୍ତିତ୍ୱ ନିଜକୁ ସମର୍ପି ଦେବାକୁ
ଅନଳରେ ଇଚ୍ଛା ଅନିଚ୍ଛା ବିନା

ଇଏ ତ ଆଲିଙ୍ଗନର କୋଠରି
ଚାରିକାନ୍ଥର ଅନ୍ଧାରିଆ କୋଣ ସବୁ
ବାର ଶହ ଆଲିଙ୍ଗନ ଦେଖି ଦେଖି
ସଭିଏଁ ପିନ୍ଧିଛନ୍ତି ମୁକ୍ତିର ବିଭୂତି
ଇଏ ତ 'ମୁକ୍ତି ଘର'

ତା' ପାଇଁ ମୃତ୍ୟୁ ତ କେବଳ
ପରିଧାନ ବଦଳି
ସେ ଚିହ୍ନିଛି ସେ ଆତ୍ମାମାନଙ୍କୁ
ଯେଉଁମାନେ ସ୍ମିତ ହାସ୍ୟର
ବିଦାୟ ନେଇ ଚାଲିଗଲେ
ପଞ୍ଚଭୂତର ଆରପଟ ଉପତ୍ୟକାକୁ।

ମୁକ୍ତିଘର ଅପେକ୍ଷା କରିଛି
ତା' ନୂଆ ଆଗନ୍ତୁକକୁ
କାମନାରୁ ବିଚ୍ଛିନ୍ନ କରିବାକୁ
ଯେ ପଞ୍ଜୁରି ଖୋଲିଗଲା
ହେଇଯାଅ ମୁକ୍ତ ପଥର ଅରଣୀ ବିହଙ୍ଗ।
ହେଇଟି! ନୂଆ ଆଗନ୍ତୁକ ଆସିଗଲେ
ଦେଖ! ନିରିଖେଇ କି ଦେଖ
କିଛି ବର୍ଷ ଆଗରୁ ସେ
ତମ ଭଳି ହିଁ ଦିଶୁଥିବେ
କିଛି ବର୍ଷ ପରେ ତମେ ବି ତାଙ୍କ ଭଳି ଦିଶିବ। ■



# ହଁ ହଁ ଆମେ ପଶୁ



ଅମରେନ୍ଦ୍ର ମାଧବ ଦାଶ

ଆମେ ହୋଇପାରିଲୁନି ମଣିଷ
ପଶୁ ହୋଇ ରହିଗଲୁ ଚିରକାଳ...

ଆମ ପ୍ରଥା, ପରମ୍ପରା,
ଆମ ଚାଲି, ଚଳଣି,
ଆମ ସମାଜ ଓ ସଂସ୍କୃତି
ସେମାନଙ୍କ ସଭ୍ୟତାର ମାପକାଠିରେ
ଉତୁରି ପାରିଲାନି ବର୍ଷବର୍ଷ ଧରି...

ଆମ ଭଲପାଇବାର ଭାଷା
ସେମାନଙ୍କ ପାଇଁ ସାଜିଲା
ଦୁର୍ବୋଧ, ଦୁରୁହ, ଅଶ୍ଳୀଳ, ଅସଭ୍ୟ
ଆମ ଉଚ୍ଚାରଣ, ଆଚରଣ ଶୁଭିଲା
ସେମାନଙ୍କ କାନକୁ କଠୋର, କର୍କଶ...

ଯଦିଓ ଆମ ପରି
ସେମାନଙ୍କର ବି ଥିଲା
ଆଖି, କାନ, ନାକ, ପାଟି
ହାତ, ଗୋଡ଼, ଦେହ, ମୁଣ୍ଡ
ଆମକୁ ଲାଗୁଥିଲା
ସେମାନଙ୍କ ପରି ଆମେ ବି ସମାନ ମଣିଷ...

ଆମ ଭାବନା ଯେତିକି ଥିଲା ସ୍ୱଚ୍ଛ
ସେମାନଙ୍କ ପାଇଁ ସେତିକି ଥିଲା ଅପହଞ୍ଚ,
ପଛୁଆ, ନୀଚ, ଆଦିମ, ଆଦିବାସୀର ବିଶେଷଣ
ଘେରି ରହିଥିଲା ତାଙ୍କ ଚିନ୍ତା ଚେତନାରେ...

ଆମ ସରଳତାକୁ ଅସଭ୍ୟ କହି
ଆମ ବିଶ୍ୱାସକୁ ଅନ୍ଧବିଶ୍ୱାସ ନାଁ ଦେଇ
ଆମ ପରମ୍ପରାକୁ କୁସଂସ୍କାର ମନେକରି
ଆମ ସ୍ୱାବଲମ୍ବନକୁ ଅଶିକ୍ଷିତର ମାର୍କା ମାରି
ସେମାନେ ରଚିଲେ ବଡ଼ ଷଡ଼ଯନ୍ତ୍ର
ଟାଣିଦେଲେ ଅଭେଦ୍ୟ ଲକ୍ଷ୍ମଣରେଖା...

ଏଥର ଆମକୁ
ଅଲଗା କରିଦେଲେ ସବୁଥିରୁ ସେମାନେ
ତଥ୍ୟରୁ, ତାଲିକାରୁ
ସମାଜରୁ, ସରକାରରୁ
ଅନ୍ୟ ଏକ ଗ୍ରହର ଜୀବ ମନେକରି
ଆଉ ଆମ ନାଁ ଦେଇ ଦେଲେ 'ପଶୁ' ॥

ଆହା!
ମଣିଷ ଭିତରର ପଶୁତ୍ୱକୁ ଦେଖିଲୁ ଏଥର...॥ ■

ଭୁବନେଶ୍ୱର
ମୋ.: ୯୪୩୭୩୫୯ ୯୪୫

# ପୁସ୍ତକ ପରିଚୟ

## ପିଠା ନେଇଗଲା ଡାମରାକାଉ

ସଂଗ୍ରାମ କେଶରୀ ପୃଷ୍ଟି




ବିଦ୍ୟା ପ୍ରକାଶନ
ବାଲୁବଜାର, କଟକ-୨
ପ୍ରଥମ ସଂସ୍କରଣ ୨୦୨୪
ମୂଲ୍ୟ : ୨୦୦ ଟଙ୍କା

ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ପିଠା ନେଇଗଲା ଡାମରାକାଉ' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ୨୦ ଟି ମନଲୋଭା ଶିଶୁ ଗପ ସଂକଳିତ ହୋଇଛି। 'ଚଢ଼େଇ ଗଲା ଉଡ଼ି', 'ଗା'... ଲୋ କୋଇଲି ଗା'...', 'ଏ ରାସ୍ତା କୁଆଡ଼େ ଯାଇଛି?', 'ଆ'ରେ କାଉ ଆ'...', 'ହଇରେ କୁଲୁ...ଏଇଆ କଲୁ!', 'ପିଠା ନେଇଗଲା ଡାମରାକାଉ', 'ନିଆଁ ଓ ଲଣ୍ଠନ', 'କଳା କୋଇଲିର ଗୀତ ମିଠା...ମିଠା...', 'ଆଖିବୁଜି ଧାଉଁଆ', 'ପଇଡ଼ ବଡ଼ ମଧୁର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି ଗପ ଶିକ୍ଷଣୀୟ ଓ କୌତୁକିଆ ହୋଇଛି। କାଉ,କୋଇଲି,ବଗ, କୁଆ, ବିଲୁଆ, ହନୁମାଙ୍କଡ଼, ଭାଲୁ, ହରିଣ ଆଦି ବିଭିନ୍ନ ପଶୁପକ୍ଷୀଙ୍କୁ ନେଇ ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ ହୋଇଛି। କାହାଣୀ ମାଧ୍ୟରେ ଗାଳ୍ପିକ ଅନେକ ଶିକ୍ଷଣୀୟ,ଉପଦେଶମୂଳକ କଥା ବର୍ଣ୍ଣନା କରିଛନ୍ତି। ଗପଗୁଡ଼ିକର ସରଳ ଓ ବୋଧଗମ୍ୟ ଭାଷା, କୌତୁକିଆ କାହାଣୀ, ନିଆରା ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଆକର୍ଷିତ କରିବ ନିଶ୍ଚୟ। ଆକର୍ଷଣୀୟ ରଙ୍ଗିନ ଛବି ସହ ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଶ୍ରୀକ୍ଷେତ୍ରର ଶହେ କଥା

ଡକ୍ଟର ନୀଳମଣି ଲେଙ୍କା



ପ୍ରଭୁ ପ୍ରକାଶନ
କୁମ୍ଭାର ସାହି, ବିଡ଼ାନାସୀ, କଟକ
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର। ଶ୍ରୀକ୍ଷେତ୍ର ଏକ ପବିତ୍ର ଭୂମି। ଶ୍ରୀକ୍ଷେତ୍ର ସହିତ ଜଡ଼ିତ ବିଭିନ୍ନ କଥା,କିମ୍ବଦନ୍ତୀ, ମନ୍ଦିର, ଦେବଦେବୀ, ମଠ, ଆଶ୍ରମ ଆଦିକୁ ନେଇ ପ୍ରକାଶ ପାଇଛି ଡକ୍ଟର ନୀଳମଣି ଲେଙ୍କାଙ୍କ 'ଶ୍ରୀକ୍ଷେତ୍ରର ଶହେ କଥା'। ଏହି ପୁସ୍ତକରେ 'ବାଟ ମଙ୍ଗଳା', 'ଅଠର ନଳା', 'କ୍ଷେତ୍ରାଧିଶ୍ୱରୀ ମା' ବିମଳା', 'ମା' ହରଚଣ୍ଡୀ', 'ମା' ରାମଚଣ୍ଡୀ', 'ସମୁଦ୍ର ଲହଡ଼ି ଓ ଲକ୍ଷ୍ମୀ', 'ସାଲବେଗଙ୍କ ସମାଧି ପୀଠ', 'ଭକ୍ତବନ୍ଧୁ ମହାନ୍ତିଙ୍କ ଆଶ୍ରମ', 'ଜଗନ୍ନାଥ ଦାସ ଓ ସାତଲହଡ଼ି ମଠ', 'କବୀର ଚଉରା ମଠ' ଆଦି ସଂପର୍କରେ ଆଲୋଚନା କରାଯାଇଛି। ସେହିପରି 'ଶ୍ରୀମନ୍ଦିରର ପୂର୍ବ ଦ୍ୱାର', 'ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର', 'ଶ୍ରୀମନ୍ଦିରର ଉତ୍ତର ଦ୍ୱାର', 'ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର', 'ସିଦ୍ଧ ହନୁମାନ', 'କାଞ୍ଚି ଗଣେଶ', 'କଳ୍ପବଟ', 'ଶ୍ରୀମନ୍ଦିରରେ ଶ୍ୱାନ ପୂଜା' ଆଦିର ମାହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ। ଗବେଷଣାଧର୍ମୀ, ତଥ୍ୟ ଓ ତତ୍ତ୍ୱ ଭିତ୍ତିକ ଏହି ପୁସ୍ତକଟି ଶ୍ରୀଜଗନ୍ନାଥ ପ୍ରେମୀ ଓ ଶ୍ରୀକ୍ଷେତ୍ର ସଂପର୍କରେ ଜାଣିବା ପାଇଁ ଆଗ୍ରହୀ ପାଠକମାନଙ୍କୁ ଆକୃଷ୍ଟ କରିବ ନିଶ୍ଚୟ। ■

## କିଛି ଖରା କିଛି ଛାଇ

ଡକ୍ଟର ଦୀପେନ କୁମାର ପଟ୍ଟନାୟକ



ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
ନୀଳାଦ୍ରି ବିହାର , ଭୁବନେଶ୍ୱର -୨୧
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୨୦ ଟଙ୍କା

"ଆମ ଜୀବନଟା ସତେ କିଛି ଖରା ଓ କିଛି ଛାଇର ଖେଳ/ମାନ ଅଭିମାନ ରୁଷାଫୁଲା ମାନଭଞ୍ଜନରେ ବିତି ଯାଏ କେତେ କାଳ।" ( କିଛି ଖରା କିଛି ଛାଇ) ସତରେ ଜୀବଟା ଖରା, ଛାଇର ଲୁଚକାଳି ଖେଳ। ଜୀବନର ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଡକ୍ଟର ଦୀପେନ କୁମାର ପଟ୍ଟନାୟକଙ୍କ 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ୭୮ ଟି ମନଛୁଆଁ କବିତା ସଂକଳିତ ହୋଇଛି। 'କିଛି କଥା କିଛି ବ୍ୟଥା', 'ଅପେକ୍ଷା', 'ସବୁ ଅଛି କିଛି ନାହିଁ', 'ଆମ ଜୀବନେ ଫୁଲ ଓ କଣ୍ଟା','ଯନ୍ତ୍ରଣା', 'ବାସ୍ତବତା', 'ବାପା ତୁମେ ଚାଲିଗଲା ପରେ', 'ଆମ ଜୀବନର ରାସ୍ତା', 'ମୋବାଇଲ୍ ଫୋନ୍', 'ମାଉସୀ', 'ଭାଗବତ ଟୁଙ୍ଗୀ', 'ପ୍ରତୀକ୍ଷା', 'ମୁଁ ଯଦି ମରିଯିବି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କେତେକ କବିତାରେ ସାମାଜିକ ବାସ୍ତବତା, ଜୀବନର ଗଭୀର ଜିଜ୍ଞାସାବୋଧ, ମାନବୀୟ ଭାବାବେଗ, ସଂସ୍କୃତି, ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଛି। ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ କବି ଅନେକ ସାମାଜିକ କୁସଂସ୍କାର ସଂପର୍କରେ ସଚେତନ କରାଇ ଦେଇଛନ୍ତି। 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ପଣ୍ଡିତ ଗୋଦାବରୀଶଙ୍କ ଜୀବନାଲେଖ୍ୟ



ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ

ଜୀବନ ବିତାଇ ଦେଉଥିବା ମଣିଷ କେବଳ ନିଜର ହୋଇ ବଞ୍ଚେ ଓ ମରେ କିନ୍ତୁ ଜୀବନକୁ ଉତ୍ସର୍ଗ କରିଦେଉଥିବା ମଣିଷ ସଭିଙ୍କର ହୁଏ ଓ ସଭିଙ୍କ ହୃଦୟରେ ଅମର ରୁହେ। ଭାର୍ଗବୀ ନଈ କୂଳରେ ଏକ ନିରବ, ନିସ୍ତବ୍ଧ ସନ୍ଧ୍ୟାକାଶକୁ ଚାହିଁ ଦେଶପ୍ରାଣ ଗୋପବନ୍ଧୁ ଦାସଙ୍କ ସହିତ ଯେଉଁ ତିନି ଜଣ ଯୁବକ ଶପଥ ନେଇଥିଲେ- "ସରକାରୀ ଚାକିରି କରିବା ନାହିଁ, ନିଜର ଭରଣପୋଷଣ ବିଳାସରେ ମନଦେବା ନାହିଁ। ଜନ୍ମ ହୋଇ ଦେଶକୁ ଯେମିତି ଦେଖିଛେ ମଲାବେଳକୁ ତା'ଠୁ ଉନ୍ନତ କରିଯିବା" ତନ୍ମଧ୍ୟରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଜଣେ। ତାଙ୍କ ଜୀବନଯାତ୍ରାର ଆତ୍ମଲିପି ହେଉଛି 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ'। ଆତ୍ମଜୀବନୀ ରଚନା ସମ୍ପର୍କରେ ସେ ଲେଖିଛନ୍ତି –" ମୁଁ ଯାହା ଲେଖିବି ତାକୁ ପଢ଼ି ଯେ କେହି ଆନନ୍ଦ ବା ଦୁଃଖ ଅନୁଭବ କରିବେ, ସେଥିପାଇଁ ଲେଖିବି ନାହିଁ; ମନୁଷ୍ୟ କିପରି ନିଜ ଦୁର୍ବଳତାର ଦାସ, ତାହା ଦେଖାଇବାକୁ ଲେଖିବି ମାତ୍ର।"

୧୯୫୧ ମସିହାରେ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ ମଧ ତା' ପୂର୍ବରୁ ତାଙ୍କଠୁ ଆତ୍ମଜୀବନୀ ଲେଖାଇ ନେବାର ଅନେକ ପ୍ରୟାସ ତାଙ୍କ ବନ୍ଧୁ ଓ ସମର୍ଥକମାନେ କରିଥିଲେ। ୧୯୩୧ ମସିହାରେ ଗୋଦାବରୀଶଙ୍କ ଜଣେ ବନ୍ଧୁ କାଗଜ କଲମ ଧରି ଆତ୍ମଜୀବନୀ ଲେଖିବାକୁ ଚାହିଁଥିଲେ, କିନ୍ତୁ ଗୋଦାବରୀଶ କଥାଟିକୁ ଟାଳି ଦେଇଥିଲେ। ତା'ର ୧୪ ବର୍ଷ ପରେ ଆଉ ଜଣେ ବନ୍ଧୁ ଆତ୍ମଜୀବନୀ ଲେଖାଇବାର ଚେଷ୍ଟାରେ ସଫଳ ହୋଇ ଗୋଦାବରୀଶଙ୍କଠୁ ଦେଢ଼ଶହ ପୃଷ୍ଠା ଲେଖାଇ ନେଇଥିଲେ, କିନ୍ତୁ କିଛି କାରଣବଶତଃ ସେ ମଧ ଏଥିରୁ ନିଜକୁ ନିବୃତ କରିଥିଲେ। ସେହି କାରଣ ସମ୍ପର୍କରେ ଗୋଦାବରୀଶ ତାଙ୍କ ଆତ୍ମଜୀବନୀର 'ନିଜକଥା'ରେ ଉଲ୍ଲେଖ କରିଛନ୍ତି - "ମୁଁ ତ ସେତେ ସିଦ୍ଧହସ୍ତ ଧୁରନ୍ଧର ଲେଖକ ନୁହେଁ, ଲେଖାର ଧରଣ ତାଙ୍କ ମନକୁ ପାଇଲା ନାହିଁ। ତହୁଁ ସେ ତାହା ନିଜର କେତେକ ସହକର୍ମୀଙ୍କୁ ନେଇ ଦେଖାଇଲେ। ସେମାନେ ସମସ୍ତେ ତାହା ପଢ଼ି ମତ ଦେଲେ ଯେ, ଆତ୍ମଜୀବନୀ ଲେଖିବା ଶକ୍ତି ମୋର ନାହିଁ । ତାଙ୍କର ଧାରଣା ହେଲା ଯେ, ମୁଁ କେତେକ କଥା ଲେଖିଯାଇଛି ଯାହା କି ଉଲ୍ଲେଖଯୋଗ୍ୟ ନୁହେଁ ଏବଂ ସେହିପରି କେତେକ ପ୍ରକାଶ ପାଇବା ଭଳି ବିଷୟ ଛାଡ଼ି ଦିଆଯାଇଛି । ସୁତରାଂ ଲେଖକ-ବନ୍ଧୁ ଲେଖିବାରେ ଆଉ ଆଗ୍ରହ ଦେଖାଇଲେ ନାହିଁ। ଲେଖାଟା ସେହିଠାରେ ହିଁ ବନ୍ଦ ରହିଗଲା।" ପରିଶେଷରେ ୧୯୫୧ ମସିହା ପୂଜା ସମୟରୁ ସେ ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ। ୧୯୫୧-୫୨ ମସିହା ବେଳକୁ ଗୋଦାବରୀଶ ବାଣପୁର-କୃଷ୍ଣପ୍ରସାଦ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେବା ପରେ ରାଜନୈତିକ ଜଞ୍ଜାଳରେ ବ୍ୟସ୍ତ ରହି ଆତ୍ମଜୀବନଟିକୁ ତୁଣ୍ଡେ ତୁଣ୍ଡେ ଡାକିଛନ୍ତି ଓ ବାଣପୁର ହାଇସ୍କୁଲର ଶିକ୍ଷକ ଶ୍ରୀଜଗନ୍ନାଥ ମହାପାତ୍ର ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି । ପରେ ପାଣ୍ଡୁଲିପିର ଚାରିଭାଗରୁ ତିନିଭାଗ ସାମାନ୍ୟ କିଛି ପରିବର୍ତ୍ତନ କରି ଗୋଦାବରୀଶ ପୁଣି ନିଜ ହାତରେ ଲେଖିଛନ୍ତି।

ଗୋଦାବରୀଶଙ୍କ ଆତ୍ମଜୀବନୀ ଆଦର୍ଶବାଦର ଜୟଯାତ୍ରାର କାହାଣୀ କୁହେ। ନାନା ପ୍ରତିକୂଳ ବାତାବରଣ, ଦାରିଦ୍ର୍ୟର କଷାଘାତ, ଅଭାବ ଅନଟନର ଆକଟ କେହି ବି ତାଙ୍କୁ ଆଦର୍ଶ ପଥରୁ ବିଚ୍ୟୁତ କରିପାରି ନଥିଲେ। ଗୋଦାବରୀଶ ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ଜୀବନବ୍ୟାପୀ ସଂଗ୍ରାମ ଓ ସାଧନା ବଳରେ ସମଗ୍ର ଉତ୍କଳବାସୀଙ୍କ ହୃଦୟରେ ନିଜ ପାଇଁ ଘରଟିଏ କରିପାରିଛନ୍ତି। ଓଡ଼ିଶା ପ୍ରଦେଶ, ଓଡ଼ିଶା ଜନତା ଓ ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା ସହିତ ସ୍ୱଦେଶୀ ଆନ୍ଦୋଳନ, ବିହାର-ଓଡ଼ିଶାର ପ୍ରାଶାସନିକ ଏକୀକରଣ, ବଙ୍ଗଭଙ୍ଗ ଆନ୍ଦୋଳନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ତତ୍କାଳୀନ ସମାଜରେ ନାରୀର ଦୁରାବସ୍ଥା ସହ ନାରୀ ଜାତିର ମହନୀୟତା, ନିଶା ନିବାରଣ ଆଇନର ରଦ୍ଦୀକରଣ, ସତ୍ୟବାଦୀ ବନବିଦ୍ୟାଳୟର ଉଦୟ, ମଧ୍ୟାହ୍ନ, ଅସ୍ତରାଗ ଓ ସନ୍ଧ୍ୟାର ଚିତ୍ର, ବିଦ୍ୟାଳୟ ପାଇଁ ଶିକ୍ଷକମାନଙ୍କର ତ୍ୟାଗ, ନିଷ୍ଠା ପ୍ରଭୃତି ପ୍ରସଙ୍ଗକୁ ନେଇ ଗୋଦାବରୀଶଙ୍କ ଆତ୍ମଜୀବନୀ ପରିପୁଷ୍ଟ। ଗୋଦାବରୀଶଙ୍କ ଆତ୍ମଜୀବନୀ ସମ୍ପର୍କରେ ଆଲୋଚକ ତାରିଣୀ ଚରଣ ଦାସଙ୍କ ମତ ଉଲ୍ଲେଖନୀୟ –"ଏଥିରେ ଲେଖକଙ୍କ ବ୍ୟକ୍ତିତ୍ୱ ବ୍ୟକ୍ତିଗତ ଜୀବନ ସହିତ ସମଷ୍ଟିଗତ ଜୀବନକୁ ନେଇ ପ୍ରକାଶ ପାଇଛି। ଅର୍ଥାତ୍ ଲେଖକଙ୍କ ସ୍ୱକୀୟ ଜୀବନ ସଂଘର୍ଷ ସହିତ ରାଷ୍ଟ୍ରୀୟ ଆନ୍ଦୋଳନର ସଂଘର୍ଷ ପ୍ରତିବିମ୍ବିତ ହୋଇଛି । ବୈୟକ୍ତିକ ଦୋଷ ଦୁର୍ବଳତା ସଙ୍ଗେସଙ୍ଗେ ସାମାଜିକ ବା ରାଷ୍ଟ୍ରୀୟ ଦୋଷଦୁର୍ବଳତାମାନ ଅଭିବ୍ୟକ୍ତ ହୋଇଛି"

ଗୋଦାବରୀଶ ମହାପାତ୍ର ତାଙ୍କ ଆତ୍ମଜୀବନୀକୁ ଦୁଇ ଭାଗରେ ରଚନା କରିବାକୁ ଚାହିଁଥିଲେ ଏବଂ ତା'ର ସୂଚୀପତ୍ର ମଧ ପ୍ରସ୍ତୁତ କରିଥିଲେ। କିନ୍ତୁ ତାଙ୍କର ବ୍ୟସ୍ତବହୁଳ ରାଜନୀତି ଜୀବନରେ ଛନ୍ଦି ହୋଇ ଆତ୍ମଜୀବନୀକୁ ପୂର୍ଣ୍ଣାଙ୍ଗ କରି ପାରି ନଥିଲେ। 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ତହିଁରେ ମୋର ସ୍ଥାନ' ଆତ୍ମଜୀବନୀର ଭୂମିକା 'ଦୁଇ-ଚାରି-କଥା'ରେ ତାଙ୍କର ଜ୍ୟେଷ୍ଠପୁତ୍ର ରଘୁନାଥ ମିଶ୍ର ଲେଖିଛନ୍ତି - ଆତ୍ମଚରିତକୁ ଦୁଇ ଭାଗରେ ବିଭକ୍ତ କରିବା ପୂଜ୍ୟପାଦ ପଣ୍ଡିତଜୀଙ୍କର ଅଭିପ୍ରେତ ଥିଲା। ନିଜର ଜନ୍ମଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅର୍ଥାତ୍ ୧୯୩୬ ମସିହାର ଆରମ୍ଭକାଳ ପର୍ଯ୍ୟନ୍ତ, ପ୍ରାୟ ପଚାଶ ବର୍ଷର ବିଷୟ-ବସ୍ତୁ ପ୍ରଥମ ଭାଗରେ ରହିବା କଥା ଏବଂ ଜୀବନର ପଚାଶବର୍ଷର ପରବର୍ତ୍ତୀ ବିଷୟ-ବସ୍ତୁ ଦ୍ୱିତୀୟ ଭାଗରେ ଆଲୋଚ୍ୟ । ସେ ଯେ ସୂଚୀପତ୍ର କରିଛନ୍ତି, ସେଥିରେ ପ୍ରଥମ ଭାଗର ପଞ୍ଚଚାଳିଶ ପରିଚ୍ଛେଦରୁ ଚଉତିରିଶଟି ମାତ୍ର ଲେଖିଛନ୍ତି; ବାକିତକ ଅଲେଖା ରହିଯାଇଛି । ଦ୍ୱିତୀୟ ଭାଗର ସୂଚୀ ଆୟୋଜନ କରି, ସେ ନିଜେ ଲିପିବଦ୍ଧ କରିଥିଲେ ମଧ କିଛି ହେଲେ ବିଷୟ ଲେଖି ଯାଇ ପାରିନାହାନ୍ତି"। ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ମୃତ୍ୟୁ ହେବାରୁ ଆତ୍ମଜୀବନୀଟି ଅଧାଲେଖା ହୋଇଗଲା। ଅଭିରାମ ମହାପାତ୍ର, ଗ୍ରନ୍ଥମନ୍ଦିରଙ୍କ ଦ୍ୱାରା ପ୍ରଥମେ ୧୯୫୮ ମସିହାରେ ଏହା ପୁସ୍ତକ ରୂପେ ପ୍ରକାଶ ପାଇଥିଲା। ପ୍ରଥମ ଓଡ଼ିଆ ଆତ୍ମଜୀବନୀ ଭାବରେ ଏହି ଗ୍ରନ୍ଥଟି ୧୯୬୧ ମସିହାରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଦ୍ୱାରା ପୁରସ୍କାର ଲାଭ କରିଥିଲା।

ଗୋଦାବରୀଶଙ୍କ ଆତ୍ମଚରିତ କେବଳ ତାଙ୍କ ବ୍ୟକ୍ତିଗତ ଜୀବନର ବ୍ୟାଖ୍ୟାନ ନୁହେଁ, ବରଂ ତାହା ହେଉଛି ଉତ୍କଳୀୟ ଜାତୀୟ ଜୀବନର କ୍ରମବିକାଶର ଗୌରବପୂର୍ଣ୍ଣ ଆଖ୍ୟାନ। ଆତ୍ମମୁଗ୍ଧତାର ଖୁବ୍ ଦୂରରେ ଠିଆ ହୋଇ, ଅତିଶୟୋକ୍ତିକୁ ପରିହାର କରି ସେ ଯାହା କହିଛନ୍ତି ସତ କହିଛନ୍ତି। ଜୀବନର ଅତ୍ୟନ୍ତ ଗୋପନ କଥା ଓ ବ୍ୟଥାକୁ ନିର୍ବିକାର ଭାବରେ ଜାତି ଆଗରେ ପରସିଦେଇଛନ୍ତି। ତେଣୁ ତାଙ୍କ ଆତ୍ମଜୀବନୀରେ ଆଲୁଅ ଯେତିକି ସୁନ୍ଦର ଲାଗେ ଅନ୍ଧାର ତାଠୁ ଢେର ମନୋହର ମନେହୁଏ। ■

ବାଜିରାଉତ ସ୍ମୃତି ମହାବିଦ୍ୟାଳୟ
ଭୁବନ, ଢେଙ୍କାନାଳ

# ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠର ୫୬୭ ଖଣ୍ଡ ରୁପା ଇଟା

■ ୨୦୧୧ରେ ୫୨୨ ଓ ୨୦୨୧ରେ ମିଳିଥିଲା ୪୫ ଖଣ୍ଡ
■ ପୁଲିସ ଅସ୍ତ୍ରାଗାର ଓ ଜିଲ୍ଲା ଟ୍ରେଜେରୀରେ ରହିଛି ରୁପା ଇଟା

ପୁରୀ,୨୨।୧୧(ସମିସ): କ'ଣ ହେବ ଏମାର ମଠରୁ ମିଳିଥିବା ୫୬୭ ଖଣ୍ଡ ରୁପା ଇଟାର ଭାଗ୍ୟ? ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଫେରିବ ନା ସେମିତି ପୁଲିସ ଅସ୍ତ୍ରାଗାର ଏବଂ ଜିଲ୍ଲା ଟ୍ରେଜେରୀରେ ରହିଯିବ? ଏମିତି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହି ରୁପା ଇଟା ଶ୍ରୀମନ୍ଦିର ଅଧୀନକୁ ଫେରିବ ବୋଲି ସମ୍ଭାବନା ଦେଖାଦେଇଛି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ଆଲୋଚନା ହୋଇଥିବା ବେଳେ ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ଅତୀତରେ ଓଡ଼ିଶାର ସବୁଠୁ ଧନୀ ତଥା ବିତ୍ତଶାଳୀ ମଠ ଭାବେ ପରିଚିତ ଥିଲା ଏମାର ମଠ। ପ୍ରାୟ ୯୦୦ ବର୍ଷ ତଳର ଏହି ମଠ ବିପତ୍ତି ସମୟରେ ସହଯୋଗ ଓ ସହାୟତାର ହାତ ବଢ଼ାଉଥିଲା। ୨୦୧୧ ମସିହାରେ ଶ୍ରୀ ସମ୍ପ୍ରଦାୟର ଏହି ମଠ ରୁପା ଇଟାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସେତେବେଳେ ମଠରୁ ମିଳିଥିଲା ୫୨୨ ଖଣ୍ଡ ରୁପା ଇଟା। ୧୦ବର୍ଷ ପରେ ୨୦୨୧ ଏପ୍ରିଲ ୧୦ ତାରିଖରେ ପୁଣିଥରେ ରୁପା ଇଟାକୁ ନେଇ ଚର୍ଚ୍ଚାକୁ ଆସିଥିଲା ଏହି ମଠ। କାରଣ ମଠରୁ ମିଳିଥିଲା ଆହୁରି ୪୫ ଖଣ୍ଡ ରୁପା ଇଟା।

କୋଟି କୋଟି ଟଙ୍କା ମୂଲ୍ୟର ଏହି ରୁପାଇଟା ସମ୍ପର୍କରେ ଜାଣିବାକୁ ହେଲେ ମନେ ପକାଇବାକୁ ପଡ଼ିବ ୨୦୧୧ ମସିହା କଥା। ସେତେବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମଠର ଦୁଇଟି କୋଠରି ମରାମତି ଚାଲିଥିଲା। ସେଥିରେ ନିୟୋଜିତ ଠିକାଦାର ଏବଂ ଶ୍ରମିକ ମଠର ସିନ୍ଦୂକ ଭାଙ୍ଗି ରୁପାଇଟା ଚୋରି କରିଥିବା ଅଭିଯୋଗ ହୋଇଥିଲା। ପରେ ଆରମ୍ଭ ହୋଇଥିଲା ଖୋଳତାଡ଼। ଢେଙ୍କାନାଳର ଜଣେ ବ୍ୟକ୍ତିଙ୍କଠାରୁ ରୁପାଇଟା ଜବତ ହେବା ପରେ ସିଂହଦ୍ୱାର ପୁଲିସ ଗୋଟିଏ କୋଠିରରେ ଥିବା



ସିନ୍ଦୂକରୁ ୫୨୨ ଖଣ୍ଡ ରୁପା ଇଟା (ସେତେବେଳେ ଆନୁମାନିକ ମୂଲ୍ୟ ପ୍ରାୟ ୯୦ କୋଟି ଟଙ୍କା) ଜବତ କରିଥିଲା। ସେହି ରୁପା ଇଟାଗୁଡ଼ିକ ବ୍ରିଟିଶ ଅମଳର ବୋଲି ଜଣାପଡ଼ିଥିଲା। ଆଇନଗତ ବିବାଦରେ ଛନ୍ଦି ହେବା ପରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାହାକୁ ଜିଲ୍ଲା ପୁଲିସ ଅସ୍ତ୍ରାଗାରରେ ରଖାଯାଇଛି। ହେଲେ ୧୪ବର୍ଷ ପରେ ବି ଏହାର ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିପାରି ନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ତଦନ୍ତ ଅଧିକାରୀ ଓ ଏସ୍‌ପି ଏଠାରୁ ଅନ୍ୟତ୍ର ବଦଳି ହୋଇସାରିଲେଣି। ମାତ୍ର ରୁପାଇଟା ଏବେ ବି ରହସ୍ୟମୟ ହୋଇପଡ଼ିଛି। ଏହି ଘଟଣାରେ ପୁଲିସ କେବଳ ଢେଙ୍କାନାଳର ଦୁଇଜଣ ଶ୍ରମିକ, ମଠ ମହନ୍ତ, ଚେଲା, ଜୁଏଲାରୀ ମାଲିକ ଓ କିଛି ବ୍ୟବସାୟୀଙ୍କୁ ଗିରଫ କରିଥିବା ବେଳେ ପ୍ରସଙ୍ଗକୁ ଏବେ ପ୍ରାୟ ଭୁଲିଯିବାକୁ ଲାଗିଲେଣି।

ସେହିପରି ୨୦୨୧ ଏପ୍ରିଲ ୧୦ ତାରିଖରେ ନୂତନ ଟ୍ରଷ୍ଟବୋର୍ଡକୁ ମଠ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ସମୟରେ ମହନ୍ତଙ୍କ ଜିମା ଦିଆଯାଇଥିବା ଜିନିଷପତ୍ରକୁ ପୂର୍ବ ତାଲିକା ସହ ମେଳକ କରାଯାଉଥିଲା। ଏହି ସମୟରେ ମଠର ଏକ ବନ୍ଦ କୋଠରିର ପୋତାଯାଇଥିବା ୪୫ଖଣ୍ଡ ରୁପା ଇଟା ଖୋଳି ବାହାର କରାଯାଇଥିଲା। ପରେ ଏହାକୁ ଜିଲ୍ଲା ଟ୍ରେଜେରୀକୁ ନିଆଯାଇ ରଖାଯାଇଛି।

ବିଭିନ୍ନ ସମୟରେ ଏମାର ମଠରୁ ମିଳିଥିବା ରୁପାଇଟାକୁ ଶ୍ରୀମନ୍ଦିର ଅଧୀନକୁ ଆଣିବାକୁ ଦାବି ଉଠିଛି। ଏହି ପ୍ରସଙ୍ଗକୁ ଗୁରୁତର ଭାବେ ଗ୍ରହଣ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ ଯେ ଏମାର ମଠରୁ ଉଦ୍ଧାର ରୁପା ଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୁପା ଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ ସେ ନେଇ ରାଜ୍ୟ ସରକାରଙ୍କ ସ୍ତରରେ ମଧ୍ୟ ଆଲୋଚନା ହୋଇଛି। ଏ ନେଇ ପ୍ରକ୍ରିୟା ଚାଲିଛି। ନିୟମ ଅନୁସାରେ ମନ୍ଦିର ପ୍ରଶାସନ ଅଧୀନକୁ ଏହି ରୁପା ଇଟା ଅଣାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

## ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ଉଦଳା, ୨୨।୧୧ (ସମିସ): ଏକ ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ଉଦଳା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଆଜି ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ବିଚାରପତି ପ୍ରଦୀପ କୁମାର ବେହେରା ମାମଲାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଆସାମୀଦ୍ୱୟ ହେଲେ, କପ୍ତିପଦା ଥାନା ଅନ୍ତର୍ଗତ ବୃନ୍ଦାଗଡ଼ି ଗ୍ରାମର ସାଗର ହାଁସଦା ଏବଂ ସୁରେନ୍ଦ୍ର ସୋରେନ୍।

ଅଭିଯୋଗ ଅନୁଯାୟୀ, ଗତ ୨୦ ଏପ୍ରିଲରେ ପୀଡ଼ିତାଙ୍କୁ ନିଶା ଖୁଆଇ ସାଗର ଓ ସୁରେନ୍ଦ୍ର ତାଙ୍କୁ ଦୁଷ୍କର୍ମ କରିଥିଲେ। ପରେ ଏ ସଂପର୍କରେ ଜଣାପଡ଼ିବା ପରେ ପରିବାରଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲା। ଅଭିଯୋଗ ଆଧାରରେ ପୁଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ପିପି ଲିଲେଶ କୁମାର ଜେନା ପରିଚାଳନା କରୁଥିଲେ।

■ ସ୍କୁଲ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

## ୪ ନାବାଳକ ଜେଜେବିରେ ହାଜର

ବ୍ରହ୍ମପୁର, ୨୨।୧୧(ସମିସ): ଏକ ସରକାରୀ ସ୍କୁଲରେ ୯ମ ଶ୍ରେଣୀର ପଢୁଥିବା ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣ ନାବାଳକଙ୍କୁ ଧରିବା ସହ ଘଟଣାରେ ବ୍ୟବହୃତ ଲୁହା ପଞ୍ଚ୍ ଜବତ କରିଛି। ଶନିବାର ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କ ୧୫ ବର୍ଷର ପୁଅ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ପଢ଼ନ୍ତି। ଗତ ୨୦ ତାରିଖ ଅପରାହ୍ଣରେ ଉକ୍ତ ଛାତ୍ରଜଣଙ୍କ ସ୍କୁଲରୁ ଘରକୁ ଫେରୁଥିବା ବେଳେ ସମ୍ପୃକ୍ତ ୪ନାବାଳକଙ୍କ ମଧ୍ୟରୁ ଜଣେ ତାଙ୍କୁ ଗାଡ଼ିରେ ବସାଇ ନେଇ ଏମ୍‌କେସିଜି ମେଡିକାଲ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାସ୍ତାରେ ଓହ୍ଲାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୩ଜଣ ନାବାଳକ ଛିଡ଼ା ହୋଇଥିଲେ। କୌଣସି ବିଷୟକୁ ନେଇ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ସଂଘବଦ୍ଧ ଭାବେ ନାବାଳକଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ।

## ଜଗତସିଂହପୁରରୁ ଫେରାର ବାଂଲାଦେଶୀ ଅଳକୁଣ୍ଡରୁ ଗିରଫ

ବିଞ୍ଝାରପୁର/ପ୍ରୀତିପୁର/ଜଗତସିଂହପୁର, ୨୨।୧୧(ସମିସ): ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀଙ୍କୁ ଉଚ୍ଛେଦ କରାଯାଉଥିବା ସମୟରେ ପୁଲିସ ଉପରକୁ ଆକ୍ରମଣ ଘଟଣାରେ ସାମିଲ ଥିବା ଦୁଇ ଅଭିଯୁକ୍ତ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରୁ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ, ଜଗତସିଂହପୁର ଥାନା ଅନ୍ତର୍ଗତ ଧନୀପୁର ପଞ୍ଚାୟତ ତରିକୁନ୍ଦ ଗ୍ରାମର ଦୁଇ ଭାଇ ସିକନ୍ଦର ଆଲାମ ଓରଫ ସିକୋ ଓ ଅବଦୁଲ ମୋତିଲିବ ଖାନ ଓରଫ୍ ଟିକି।

ଗତ ୧୬ ତାରିଖରେ ଜଗତସିଂପୁରରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀମାନଙ୍କ ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଅଭିଯୁକ୍ତଦ୍ୱୟ ବାଂଲାଦେଶୀମାନଙ୍କୁ ନିଜ ଘରେ ଆଶ୍ରୟ ଦେବା, ନିଜ ଘରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ରଖିବା, ବାଂଲାଦେଶୀ ମାନଙ୍କ ସହିତ ମିଶି ପୁଲିସ ଉପରେ ଆକ୍ରମଣ କରିବା ଭଳି ସଙ୍ଗୀନ ଅପରାଧରେ ସାମିଲ ଥିବା ନେଇ ଜଗତସିଂପୁର ପୁଲିସ ଜାଣିବାକୁ ପାଇଥିଲା। ଜଗତସିଂପୁର ପୁଲିସ ଏହି ଘଟଣାକୁ କେଶ ନଂ ୯୧୨/୨୫ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଦ୍ୱୟ ଘଟଣା ପରଠାରୁ ଫେରାର ରହିଥିଲେ। ଅଭିଯୁକ୍ତଦ୍ୱୟ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରେ ଆତ୍ମଗୋପନ କରିଥିବା ଜଗତସିଂହପୁର ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସ୍ଥାନୀୟ ଆରକ୍ଷୀ ନିରୀକ୍ଷକ ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ



୫ ଜଣିଆ ଟିମ୍ ଓ ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀଙ୍କ ସହ ମିଶି ଶୁକ୍ରବାର ବିଳମ୍ବିତ ରାତିରେ ଅଳକୁଣ୍ଡ ଅଞ୍ଚଳର ସେକ୍ ମୁସଲିମ ଓରଫ ମୋତିଙ୍କ ଘର ଉପରେ ମିଳିତ ଚଢ଼ଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଫେରାର ବାଂଲାଦେଶୀଙ୍କୁ ଏଠାରେ ଶରଣ ଦିଆଯାଇଥିଲା ଏବଂ ଉଭୟଙ୍କ ମଧ୍ୟରେ କ'ଣ ସଂପର୍କ ରହିଛି ପୁଲିସ୍ ତାର ଖୋଳତାଡ଼ କରୁଛି।

■ ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲା

## ଚୌଦ୍ୱାର ଜେଲ୍‌କୁ ଯିବେ ଶଙ୍କର, ସହଯୋଗୀ

ବ୍ରହ୍ମପୁର, ୨୨।୧୧(ସମିସ): ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲାର ତଦନ୍ତ ଭାର ବର୍ତ୍ତମାନ ସିବିଆଇ ଅଧୀନରେ ରହିଛି। ଏହି ମାମଲା ସିବିଆଇ ନେବା ପରେ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟରେ ପହଞ୍ଚିବ। ପରେ ବ୍ରହ୍ମପୁର ଜେଲରେ ରହିଥିବା ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତି ଓ ଅନ୍ୟ ଅଭିଯୁକ୍ତଙ୍କ ଠିକଣା ବଦଳିବ ବୋଲି ଜଣାପଡ଼ିଛି। ଚୌଦ୍ୱାର ଜେଲକୁ ଯିବେ ଶଙ୍କର ଓ ତାର ସହଯୋଗୀ। ଅନ୍ୟପକ୍ଷରେ, ସିବିଆଇ ଡାକିପାରେ ୨ ଜଣ ତଦନ୍ତଧିକାରୀ ଡ଼ିଏସପିଙ୍କୁ। ସେମାନେ ହେଲେ, ବ୍ରହ୍ମପୁର ପୁଲିସ ଜିଲ୍ଲାର ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ଓ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ। ବ୍ରହ୍ମପୁର ପୁଲିସ ଏହି ରାକେଟର ପର୍ଦ୍ଦାଫାସ୍ କରିଥିଲା। ସେତେବେଳେ ଏହି ଘଟଣାର ତଦନ୍ତ ଅଧିକାରୀ ରହିଥିଲେ ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ। ପରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିଥିଲା। ସେତେବେଳେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କ ସମେତ ମୋଟ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥଲେ। ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଏସଆଇ ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ, ବିଶ୍ୱରଂଜନ ବେହେରା, ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଅହମ୍ମଦ ଖାନ ଓ ଲୋକନାଥ ସାହୁ ରହିଛନ୍ତି। ଖୁବଶୀଘ୍ର ସିବିଆଇ ଶଙ୍କର, ମୁନା, ଅରବିନ୍ଦ ସମେତ ୫ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବ ବୋଲି ଜଣାପଡିଛି। ଅଧିକ ତଥ୍ୟ ଜାଣିବା ପାଇଁ ସିବିଆଇ ଉପରୋକ୍ତ ଦୁଇ ତଦନ୍ତଅଧିକାରୀ ଡିଏସପିଙ୍କୁ ଡାକିପାରେ।

**AFFIDAVIT**

By virtue of an Affidavit no. 6579 sworn before the Executive Magistrate, Puri on 11/11/2025 that I, Madhabi Das, D/o- Shyam Sundar Barik, resident of Dolamandap Sahi, Puri, declare that my correct name is Madhabi Das and date of birth is 11/02/1969 as per my Aadhaar Card. In my Family Pension Record, my name is listed as Madhvi and birth date as 11/02/1968. This is to correct all official records.

**AFFIDAVIT**

By virtue of an affidavit sworn before the Executive magistrate, Tangi Dist :Khordha CA No:651 dated 01/05/2025 , I Ranjit Kumar Pradhan ,S/o Narayan Pradhan resident of Village At- Balipatpur, Po-Bhusandpur,Ps- Tangi, Dist-Khordha,Odisha, Pin-752021.I have changed my name from Ranjay Pradhan to Ranjit Kumar Pradhan.Hence forth, I shall be known as RANJIT KUMAR PRADHAN for all future purposes.
Sd- Ranjit Kumar Pradhan

**NOTICE (for Minor)**

By virtue of an affidavit sworn before The Notary Public, Udala, Mayurbhanj, dated 15-11-2025 I, Janamuni Hembram , Address AT- Pathurikata, PO- Pathurikata, PS- Udala, Dist- Mayurbhanj, PIN-757085 declare that I have changed the name of my daughter from Sakra Beshra to Tejaswini Beshra. Henceforth, she shall be known as Tejaswini Beshra for all purposes.
Janamuni Hembram

୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

## ଓଡ଼ିଶା ପାଲଟିଛି ଦେଶର ସର୍ବପ୍ରଥମ ସିଲିକନ୍ ସେମି-କଣ୍ଡକ୍ଟର୍ ହବ୍: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର୨୨।୧୧(ସମିସ): ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆଜି ଆୟୋଜିତ ଓଡିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦଘାଟନ କରିବା ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍‌ମୋଚନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଓଡିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରି, ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡିଶାକୁ ଆତ୍ମନିର୍ଭର ଓଡିଶାରେ ପରିଣତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମେକ-ଇନ-ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ଓଡ଼ିଶା ଦେଶର ସର୍ବପ୍ରଥମ ସିଲିକନ୍ ସେମି କଣ୍ଡକ୍ଟର ହବ୍ ପାଲଟିଛି। ପ୍ରତ୍ୟେକ କ୍ଷେତ୍ରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କ ସହ ବହୁ ସରକାରୀ ଅଧିକାରୀ ଓ ବିଜେପି ନେତା ଯୋଗ ଦେଇଥିଲେ।



## ୩ ହଜାର ଟଙ୍କା ଲାଞ୍ଚ: ୧୩ ବର୍ଷ ବିଚାର; ୩ ବର୍ଷ ଜେଲ୍

■ କୃଷି ବିଭାଗ ପୂର୍ବତନ ଯୁଗ୍ମ ସଚିବ ଦୋଷୀ ସାବ୍ୟସ୍ତ
■ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ପିଏସ୍ ବି ଦୋଷୀ

ଭୁବନେଶ୍ୱର,୨୨।୧୧(ସମିସ): ଏକ ଲାଞ୍ଚ କାରବାର ମାମଲାରେ ୧୩ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଅବସରପ୍ରାପ୍ତ କୃଷି ବିଭାଗର ଯୁଗ୍ମ ସଚିବ ବିଜୟ ଚନ୍ଦ୍ର ମହାପାତ୍ର ଓ ତତ୍କାଳୀନ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ବେଣୁଧର ମହାନ୍ତି। ପାସ୍‌ପୋର୍ଟ ଭେରିଫିକେସନ୍ ପାଇଁ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍।

ସୂଚନା ଅନୁସାରେ ଚାକିରିରେ ଥିବାବେଳେ ଦୁଇ ବରିଷ୍ଠ ଅଧିକାରୀ ଲାଞ୍ଚ ନେଇଥିଲେ। ଦୋଷୀ ସାବ୍ୟସ୍ତ ହେଲା ବେଳକୁ ସେମାନେ ଅବସର ଗ୍ରହଣ କରି ସାରିଛନ୍ତି। ଏଣୁ ତାଙ୍କ ପେନସନ୍ ଅଟକାଇବାକୁ ଭିଜିଲାନ୍ସ ସରକାରଙ୍କୁ ଚିଠି ଲେଖିବ ବୋଲି ସୂଚନା ମିଳିଛି। ରଙ୍ଗଲାଲ୍ ଶଙ୍କର ରାଓ ନାମକ ଜଣେ ବ୍ୟକ୍ତି ତାଙ୍କ ବୋହୂର ତତ୍କାଳ ପାସପୋର୍ଟ ଭେରିଫିକେସନ ଏହି ଦୁଇ ଲାଞ୍ଚୁଆ ଅଧିକାରୀ ପାଖକୁ ଯାଇଥିଲେ। ମାତ୍ର ଭେରିଫିକେସନ ପାଇଁ ସେମାନେ ଲାଞ୍ଚ ମାଗିଥିଲେ। ଶ୍ରୀ ମହାପାତ୍ର ୩ହଜାର ଓ ଶ୍ରୀ ମହାନ୍ତି ୧ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଉଭୟଙ୍କୁ ମାଡି ବସିଥିଲା। ସେବେଠାରୁ ସେମାନଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ଏପିପି ସୌମିତ୍ର ଘୋଷ ମାମଲା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରର ପ୍ରତ୍ୟାଖ୍ୟାନ...

ପଡିବ ନାହିଁ। ମାତ୍ର କେନ୍ଦ୍ର ଜିଏସଟି ପରିଷଦ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସଟି କ୍ଷତିପୂରଣ ସେସ୍ ଟନ ପିଛା ୪୦୦ ଟଙ୍କା ପ୍ରଦାନ ସେପ୍ଟେମ୍ବର ୨୨ ତାରିଖରୁ ବନ୍ଦ କରିଦେଇଛନ୍ତି। ସେହିପରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତ ଅଗଷ୍ଟ ମାସରେ ଓସିପିଏଲକୁ ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବ୍ୟାଜ୍ୟାପ୍ତି ହେବାସହ ରାଜ୍ୟର ପ୍ରବଳ ବ୍ୟବସାୟିକ ଓ ଅର୍ଥନୈତିକ କ୍ଷତି ହେବ। ସେହିପରି ଦକ୍ଷତା ବୃଦ୍ଧିପାଇଁ ଏନଟିପିସି ଏକ ନୂତନ କୋଇଲା କମ୍ପାନୀ ଏନଏମଏଲ (ଏନଟିପିସି ମାଇନିଙ୍ଗ ଲିମିଟେଡ) ଗଠନ କରିଥିବାବେଳେ ଓଡ଼ିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବୋଲି ସେ ସେତେବେଳେ ନିଜ ଯୁକ୍ତିରେ ଦର୍ଶାଇଥିଲେ। ଏପରିସ୍ଥଳେ କୋଇଲା ମନ୍ତ୍ରାଳୟର ଉପରୋକ୍ତ ନିଷ୍ପତ୍ତିକୁ ଶ୍ରୀ ମହାପାତ୍ର ସ୍ୱାଗତ କରିଛନ୍ତି।

### ବୁଥୱାରୀ ତଦନ୍ତ...

୬୩ଟି ବୁଥରେ ଶାସକ ଦଳ ବିଭିନ୍ନ କୌଶଳ ପ୍ରୟୋଗ କରି ଲୋକଙ୍କୁ ଭୋଟ୍ ଦେବାକୁ ସୁଯୋଗ ଦେଇ ନାହାନ୍ତି। ବିଭିନ୍ନ ବାଟରେ ସେମାନେ ବିଜେଡିର ଭୋଟକୁ ଜୋର ଜବରଦସ୍ତ ନେଇଛନ୍ତି। ଏ ବିଷୟରେ ଦଳର ସଭାପତି ବିସ୍ତୃତ ଆଲୋଚନା କଲେ। ଖୁବଶୀଘ୍ର ଦଳ ଏ ନେଇ ପ୍ରତ୍ୟେକ ବୁଥୱାରୀ ତଦନ୍ତ, ତର୍ଜମା କରିବ। ଯେଉଁଭଳି ଭାବେ ସେମାନେ ଅନ୍ୟାୟ, ଅନୀତି ଦ୍ୱାରା ବିଜେଡିର ଭୋଟ ନେଇଛନ୍ତି, ତାହାକୁ ନେଇ ସାରା ଓଡ଼ିଶାବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ବାକି ଥିବା ସାଂଗଠନିକ ପ୍ରକ୍ରିୟାକୁ ଶେଷ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ସଂଗଠନକୁ ସୁଦୃଢ଼ କରିବା ପାଇଁ ସଭାପତି ଏକାଧିକ ପରାମର୍ଶ ଦେଇଥିବା ପ୍ରମିଳା କହିଛନ୍ତି। ଅପରପକ୍ଷେ ଆସନ୍ତା ଶୀତ ଅଧିବେଶନରେ ଦଳର ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ ବୈଠକରେ ସମ୍ୟକ୍ ଆଲୋଚନା ହୋଇଛି। ଅଧିବେଶନରେ ଦଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକ ଅତି ଶାଣିତ ଭାବରେ ଉତ୍ଥାପନ କରିବ ବୋଲି ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ବୈଠକରେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ନିରଞ୍ଜନ ପୂଜାରୀ, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୁଣି ୪ ପରୀକ୍ଷାର୍ଥୀଙ୍କୁ...

ଭାବେ ସହଯୋଗ କରିବାକୁ ଆସିଥିଲେ। ସିବିଆଇ ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରିଥିଲା। ଆଶାୟୀମାନେ ଚାକିରି ରାକେଟ୍ ସମ୍ପର୍କରେ କିଭଳି ଆସିଲେ। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି ଓ କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ତେବେ ସିବିଆଇ ସେମାନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା କୁହାଯାଉଛି।

ଅନ୍ୟପକ୍ଷରେ ଆଶାୟୀଙ୍କ ଠାରୁ ତଥ୍ୟ ନେବା ପରେ ସିବିଆଇ ବଡ଼ବଡ଼ିଆଙ୍କୁ ଡାକି ପଚରାଉଚରା କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା ସିଲିକନ୍‌ର ସିଇଓ ସୁରେଶ ନାୟକ ତାଙ୍କ ସହଯୋଗୀ ଶଙ୍କର ପୃଷ୍ଟି ଓ ସେମାନଙ୍କର କିଛି ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି।

### ଗଣଦୁଷ୍କର୍ମ ପରେ...

ପରିବାର ଗଣମାଧ୍ୟମ ଆଗରେ ଅଭିଯୋଗ ଆଣିଥିଲେ। ପରେ ଗତ ୨୧ ତାରିଖ ସକାଳେ ଖୋର୍ଦ୍ଧା ମେଡିକାଲରେ ଉକ୍ତ ନାବାଳିକା ଅଚେତ ଅବସ୍ଥାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଖବର ପାଇ ଆଦର୍ଶ ଥାନା ପୁଲିସ ପହଞ୍ଚି ତାଙ୍କ ପରିବାରକୁ ଖବର ଦେଇଥିଲା। ପରିବାରଲୋକେ ଏବଂ ବାଘମାରୀ ପୁଲିସ ସେଠାରେ ପହଞ୍ଚି ନାବାଳିକାକୁ ଚିହ୍ନଟ କରିଥିଲେ। ମାତ୍ର ସେଠାରେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସନ୍ଧ୍ୟାରେ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ।

ଏହି ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଛି। ମେଡିକାଲକୁ ନାବାଳିକା ସଂଜ୍ଞାହୀନ ଅବସ୍ଥାରେ କିପରି ଆସିଲେ, ତାହାର ତଦନ୍ତ ଆରମ୍ଭ କରିଛି। ମେଡିକାଲ ପରିସର ଏବଂ ବାହାରେ ଅର୍ଥାତ୍ ମେଡିକାଲ ପଛପଟେ ରହିଥିବା ବିଭିନ୍ନ ସିସିଟିଭି ଫୁଟେଜ୍‌କୁ ପୁଲିସ ଯାଞ୍ଚ କରିଛି। ଫୁଟେଜ୍ ନାବାଳିକାଙ୍କ ମେଡିକାଲ ଭର୍ତ୍ତି ପଛର ରହସ୍ୟ ଖୋଲିବ ବୋଲି ପୁଲିସ ଆଶା ରଖିଛି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଖୋର୍ଦ୍ଧା ମେଡିକାଲରେ କାର୍ଯ୍ୟରତ ୨ଜଣ ମହିଳା ଓ ପୁରୁଷ ସୁରକ୍ଷା କର୍ମୀ, ମେ ଆଇ ହେଲ୍ପ ୟୁର ଜଣେ କର୍ମଚାରୀ, ମହିଳା ସୁରକ୍ଷା କର୍ମୀଙ୍କ ସ୍ୱାମୀଙ୍କ ସମେତ ୬ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ଜଣାଯାଇଛି।

ଗତକାଲି ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ପ୍ରମୁଖ ବାଘମାରୀ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ମହାନ୍ତି, ସଦର ଏସଡିପିଓ ପ୍ରଧାନଙ୍କ ନେତୃତ୍ୱରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ, ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସମେତ ପୁଲିସ ସ୍ୱତନ୍ତ୍ର ସ୍କ୍ୱାଡ୍ ସଦସ୍ୟଙ୍କୁ ନେଇ ଗଠିତ ଟିମ୍ ଘଟଣାର ତଦନ୍ତ ଜାରି ରଖିଛନ୍ତି। ତଦନ୍ତ ବେଳେ ମେଡିକାଲ ନିକଟରେ ସେକ୍ସ ରାକେଟ ଚାଲିଥିବାର ସୁରାକ ପୁଲିସ ପାଇଛି। ଏହି ରାକେଟ୍ ପଛରେ ମେଡିକାଲର କିଛି ସିକ୍ୟୁରିଟି କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଛି। ପୁଲିସ ଉକ୍ତ ଅଞ୍ଚଳରେ ଭଡ଼ାଘର ଯାଞ୍ଚ କରିବା ସହ ଘର ମାଲିକଙ୍କୁ ମଧ୍ୟ ଡାକି ପଚରାଉଚୁରା କରିଥିବା ଜଣାଯାଇଛି।

ଅନ୍ୟପକ୍ଷରେ ଏହି ଘଟଣାରେ ମେଡିକାଲର କୌଣସି କର୍ମଚାରୀଙ୍କ ଯଦି ସମ୍ପୃକ୍ତି ଆସେ, ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯିବ ବୋଲି ମେଡିକାଲ ଅଧୀକ୍ଷକ ଡା. ଶ୍ୟାମାପ୍ରସନ୍ନ ମିତ୍ର ସୂଚନା ଦେଇଛନ୍ତି।

ଆଇନଜୀବୀ ପୀତବାସ ହତ୍ୟା ମାମଲା

## ପିଣ୍ଟୁଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ପିଟିସନ ଦାଖଲ

ବ୍ରହ୍ମପୁର, ୨୨।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ତଥା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶଙ୍କୁ ସର୍ତ୍ତମୂଳକ ଖଲାସ କରିବାକୁ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ ହୋଇଛି। ପିଣ୍ଟୁଙ୍କ ପକ୍ଷରୁ ତାଙ୍କ ଓକିଲ କୈଳାଶ ପଣ୍ଡା ଏହି ପିଟିସନ ଦାଖଲ କରିଥିବା ଜଣାପଡ଼ିଛି। ପୀତବାସ ହତ୍ୟା ମାମଲାରେ ପୁଲିସ ପିଣ୍ଟୁଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିବା ବେଳେ କୌଣସି ବିଶ୍ୱାସଯୋଗ୍ୟ ତଥ୍ୟ ଓ ପ୍ରମାଣ ଦାଖଲ କରିନଥିବା ପିଟିସନରେ ଅଭିଯୋଗ କରାଯାଇଛି। ତେଣୁ, ପିଣ୍ଟୁଙ୍କ ଗିରଫ ବେଆଇନ ଦର୍ଶାଇ ତାଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ଆବେଦନ କରାଯାଇଛି। ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ବ୍ରହ୍ମପୁର ଜେଲରୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଦାଖଲ ପିଟିସନର ଶୁଣାଣି ହୋଇସାରିଥିବା ବେଳେ ସରକାରୀ ଓକିଲ ରାଜେନ୍ଦ୍ର ସାବତ ଏହାକୁ ବିରୋଧ କରିଥିଲେ। ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସ୍ଥଗିତ ରହିଛି।

ପ୍ରକାଶଯୋଗ୍ୟ, ଏହି ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଆଇନଜୀବୀ ମଦନ ଦଳେଇଙ୍କ ପକ୍ଷରୁ ସେମାନଙ୍କ ଓକିଲ ମଧ୍ୟ ଅନୁରୂପ ପିଟିସନ ଦାଖଲ କରିଥିଲେ। ତେବେ ଏସ୍‌ଡିଜେଏମ୍ କୋର୍ଟଙ୍କର ଏହା କ୍ଷମତା ବାହାରେ ଥିବା ଦର୍ଶାଇ ଉଭୟ ପିଟିସନକୁ ଖାରଜ କରିଦେଇଥିଲେ। ଉକ୍ତ ରାୟକୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇଥିବା ବେଳେ ପିଣ୍ଟୁଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ତଥା ଆଇନଗତ ଲଢ଼େଇ ଜାରି ରହିବ ବୋଲି ତାଙ୍କ ଓକିଲ କୈଳାଶ ପଣ୍ଡା ସ୍ପଷ୍ଟ କରିଛନ୍ତି।

**AFFIDAVIT**

By virtue of an affidavit of Notary Public, Morada on dtd-19/11/2025. It is declared and inform that my name Yasmita Mohanta has been sending by unique identification department by Aadhaar, India. Actually, my correct name is Jasmita Mohanta. Only letter should change J instead of Y whether all address has correct and same. As per guideline of Aadhar India. The paper advertisement and affidavit should submit in the Janaseva Kendra for the further publication of my Aadhar card. My Aadhaar No. is 381527519472.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

## ଦେବୀ ନଦୀପଠାରୁ ମାଛଖିଆ କଟାସର ମୃତଦେହ ଉଦ୍ଧାର



ନିଆଳି,୨୨।୧୧(ସମିସ): ଫୁଲନଖରା ବନଖଣ୍ଡ ତିହୁଡି ପାରିମାଳସ୍ଥିତ ଦେବୀ ନଦୀ ପଠାରେ ଏକ ମାଛଖିଆ କଟାସର ମୃତଦେହ ଉଦ୍ଧାର କରାଯାଇଛି। ଶନିବାର ସକାଳୁ ନଦୀ ପଠାରେ ଏହି ଜନ୍ତୁର ଶବ ପଡିରହିଥିବା ବେଳେ ସ୍ଥାନୀୟ ଲୋକେ ନଦୀକୁ ଶୌଚ ହେବାକୁ ଯାଇ ଦେଖିଥିଲେ। ଚାହୁଁ ଚାହୁଁ ଏହା ଏକ ବର୍ଷକର ବାଘ ଛୁଆ ବୋଲି ଆଲୋଚନା ହେବା ସହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ତେବେ ବାଘଛୁଆର ମୃତଦେହ ଏଠାକୁ କିପରି ଆସିଲା ବୋଲି ଚର୍ଚ୍ଚା ହେଉଥିବା ବେଳେ ଖବର ପାଇଁ ନଖରା ବନଖଣ୍ଡ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଏହାକୁ ଦେଖି ଏହା ଏକ ମାଛଖିଆ କଟାସ ବୋଲି କହିବା ସହ ତାର ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ନେଇଥିଲେ।

## ବର୍ଷୀୟାନ ବିଜେଡି ନେତାଙ୍କ ପରଲୋକ



ଭଦ୍ରେଶ୍ୱର,୨୨।୧୧(ସମିସ): ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ ଓସ୍ତପୁର ଗ୍ରାମର ବିଶିଷ୍ଟ ବିଜେଡି ନେତା ମକର ମହାନ୍ତି(୯୭)ଙ୍କ ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଛି। ସ୍ୱର୍ଗତ ମହାନ୍ତି ସ୍ଥାନୀୟ ରାମକୃଷ୍ଣପୁର ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ରାମକୃଷ୍ଣପୁର ଓସ୍ତପୁର ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ତାଙ୍କ ମରଶରୀରରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ମଝିଆ ପୁଅ ନିରଞ୍ଜନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପ୍ରାକ୍ତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ମହେଶ୍ୱର ପ୍ରତିଭା ପରିଷଦର ସଭାପତି ରବିନ୍ଦ୍ରନାଥ ପଣ୍ଡା, ଶରତଚନ୍ଦ୍ର ନାୟକ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ଟ୍ରାକ୍ଟର ଜାଳିଦେଲେ ଦୁର୍ବୃତ୍ତ

ଭଦ୍ରେଶ୍ୱର,୨୨।୧୧(ସମିସ): ମାହାଙ୍ଗା ଥାନା ଜଳେଶ୍ୱରପୁର (ନାଣ୍ଡିବର) ଗ୍ରାମରେ ହିମାଂଶୁ ଶେଖର ଲେଙ୍କାଙ୍କ ଟ୍ରାକ୍ଟର ନଂ ଓଡି୦୫ଏଜେଡ୧୯୨୨ ତାଙ୍କ ବାରିରେ ରହିଥିଲା ବେଳେ କେହି ଦୁର୍ବୃତ୍ତ ଜାଳି ଦେଇଥିବା ଜଣାଯାଇଛି। ଗତ ୨୦ ତାରିଖ ଗୁରୁବାର ମଧ୍ୟାହ୍ନ ସମୟରେ ଘରେ ପୁରୁଷ ଲୋକ ନ ଥିଲାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ଟ୍ରାକ୍ଟର ଇଞ୍ଜିନ ଓ ହୁଡ ଆଦି ପୋଡି ଯାଇଛି। କୁଆଁପାଳ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିନେଇ ହିମାଂଶୁ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏସଆଇ ଆର୍ତ୍ତତ୍ରାଣ ସେଠୀ ତଦନ୍ତ ଜାରି ରଖିଛନ୍ତି।

## ସାମୂହିକ ବନ୍ଦେ ମାତରମ୍ ଗାନ

ନିଆଳି,୨୨।୧୧(ସମିସ): ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ସାମୂହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ନିଆଳିସ୍ଥିତ ନୀଳମଣି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସରୋଜ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗ ଦେଇଥିଲେ। ନିଆଳି ବିଡିଓ ଧର୍ମରଂଜନ ପଣ୍ଡା, ତହସିଲଦାର ତାରେଣୀ ରଂଜନ ରାୟ, ନିଆଳି ଥାନାଧିକାରୀ ଦିଲ୍ଲୀପ କୁମାର କାଣ୍ଡି, ଆମ୍ରା ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର, ଯୁବନେତା ଶଶୀକାନ୍ତ ଲେଙ୍କା, ମଣ୍ଡଳ ଶିକ୍ଷାଧିକାରୀ କୁମରବର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ନିଯୁକ୍ତି ମେଳା ପ୍ରହସନ

# ସୂଚନା ଅଭାବରୁ ବିଭ୍ରାଟ; ଯୁବକଯୁବତୀ ସୁବିଧାରୁ ବଞ୍ଚିତ

ଭଦ୍ରେଶ୍ୱର,୨୨।୧୧(ସମିସ): ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଏବଂ ଅନୁସୂଚିତ ଜାତି ଓ ଜନଜାତି ଯୋଜନାରେ ବେକାର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଛି। ବ୍ଲକ ପ୍ରଶାସନର ପ୍ରଚାର ପ୍ରସାର ଅଭାବ ଓ ଅଧିକାରୀଙ୍କ ଅବହେଳା ଯୋଗୁଁ ମାହାଙ୍ଗା ବ୍ଲକ୍‌ରେ ଆୟୋଜିତ ହେଉଥିବା ନିଯୁକ୍ତି ମେଳା ପ୍ରହସନରେ ପରିଣତ ହୋଇଛି। ଏହି ନିଯୁକ୍ତି ମେଳା ପାଇଁ ବେକାରୀ ଯୁବକ ଯୁବତୀମାନଙ୍କୁ ସଠିକ୍ ଭାବେ ସୂଚନା ଦିଆନଯିବା ଏବଂ ମେଳା ଆୟୋଜନ ସଂପର୍କରେ ଗୋଟିଏ ଦିନ ପୂର୍ବରୁ ନାମକୁ ମାତ୍ର ବଜାର ଛକରେ ଡାକବାଜି ଯନ୍ତ୍ରରେ ସୂଚନା ଦେବା ଯୋଗୁଁ ଏହି ଖବର



ସଠିକ୍ ଭାବରେ ବେକାରୀ ଯୁବକ ଯୁବତୀଙ୍କ ନିକଟରେ ପହଞ୍ଚି ପାରି ନଥିବାରୁ ବହୁ ଶିକ୍ଷିତ ଯୁବକ ଯୁବତୀ ଏହି ମେଳାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହା କେବଳ ଅନୁସୁଚିତ ଜାତି ଓ ଜନଜାତି ଯୁବକ ଯୁବକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ପ୍ରଶାସନର ସଠିକ୍ ସୂଚନା ଅଭାବରୁ ଏଥିରେ ଅନ୍ୟ ବର୍ଗର ଯୁବକ ଯୁବତୀମାନେ ଯୋଗଦେଇଥିଲେ। ଏକ ଖୋଲା ସ୍ଥାନରେ ନିଯୁକ୍ତି ମେଳା କରା ନଯାଇ ଅତି ତରବରିଆ ଭାବେ ବ୍ଲକ ସମ୍ମିଳନୀ କକ୍ଷରେ କରାଯାଇଥିଲା। ଯାହାଫଳରେ ଏହି ମେଳାର ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ମେଳାରେ ଯୋଗ ଦେଇଥିବା ଯୁବକଯୁବତୀଙ୍କ ପାଇଁ ବିଶ୍ରାମସ୍ଥଳୀ କିମ୍ବା ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନଥିବାରୁ ଆବେଦନକାରୀମାନେ ନାହିଁ ନଥିବା ହୀନସ୍ତା ହୋଇ ମେଳାରୁ ଫେରିଛନ୍ତି। ସରକାର ଦକ୍ଷତା ବିକାଶ ନିମନ୍ତେ ପ୍ରଚୁର ପରିମାଣରେ ଅର୍ଥ ଯୋଗାଉଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଯୋଗୁ ଏହି ଅର୍ଥର ସୁବିନିଯୋଗ ହୋଇନପାରି ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ଏହି ମେଳାରେ ୧୨ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିବା ବେଳେ ମାହାଙ୍ଗା ବ୍ଲକର ୩୭ ପଞ୍ଚାୟତରୁ ମାତ୍ର ୮୬ ଜଣ ଯୁବକଯୁବତୀ ନିଯୁକ୍ତି ପାଇଁ ଆବେଦନ କରିବା ଘଟଣା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇଛି।

ବ୍ଲକ୍ ସମ୍ମିଳନୀ ଗୃହରେ ନାମକୁ ମାତ୍ର ମେଳା ଆୟୋଜନ କରାଯାଇ ଅର୍ଥ ହରିଲୁଟ କରାଯାଉଥିବା ଆଲୋଚନା ହେଉଛି। କଟକ ଜିଲ୍ଲାପାଳ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ହୋଇଛି। ଏ ସଂପର୍କରେ ବ୍ଲକ ସମାଜ ମଙ୍ଗଳ ଅଧିକାରିଣୀ ଦୀପିକା ରାଉତରାୟ କହିଛନ୍ତି, ବିଭାଗ ପକ୍ଷରୁ ଖୁବ୍ କମ ଅର୍ଥ ବ୍ୟୟବରାଦ କରାଯାଇଥିବାରୁ ବ୍ଲକ ସମ୍ମିଳନୀ କକ୍ଷରେ ମେଳା ଆୟୋଜନ କରାଯାଇଥିଲା।

## କର୍ମଜୀବୀ ମହିଳାଙ୍କୁ ଗଣଦୁଷ୍କର୍ମ

### ପୀଡ଼ିତା ଅସୁରକ୍ଷିତ; ମେଡିକାଲ ଚାକିରି ଛାଡ଼ିଲେ

କଣ୍ଠାପଡା,୨୨।୧୧(ସମିସ): ପ୍ରାୟ ମାସକ ପୂର୍ବରୁ ଜଣେ କର୍ମଜୀବୀ ମହିଳାଙ୍କୁ ରାତି ୯ଟାରେ ମଝି ରାସ୍ତାରେ ଗଣଦୁଷ୍କର୍ମ ହୋଇଥିଲା ହେଲେ ସମ୍ପୃକ୍ତ ମହିଳାଙ୍କ ପରିବାର ସେମାନଙ୍କ ସାମାଜିକ ସମ୍ମାନ କ୍ଷୁଣ୍ଣ ଆଶଙ୍କାରେ ଆଉ ଏତଲା କରି ନଥିଲେ। ତେବେ ସମ୍ପୃକ୍ତ ମହିଳା ଜଣକ ନିଜକୁ ଅସୁରକ୍ଷିତ ମଣି ଘଟଣାର ଏକ ମାସ ପରେ ଭୟରେ ଘରୋଇ ହସପିଟାଲ ଚାକିରି ଛାଡ଼ିଥିବା ଜଣାପଡିଛି। ଏଭଳି ଘଟଣା ଓଲଟପୁର ଥାନାଞ୍ଚଳରେ ଚର୍ଚ୍ଚା ହେଉଥିଲେ ମଧ୍ୟ ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ଓଲଟପୁର ପୁଲିସ ଯଦି ପାଟ୍ରୋଲିଙ୍ଗ ସଠିକ ଭାବରେ କରୁଥାନ୍ତା ତେବେ ଏପରି ଘଟଣା ଘଟି ନ ଥାନ୍ତା।



**ଓଲଟପୁର ପୁଲିସର ପାଟ୍ରୋଲିଂ ଢିଲା**

ସୂଚନା ଅନୁସାରେ, ଓଲଟପୁର ଥାନା ବାଗଲପୁର ପଞ୍ଚାୟତ ଅଞ୍ଚଳର ଜଣେ ୪୦ ବର୍ଷିୟ ବିବାହିତା ମହିଳା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟ କରନ୍ତି। ମହିଳା ଜଣକ ପ୍ରତ୍ୟହ ଓଲଟପୁର ଥାନା ଅନ୍ତର୍ଗତ ଇଚ୍ଛାପୁରଠାରୁ ବସ୍ ଓ ଅଟୋ ଯୋଗେ ସକାଳୁ ନିଜ କର୍ମସ୍ଥଳକୁ ଯାଇ ସନ୍ଧ୍ୟାରେ ଫେରନ୍ତି। ଘଟଣା ଦିନ କୌଣସି କାରଣରୁ ମହିଳାଙ୍କ ଫେରିବା ବିଳମ୍ବ ହୋଇଥିଲା। ମହିଳା ଜଣଙ୍କ ଇଚ୍ଛାପୁରଠାରେ ରାତି ପ୍ରାୟ ୯ଟା ବେଳେ ଓହ୍ଲାଇ ଇଚ୍ଛାପୁର-କୂଳବ୍ରାହ୍ମଣ ସାଇଲୋ ରାସ୍ତାରେ ଯାଉଥିଲେ। ତେବେ, ପୂର୍ବରୁ ତାଙ୍କ ଗତିବିଧି ଲକ୍ଷ୍ୟ କରିଆସିଥିବା ୪ ଜଣ ବ୍ୟକ୍ତି ମହିଳାଙ୍କୁ ନିଛାଟିଆ ରାସ୍ତାରୁ ଟେକି ନେଇ ପାର୍ଶ୍ୱରେ ଥିବା ଧାନ ବିଲରେ ଜଣଙ୍କ ପରେ ଜଣେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ପୀଡ଼ିତା ଜଣକ ବହୁ କଷ୍ଟରେ ଯାଇ ନିଜ ଶାଶୂ ଘରେ ପହଞ୍ଚି ଏ କଥା ଜଣାଇଥିଲେ। ଶାଶୂ ଘର ପକ୍ଷରୁ ଅସୁସ୍ଥ ମହିଳାଙ୍କୁ ଲୋକଲଜ୍ଜା ଭୟରେ ଡାକ୍ତରଖାନାକୁ ନ ନେଇ ଘରେ ସୁସ୍ଥ କରିଥିଲେ। ପୀଡ଼ିତାଙ୍କ ଏକମାତ୍ର ୯ ବର୍ଷର ପୁଅ ଥିବା ବେଳେ ସେ ଏବେ ଅସୁରକ୍ଷିତ ମନେ କରି ଘରୋଇ ଡାକ୍ତରଖାନାରେ ଚାକିରି ଛାଡି ଦେଇଥିବା ଜଣାପଡିଛି। ଘଟଣାକୁ ମାସେ ବିତି ଯାଇଛି; ହେଲେ ଏହି ସମ୍ବେଦନଶୀଳ ଘଟଣା ପୁଲିସ ପାଇଁ ଆହ୍ୱାନ ସୃଷ୍ଟି କରିଛି।

## ପେନ୍‌ସନ୍ ଦାବିରେ ଇଞ୍ଜିନିୟରିଂ କର୍ମଚାରୀଙ୍କ ସମାବେଶ

ଚୌଦ୍ୱାର, ୨୨।୧୧(ସମିସ): ରାଜ୍ୟ ଇଂଜିନିୟରିଂ କର୍ମଚାରୀ, ୱାର୍କଚାର୍ଜଡ ଓ ସେବାନିବୃତ୍ତ ଫୋରମ ପକ୍ଷରୁ ବିଭିନ୍ନ ଦାବିନେଇ ଏକ ସମାବେଶ ଗାନ୍ଧୀଛକସ୍ଥିତ ପୌର ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି। ଫୋରମର ମୁଖ୍ୟ ସଂଯୋଜକ ରଞ୍ଜିତ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, କୋଠାବାଡି ଓ ଗୃହନିର୍ମାଣ, ଜାତୀୟ ରାଜପଥ, ଜନସ୍ୱାସ୍ଥ୍ୟ ଓ ଗ୍ରାମୀଣ ଜଳଯୋଗାଣ, ଜଳସେଚନ ସମେତ ୫ଟି ବିଭାଗର ଶତାଧିକ ଅବସରପ୍ରାପ୍ତ ଓ କାର୍ଯ୍ୟରତ କର୍ମଚାରୀ ବିଭିନ୍ନ ସମସ୍ୟା ଉପରେ ଆଲେଚନା କରିଥିଲେ। ବିଭିନ୍ନ ବିଭାଗରେ ୩୦ରୁ ୪୦ବର୍ଷ ଧରି କାର୍ଯ୍ୟକରି ଶେଷରେ ବିନା ପେନସନ ଓ ଗ୍ରାଚ୍ୟୁଇଟିରେ ଅବସର ନେବା ଫଳରେ




ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି ହେଉଥିବା ଆଲୋଚନା ହୋଇଥିଲା। ସରକାର ସେମାନଙ୍କ ଦାବି ପୂରଣ ନକଲେ ଆସନ୍ତା ଡିସେମ୍ବର ୫ରେ ରାଜରାସ୍ତାକୁ ଓହ୍ଲାଇବା ସହ ସମୂହ ଆତ୍ମାହୁତି ଭଳି ପଦେକ୍ଷପ ନିଆଯିବ ବୋଲି ଫୋରମର ପ୍ରଶାନ୍ତ ମହାନ୍ତି, ଅଶୋକ ମୁଦୁଲି, କୃଷ୍ଣଚନ୍ଦ୍ର ନାୟକ, ଚିତ୍ତରଞ୍ଜନ ମହାରଣା, ପ୍ରସନ୍ନ ପ୍ରଧାନ, ଅଜିତ ଦାସ, ଆଶିଷ ନନ୍ଦ, କ୍ଷୀତିନ୍ଦ୍ର ମିତ୍ର, କପିଳେଶ୍ୱର ବାରିକ, କଲ୍ୟାଣ ମହାରଣା, ସୁଧାଂଶୁ ମିଶ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



କିଶନନଗର, ୨୨।୧୧(ସମିସ): ସଦର ନିର୍ବାଚନମଣ୍ଡଳୀସ୍ତରୀୟ କଟକ ସଂସଦୀୟ କ୍ଷେତ୍ରର କଟକ ସାଂସଦ ଖେଳ ମହୋତ୍ସବ ଶନିବାର ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ କିଶନନଗର ଖେଳ ପଡିଆଠାରେ ଉଦଘାଟିତ ହୋଇଛି। ଦୁଇଦିନ ଧରି ୧୬ଟି ପଞ୍ଚାୟତର ଫୁଟବଲ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ଫୁଟବଲ ମ୍ୟାଚ ଆରମ୍ଭ ହୋଇଥିବା ବେଳେ ଉଦଘାଟନୀ ମ୍ୟାଚ୍ କିଶନନଗର ଓ ନିମେଇଶାପୁର ପଞ୍ଚାୟତ ମଧ୍ୟରେ ହୋଇଥିଲା। ଏହାକୁ କିଶନନଗର ସରପଞ୍ଚ ସୁଜାତା ସେଠୀ ଉଦଘାଟନ କରିଥିବା ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁଚରଣ ଜେନା, କୃଷକ ମୋର୍ଚ୍ଚା ଉପ ସଭାପତି ହୃଷିକେଶ ଜେନା, ୫ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ଆମ୍ରା ସଭାପତି ରମାପ୍ରସାଦ ବିଶ୍ୱାଳ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ସମୀର ସେନାପତି, କେଲୁଚରଣ ମହାଳି, ଦେବେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଉତ୍କଳ ସାହିତ୍ୟ ସଂଗଠନ ସଂପାଦକଙ୍କୁ ସମ୍ବର୍ଦ୍ଧନା



ସାଲେପୁର,୨୨।୧୧(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସଂଗଠନ ସମାଜର ନୂତନ ସାଧାରଣ ସଂପାଦକ ଭାବେ ନିର୍ବାଚିତ ହୋଇଥିବା ସାଲେପୁର ଅଞ୍ଚଳର ଯୁବ ସାହିତ୍ୟିକ ରାଜୀବ କୁମାର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଟାଙ୍ଗୀ ସାଲେପୁର ଲୋକସେବା ଫାଉଣ୍ଡେସନ୍ ପକ୍ଷରୁ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଲୋକସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ଟାଙ୍ଗୀସାଲେପୁର ଅଞ୍ଚଳର ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସଂଗଠକ ମନୋଜ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅକ୍ଷୟ ଦାଶ, ସମ୍ମାନିତ ଅତିଥି ଭାବେ ସମରେନ୍ଦ୍ର ଷଡ଼ଙ୍ଗୀ, ନିରୂପମା ସାମଲ, ସନ୍ଧ୍ୟାରାଣୀ ମଲ୍ଲିକ, ପ୍ରହଲ୍ଲାଦ ସାମଲ, ମୀନକେତନ ଦାଶ, ବରିଷ୍ଠ ବିଜେପି ନେତା କୁଂଜମୋହନ ସେଠୀ, ସମାଜସେବୀ ସନାତନ ଦାଶ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରିତେଶ ଦାଶ, ସଚିକାନ୍ତ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ୨ ବ୍ଲକ୍‌ର ପ୍ରଧାନଶିକ୍ଷକଙ୍କ ସମନ୍ୱୟ ବୈଠକ

ମାହାଙ୍ଗା, ୨୨।୧୧(ସମିସ): ମାହାଙ୍ଗା ବ୍ଲକ ଶୁକ୍ଳେଶ୍ୱରସ୍ଥିତ ଭଗବତୀ ବିଦ୍ୟାପୀଠ ସଭାଗୃହରେ ମାହାଙ୍ଗା ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଧାନଶିକ୍ଷକଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇ ବ୍ଲକର ଏହି ସମନ୍ୱୟ ବୈଠକରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରକାରୀ ବିଦ୍ୟାଳୟରେ କିଭଳି ଛାତ୍ରଛାତ୍ରୀଙ୍କ ସଂଖ୍ୟାବୃଦ୍ଧି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ ମୋନାଲିସା ସରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିଶ୍ଚିନ୍ତକୋଲି ବ୍ଲକ ଶିକ୍ଷାଧିକାରୀ ସଂଯୁକ୍ତା



ମହାପାତ୍ର ଓ ଅଧ୍ୟକ୍ଷା ଅପରାଜିତା ପାଲିତ ପ୍ରମୁଖ ଏହ ଅଂଶଗ୍ରହଣ କରିଥିଲେ। ଏଥିରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରୁ ୩୪୬ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ,ଅଭିନ୍ନ ଜେନା,କିଶୋର ରାଉତ, ଗୌତମ ଶତପଥୀ, ରଞ୍ଜନ ଶତପଥୀ, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ପିତାମ୍ବର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ତପନ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗୋଷ୍ଠୀ ବିହନ ବ୍ୟାଙ୍କ୍ ଉଦ୍‌ଘାଟିତ

ନିଆଳି,୨୨।୧୧(ସମିସ): ନିଆଳିସ୍ଥିତ ଲୋକ ସମବାୟ ପ୍ରତିଷ୍ଠାନ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରଠାରେ ଗୋଷ୍ଠୀ ଦେଶୀ ବିହନ ବ୍ୟାଙ୍କ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇଥିଲେ। ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ନଟବର



ଷଡଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଅମୃତ ଅନ୍ନ ଯୋଜନାରେ ଚାଷ କରିଥିବା ଚାଷୀମାନଙ୍କ ସହ ଉକ୍ତ ଯୋଜନା ସଂପର୍କରେ ପୁଙ୍ଖାନୁପଙ୍ଖ ଆଲୋଚନା କରିବା ସହ ଜୈବିକ କୃଷିକୁ ଆପଣାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଶ୍ରୀ ଆହୁଜା ଓର୍‌ମାସ୍ ସହାୟତାରେ ଏହି ଜୈବିକ କୃଷିଜାତ ପଦାର୍ଥର ବିକ୍ରିବଟା କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ୍, ସରପଞ୍ଚ ସବିତା କାଣ୍ଡି, ସମିତିସଭ୍ୟ ଝିଲି ଭୋଇ, ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ କୈଳାସଚନ୍ଦ୍ର ସ୍ୱାଇଁ, ଆଇନ୍‌ଜୀବୀ ମହାପାତ୍ର ଧରଣୀଧର ପଣ୍ଡା ଓ ଗଣେଶ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂହ, ଶରତ ବାରିକ୍, କାର୍ତ୍ତିକ ଷଡଙ୍ଗୀ, ଧର୍ମରାଜ ସ୍ୱାଇଁ, ମିଟୁ ନାୟକ, ଦୀପ୍ତି ପ୍ରତିହାରୀଙ୍କ ସମେତ ବହୁ ଆଗୁଆ ଚାଷୀ ଉପସ୍ଥିତ ଥିଲେ।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର



କନ୍ଦରପୁର,୨୨।୧୧(ସମିସ): କଟକସଦର ବ୍ଲକ ଆୟତପୁର ପଞ୍ଚାୟତ ଅଧୀନ ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ତ୍ରିମ୍ବ ପଦ୍ମିନୀ କେୟାର ହସ୍ପିଟାଲ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଭେଷଜ ଓ ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ ଏହି ଶିବିରକୁ ଉଦଘାଟନ କରିଥିଲେ। ପଦ୍ମିନୀ କେୟାର ହସ୍ପିଟାଲର ମାର୍କେଟିଙ୍ଗ ମ୍ୟାନେଜର ଏ. ନମିତାଭ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିର ପରିଚାଳନାରେ ସମାଜସେବୀ ଅରୁଣ କୁମାର ଲେଙ୍କା, ନିମାଇଁ ଚରଣ ବେହେରା, ବଳରାମ ଦାସ ପ୍ରମୁଖ ସହଯୋଗ କରିଥିଲେ। ଡାକ୍ତର ଶେଖର ସାହୁ, ଡାକ୍ତର ଶୁଭମ ସାହୁ, ଫାର୍ମାସିଷ୍ଟ ଶୁଭମ ସ୍ୱାଇଁ, ସୌମ୍ୟ ଲେଙ୍କା, ଚନ୍ଦ୍ରଶେଖର ନନ୍ଦ, ଅଂଶୁମାନ ପଟ୍ଟନାୟକ ଓ ଗୁରୁଚରଣ ମହାନ୍ତି ସହଯୋଗ କରିଥିଲେ।

### ସ୍ଥାଣୁ ପାଲଟିଛି ବନ ବିଭାଗ

# ଗୋଚର ଜମିରୁ କଟା ଚାଲିଛି ମୂଲ୍ୟବାନ ଗଛ

ଭଦ୍ରେଶ୍ୱର,୨୨।୧୧(ସମିସ): ମାହାଙ୍ଗା ତହସିଲ ଅଞ୍ଚଳରେ ଦିନକୁ ଦିନ ବଢି ଚାଲିଛି ବେଆଇନ ଗଛ କଟା। ବନ ବିଭାଗ କିନ୍ତୁ ସ୍ଥାଣୁ ପାଲଟିଛି। ସରକାରୀ ଜମିରୁ ଗଛ ଲୁଟି ନେଉଛନ୍ତି କାଠ ମାଫିଆ। କେବଳ ଜବତ କାଠକୁ ଶାଗ ମାଛ ଦରରେ ନିଲାମ କରି ହାତବାନ୍ଧି ବସୁଛି ତହସିଲ ପ୍ରଶାସନ। ଆଖିଦୃଶିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଫଳରେ କାଠ ମାଫିଆମାନେ ସକ୍ରିୟ ହୋଇ ସରକାରୀ ଜମିରେ ଥିବା ବୃକ୍ଷକୁ ଟାର୍ଗେଟ କରି ଲୁଟୁଛନ୍ତି ମୂଲ୍ୟବାନ କାଠ। ସୂଚନା ଅନୁଯାୟୀ, ଚାହାପଡା ପଞ୍ଚାୟତର ବିଭିନ୍ନ ଗ୍ରାମର ସରକାରୀ ଜମିରୁ ବେଆଇନ ଭାବେ ବଡ ବଡ ଗଛ କଟା




ଯାଉଥିବାବେଳେ ପ୍ରଶାସନର ଅଣଦେଖା ହେତୁ ଗଛ ଏବେ ପଦା ହେବାକୁ ବସିଲାଣି। ଏହି ବ୍ଲକରେ ଚାରାରୋପଣ ଅପେକ୍ଷା ବୃକ୍ଷ ଲୁଟ ଦ୍ରୁତ ଗତିରେ ବଢି ଚାଲିଛି। ଏହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ବିଫଳ ହେଉଥିବା ଦେଖିବାକୁ ମିଳିଛି। ବୃକ୍ଷ କଟା ହେବା ପୂର୍ବରୁ ପ୍ରଶାସନ ନିକଟରେ ଖବର ନଥିବା ବେଳେ କଟା ଯିବା ପରେ ଏହାକୁ ଲୋକଦେଖାଣିଆ ଭାବେ ଜବତ କରାଯିବା ଘଟଣା ସରକାରୀ କଳର କାର୍ଯ୍ୟଶୈଳୀକୁ ପଦାରେ ପକାଇଛି। ଏକ ମାସ ମଧ୍ୟରେ କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁର ବିଦ୍ୟାଳୟ ସମ୍ମୁଖରୁ ବଡ ଚାକୁଣ୍ଡା ଗଛର ଗଣ୍ଡି କଟା ଯାଇଥିବାବେଳେ ପୁଣି ସେହି ପଞ୍ଚାୟତର କୁମଡାହାଟ ମଧ୍ୟରେ ଥିବା ୨ଟି ବଡ ବଡ ମାହାଳ ଓ ଶିମିଳି ଗଛକୁ କଟା ଯାଇଥିଲା। ସେହପିରି ଚାହାପଡା ପଞ୍ଚାୟତ ବରଦିଆ ସେଠୀ ସାହିରେ ଥିବା ୩ଟି ଚାକୁଣ୍ଡା ଗଛ କଟାଯାଇଥିଲା। ତହସିଲଦାର ଶୁଭାଶିଷ ପାଲଟାଙ୍କ ନିର୍ଦ୍ଦେଶକ୍ରମେ ଗୋ÷ଡପଡା ରାଜସ୍ୱ ନିରୀକ୍ଷକ ମଳୟ ବେହେରା ଘଟଣାସ୍ଥଳରେ ପହଞ୍ଚି କଟା ଯାଇଥିବା ୩୦ହଜାର ଟଙ୍କାରୁ ଅଧିକ ମୂଲ୍ୟର ୨୦ରୁ କାଠ ଗଣ୍ଡି ଜବତ କରିଥିବା ଜଣାଯାଇଛି। ଅନ୍ୟପଟରେ ସରକାରୀ ବୃକ୍ଷର ରକ୍ଷଣାବେକ୍ଷଣ ପାଇଁ ମାହାଙ୍ଗାଠାରେ ବନବିଭାଗ ପକ୍ଷରୁ ଏକ ବିଟ ହାଉସ ସ୍ଥାପନ କରାଯାଇଛି। ହେଲେ ଏହି ବିଟ ହାଉସର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ହେବା ଦ୍ୱାରା ବାରମ୍ବାର ଛୁଟି ଦିନରେ ସରକାରୀ ଜମିରୁ କାଠମାଫିଆମାନେ ଗଛ ଲୁଟ କରୁଛନ୍ତି। ତୁରନ୍ତ କଟକ ଜିଲ୍ଲାପାଳ ଓ ଜିଲ୍ଲା ବନାଞ୍ଚଳ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୬୮ ● ପାଉଣ୍ଡ ୧୧୬.୭୮
- ୟୁରୋ ୧୦୨.୧୩ ● ୟେନ୍ ୦.୫୬

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୫,୩୫୦ (ଭୁବନେଶ୍ୱର)
- ରୁପା : ୧,୬୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୩୧.୦୦
- ନିଫ୍ଟି ୨୬,୦୬୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଚୀନ୍‌କୁ ବଢୁଛି ରପ୍ତାନୀ; ରେକର୍ଡସ୍ତରରେ ବାଣିଜ୍ୟ ନିଅଣ୍ଟ

ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇ ଥିବା ଶୁଳ୍କ ଦ୍ୱାରା ଭାରତ ବେଶୀ ପ୍ରଭାବିତ ହୋଇନାହିଁ। କାରଣ ଭାରତ ଏହାର ଉପାୟ ଖୋଜି ପାଇଛି। ଆମେରିକାକୁ ଭାରତର ରପ୍ତାନୀ ହ୍ରାସ ପାଉଥିବାବେଳେ ଚୀନ୍‌କୁ ବଢ଼ିବାରେ ଲାଗିଛି। ଗତ ସାତ ମାସ ହେଲା କ୍ରମାଗତ ଭାବେ ଏହା ବୃଦ୍ଧି ପାଇ ଚାଲିଛି। ଗତ ଅକ୍ଟୋବରରେ ରପ୍ତାନୀ ସର୍ବାଧିକ ୪୨ ପ୍ରତିଶତ ବୃଦ୍ଧି ପାଇଥିଲା। ଏହା ଦ୍ୱାରା ଟ୍ରମ୍ପ ଶୁଳ୍କର ପ୍ରଭାବ କମ୍ ହୋଇଥିଲା। ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଚୀନ୍‌କୁ ପଠା ଯାଉଥିବା ସାମଗ୍ରୀ ଗତ ବର୍ଷ ହିସାବରେ ୨୪.୭ ପ୍ରତିଶତ ବଢ଼ି ୧୦.୦୩ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ପେଟ୍ରୋଲିୟମ ଉତ୍ପାଦ, ଟେଲିକମ୍ ଉପକରଣ ଏବଂ ମରିନ ଗୁଡ୍ସର ପ୍ରଦର୍ଶନ ଭଲ ରହିଛି। ତେବେ ଭାରତର 'ମର୍ଚେଣ୍ଡାଇଜ ଏକ୍ସପୋର୍ଟ' କେବଳ ୦.୬୩ ପ୍ରତିଶତ ବଢ଼ିଛି।

ଜଣେଅଧିକାରୀଙ୍କ ଅନୁଯାୟୀ ଭାରତ-ଚୀନ୍ ବ୍ୟାପାର ଚଳିତ ବର୍ଷ ମଜଭୁତ ରହିଛି। ବିଶ୍ୱରେ ଚାହିଦା ଦୁର୍ବଳ ହେଉଥିବାବେଳେ ଅନେକ ବଡ଼ ଦେଶର ରପ୍ତାନୀ ହ୍ରାସ ଘଟିଛି। ଏପରି ସ୍ଥିତିରେ ଚୀନ୍‌କୁ ରପ୍ତାନୀ ବୃଦ୍ଧି ଭଲ ସଙ୍କେତ ଦେଉଛି। ସେହିପରି ଭାରତକୁ ଚୀନ୍ ସର୍ବାଧିକ ସାମଗ୍ରୀ ବିକ୍ରି କରୁଛି। ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ୭୩.୯୯ ବିଲିୟନ ଡଲାରର ସାମଗ୍ରୀ ବିକ୍ରି କରିଛି। ଏହି ଅବଧିରେ ଭାରତର ବାଣିଜ୍ୟ ନିଅଣ୍ଟ ୬୪ ବିଲିୟନ ଡଲାର ରହିଛି। ତଥ୍ୟ ଅନୁଯାୟୀ, ଏପ୍ରିଲରେ ୧୧ ପ୍ରତିଶତ, ଜୁଲାଇ ୨୮ ପ୍ରତିଶତ ଏବଂ ସେପ୍ଟେମ୍ବରରେ ଚୀନ୍‌କୁ ରପ୍ତନୀ ୩୩ ପ୍ରତିଶତ ବଢ଼ିଥିଲା। ଅକ୍ଟୋବରରେ ଆମେରିକାକୁ ରପ୍ତାନୀ ୧୧ ପ୍ରତିଶତ ହ୍ରାସ ପାଇ ୩୪.୩୮ ବିଲିୟନ ଡଲାର ଥିଲା। ଅଧିକ ସୁନା ଆମଦାନୀ ଯୋଗୁଁ ବାଣିଜ୍ୟ ନିଅଣ୍ଟ ବଢ଼ି ୪୧.୬୮ ବିଲିୟନ ଡଲାରର ରେକର୍ଡ ସ୍ତରରେ ପହଞ୍ଚି ଯାଇଛି। ତେବେ ଏପ୍ରିଲରୁ ସେପ୍ଟେମ୍ବରରେ ଚୀନ୍‌କୁ ପେଟ୍ରୋଲିୟମ ଉତ୍ପାଦର ରପ୍ତାନୀ ଦୁଇ ଗୁଣା ବଢ଼ି ୧.୪୮ ବିଲିୟନ ଡଲାର ହୋଇଛି।

■ କମ୍ପାନୀଙ୍କୁ ଚେତାବନୀ

# ବୀମା ଦାବିକୁ ନେଇ ଭ୍ରମାତ୍ମକ ବିଜ୍ଞାପନ ବନ୍ଦ କର

ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଭାରତୀୟ ବୀମା ନିୟାମକ ଏବଂ ବିକାଶ କର୍ତ୍ତୃପକ୍ଷ (ଆଇଆରଡିଏଆଇ) ବୀମା କମ୍ପାନୀଗୁଡ଼ିକୁ ଚେତାବନୀ ଦେଇଛି। ବୀମା ବିଜ୍ଞାପନରେ ଭ୍ରମାତ୍ମକ ଏବଂ ମିଛ ତଥ୍ୟ ଦେଖାଇବାକୁ ବନ୍ଦ କରିବା ପାଇଁ କୁହାଯାଇଛି। କାରଣ ଦାବି ଏବଂ ସତ୍ୟ ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ଏହା ସହିତ ସବୁ କମ୍ପାନୀ ଆପଣାଇବା ଭଳି ଏକ ମାନକ ସୂତ୍ର ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି। ଆରଡିଆଇଏ ପକ୍ଷରୁ କୁହାଯାଇଛି ଯେ ଗଣମାଧ୍ୟମରେ ଭ୍ରମାତ୍ମକ, ଧୋକା ଦେଉଥିବା ଏବଂ ନିୟମ ବିରୋଧୀ ବିଜ୍ଞାପନର ବନ୍ୟା ଆସିଛି। ଏଠାରେ ଦେଖାଯାଉଥିବା ଅନେକ ବିଜ୍ଞାପନ ସ୍ଥିତି ଠାରୁ ଭିନ୍ନ ରହିଛି। ବୀମା ଦାବି ସମାଧାନ ହାରକୁ ବଢ଼ାଇଚଢ଼ାଇ ଉପସ୍ଥାପନ କରାଯାଉଛି। ବହୁତ କମ୍ ଦାବି ଖାରଜ କରିଦିଆଯାଉଥିବା କୁହାଯାଉଛି। କିନ୍ତୁ ନିୟାମକଙ୍କ ପାଖରେ ଥିବା ତଥ୍ୟ ଆଉ କିଛି ଦେଖାଉଛି। ବୀମା ଦାବି ସମାଧାନ ହାର ଦେଖାଇବାକୁ ବୀମା କମ୍ପାନୀଗୁଡିକ ଅଲଗା ଅଲଗା ଚିତ୍ର ଦେଖାଉଛନ୍ତି। ଖାରଜ କିମ୍ବା ପଡ଼ି ରହିଥିବା ଦାବି ଗୁଡିକୁ ଜାଣିଶୁଣି ତଥ୍ୟରେ ଦେଖାଉ ନାହାନ୍ତି। ଏହା କମ୍ପାନୀଗୁଡିକ ଦେଇଥିବା ବାର୍ଷିକ ତଥ୍ୟ ସହ ମେଳ ଖାଉନାହିଁ। ତେଣୁ ସମୀକ୍ଷା କରି ପ୍ରକୃତ ତଥ୍ୟ ଜଣାଇବାକୁ କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ରାଜ୍ୟଗୁଡ଼ିକୁ ଏଫଏସଏସଏଆଇର ନିର୍ଦ୍ଦେଶ

# ଓଆର୍‌ଏସ୍ ନାମରେ ଫ୍ରୁଟ୍, ଏନର୍ଜି ଡ୍ରିଙ୍କ ବିକ୍ରି ବନ୍ଦ କର

ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଭାରତର ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ (ଏଫଏସଏସଏଆଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଗୁଡିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଓଆରଏସ ନାମରେ ବିକ୍ରି ହେଉଥିବା ସବୁ ଫଳ ଆଧାରିତ ରସ (ଫ୍ରୁଟ ଡ୍ରିଙ୍କ୍ସ), ଇଲେକଟ୍ରୋଲାଇଟ ଡ୍ରିଙ୍କ, ରେଡି-ଟୁ-ସର୍ଭ ଡ୍ରିଙ୍କ ଏବଂ ଏନର୍ଜି ଡ୍ରିଙ୍କଗୁଡିକୁ ବଜାର ଏବଂ ଇ-କମର୍ସ ପ୍ଲାଟଫର୍ମରୁ ହଟାଇବାକୁ କୁହାଯାଇଛି। ସୂଚନା ଅନୁଯାୟୀ ଅନେକ ବଡ଼ କମ୍ପାନୀ ନିଜ ଫ୍ରୁଟ୍ ଜୁସ୍ କିମ୍ବା ଇଲେକ୍‌ଟ୍ରୋଲାଇନ ଡ୍ରିଙ୍କସକୁ ଓଆରଏସ ନାମରେ ବିକ୍ରି କରି ଗ୍ରାହକଙ୍କୁ ଭ୍ରମରେ ପକାଉଛନ୍ତି। ତେବେ ଏହା ପ୍ରକୃତରେ ଓରାଲ ରିହାଇଡ୍ରେସନ ସଲ୍ୟୁସନ (ଓଆରଏସ) ନୁହେଁ।

ଗତ ୧୯ ତାରିଖରେ ଏ ନେଇ ଏଫଏସଏସଏଆଇ ପକ୍ଷରୁ ସବୁ ରାଜ୍ୟ ସରକାରଙ୍କ ପାଖକୁ ଚିଠି ଲେଖା ଯାଇଥିଲା। ଭ୍ରମାତ୍ମକ ଏବଂ ଲୋକଙ୍କୁ ଅନ୍ଧାରରେ ରଖୁଥିବା ନାମରେ ବିକ୍ରି ଏହି ଉତ୍ପାଦ ଗୁଡିକୁ ତୁରନ୍ତ ବଜାରରୁ ହଟାଇବା ପାଇଁ କୁହାଯାଇଥିଲା। ଏ ନେଇ ଗତ ଅକ୍ଟୋବରରେ ମଧ ଏକ ନିର୍ଦ୍ଦେଶ ଜରା କରାଯାଇଥିଲା। କୌଣସି ଖାଦ୍ୟ ଉତ୍ପାଦର ନାମ କିମ୍ବା ବ୍ରାଣ୍ଡରେ ଓଆରଏସ




ବ୍ୟବହାର କରିବା ଉପରେ କଟକଣା ଲଗାଇ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ସତ୍ତ୍ୱେ ଅନେକ କମ୍ପାନୀ ବଜାରରେ ଏଭଳି ଉତ୍ପାଦ ଗୁଡ଼ିକର ବିକ୍ରି ଜାରି ରଖିଥିବା କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଏହା ଗ୍ରାହକଙ୍କୁ ଭ୍ରମରେ ପକାଉଛି। ସମସ୍ତେ ଅସଲି ଓଆରଏସ ଭାବି ଏହା କ୍ରୟ କରୁଛନ୍ତି ଏବଂ ଶିଶୁଙ୍କୁ ବି ଏହାକୁ ପିଇବାକୁ ଦେଉଛନ୍ତି। ପୂର୍ବରୁ ଏହା ପିଇ କିଛି ଶିଶୁଙ୍କ ମୃତ୍ୟୁ ହୋଇଥିବା ଖବର ଆସିଥିଲା। ଏହା ପରେ ଏଭଳି ବିକ୍ରି ଉପରେ କଟକଣା ଲଗା ଯାଇଥିଲା।

ପ୍ରକୃତ ଓଆରଏସକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ଧାର୍ଯ୍ୟ ଫର୍ମୁଲା ପ୍ରସ୍ତୁତ କରାଯାଇଥାଏ। କିନ୍ତୁ ଅନେକ କମ୍ପାନୀ ନିଜର ଫ୍ଲେଭର୍ଡ ଡ୍ରିଙ୍କକୁ ଓଆରଏସ କହି ବିକ୍ରି କରୁଥିଲେ। ଏହାକୁ ବନ୍ଦ କରିବା ପାଇଁ ଜଣେ ମହିଳା ଡାକ୍ତର ୮ ବର୍ଷ ହେଲା ସଂଘର୍ଷ କରିଥିଲେ। ସେ କୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ଡ. ଶିବରଞ୍ଜନୀ ସନ୍ତୋଷଙ୍କ ପ୍ରଚାରପ୍ରସାର ଏବଂ ପଦକ୍ଷେପ ଯୋଗୁଁ ଏହା ସଫଳ ହୋଇଥିଲା।

## ବ୍ୟାଙ୍କ ଅଫ୍ ବରୋଦା ଦିଲ୍ଲୀ-ଏନ୍‌ସିଆର ପ୍ରପର୍ଟି ଏକ୍ସପୋ

# ଘର କ୍ରୟ ପାଇଁ ମିଳୁଛି ଅଭିନବ ରିଆତି

ନୂଆଦିଲ୍ଲୀ, ୨୨।୧୧(ସମିସ): ଦେଶର ଅନ୍ୟତମ ଅଗ୍ରଣୀ ବ୍ୟାଙ୍କ୍ 'ବ୍ୟାଙ୍କ ଅଫ୍ ବରୋଦା' ସ୍ଥାନୀୟ ଦ୍ୱାରକା ଯଶୋଭୂମି (ଆଇଆଇସିସି)ରେ ଶନିବାରଠାରୁ ଦୁଇ ଦିନିଆ 'ବ୍ୟାଙ୍କ ଅଫ୍ ବରୋଦା ପପର୍ଟି ଏକ୍ସପୋ'ର ଶୁଭାରମ୍ଭ କରିଛି। ଏହି ଏକ୍ସପୋ ଘର କ୍ରୟ କରୁଥିବା ବ୍ୟକ୍ତିଙ୍କ ପାଇଁ ବିଭିନ୍ନ ପ୍ରକାରର ବିକଳ୍ପ ପ୍ରଦାନ ନିମନ୍ତେ ଆକର୍ଷଣୀୟ ଆର୍ଥିକ ସହାୟତା ଦେବାକୁ ସ୍ୱତନ୍ତ୍ର ପ୍ଲାଟଫର୍ମ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ, ଗୁରଗାଁଓ, ନୋଏଡା, ଗ୍ରେଟର ନୋଏଡା, ଗାଜିଆବାଦ ଓ ଫରିଦାବାଦ୍‌ର ପାଖାପାଖି ୨୦ଟି ପ୍ରମୁଖ ଡେଭଲପର୍ସ ଏକାଠି କାର୍ଯ୍ୟ କରିବାକୁ ଆଗକୁ ଆସିଛନ୍ତି। ଏହି ପ୍ଲାଟଫର୍ମ ଉଚ୍ଚକୋଟୀର ଅନୁମୋଦିତ ଆବାସିକ ପ୍ରକଳ୍ପର ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିବ।

ପ୍ରଥମ ଦିନରେ ହିଁ ଘର କ୍ରୟ ପାଇଁ ଭିଡ଼ ଓ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଲୋକ ଏହା ଦ୍ୱାରା ନର୍ମାଣାଧିନ ପ୍ରକଳ୍ପ ଓ ରିଡେଭଲପମେଣ୍ଟ ପ୍ରପର୍ଟିଜ ସହିତ କମ୍‌ମୂଲ୍ୟରେ, ମଧ୍ୟମ ଦର, ପ୍ରିମିୟମ ଓ ବିଳାଶପୂର୍ଣ୍ଣ ବିକଳ୍ପ ଦେଖିଥିଲେ। ଘର କ୍ରୟ କରିବା ପ୍ରକ୍ରିୟାରେ ଏକ ଉଚିତ ଫାଇନାନ୍ସ




ଭାଗୀଦାରି ମିଳିବା ବଡ଼ ଓ ମହତ୍ତ୍ୱପୂର୍ଣ୍ଣ କଥା। ଏ ଦୃଷ୍ଟିକୋଣରୁ ବ୍ୟାଙ୍କ ଅଫ୍ ବରୋଦା ବହୁ ଆଗରେ ରହିଛି। ଏହି ବ୍ୟାଙ୍କ୍ ବ୍ୟକ୍ତିଗତ ଋଣ ପରାମର୍ଶ, ଉଚିତ ସମୟରେ ଅନୁମୋଦନ ଓ ଋଣ ନେଉଥିବା ମହିଳାଙ୍କ ବିଶେଷ ରିହାତି ଦେବା ସହ ନୂଆ କ୍ରେତାଙ୍କୁ ସହାୟତା ପ୍ରଦାନ କରିଛି। ଋଣ ହାରରେ ୦.୨୫ ପ୍ରତିଶତ ଛାଡ଼ କରାଯାଉଛି। ଏହା ବାଦ୍ ସବୁ ଋଣରେ କୌଣସି ପ୍ରାସଙ୍ଗିକ ଶୁଳ୍କ ନିଆଯାଉ ନାହିଁ। ଏହି ଏକ୍ସପୋ ଦିଲ୍ଲୀ-ଏନ୍‌ସିଆର ଅଞ୍ଚଳରେ ସବୁଠାରୁ ଗତିଶୀଳ ହାଉସିଂ ବଜାର ମଧ୍ୟରୁ ଅନ୍ୟତମ ବୋଲି ବ୍ୟାଙ୍କ ଅଫ୍ ବରୋଦା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ ମୁଦାଲିଅର କହିଛନ୍ତି।

# ନକଲି ଘିଅରେ ତିଆରି ହୋଇଥିଲା ୨୦ କୋଟି ଲଡ୍ଡୁ

ଚେନ୍ନଇ, ୨୨।୧୧(ଏଜେନ୍ସି): ତିରୁମାଲ୍ଲା ତୀରୁପତି ଦେବସ୍ଥାନମ (ଟିଟିଡି)ର ଲଡ୍ଡୁ ପ୍ରସାଦ ନେଇ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଟ୍ରଷ୍ଟର ଅଧ୍ୟକ୍ଷ ବିଆର ନାଇଡୁ କହିଛନ୍ତି ଯେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ୪୮.୭୬ ଲଡ୍ଡୁ ତିଆରି ହୋଇଥିଲା। ଏଥିମଧ୍ୟରୁ ୨୦କୋଟି ଲଡ୍ଡୁ ନକଲି ଘିଅ ଦ୍ୱାରା ତିଆରି ହୋଇଥିଲା। ପ୍ରତିଦିନ ଦର୍ଶନାର୍ଥୀଙ୍କ ସଂଖ୍ୟା, କ୍ରୟ ରେକର୍ଡ, ତିଆରି ଓ ଯୋଗାଣ ରେକର୍ଡର ଭିତ୍ତିକରି ଏହା ଜଣାପଡ଼ିଛି। ଏସଆଇଟି ଏହି ମାମଲାରେ ପୂର୍ବତନ ଟିଟିଡି ଅଧ୍ୟକ୍ଷ ତଥା ୱାଇଏସ୍‌ଆରସିପି ସାଂସଦ ୱାଇ ବି ସୁବ୍ବା ରେଡ୍ଡୀଙ୍କୁ ୮ ଘଣ୍ଟା ଜେରା କରିଛି। ଭିଭିଆଇପି ଲଡ୍ଡୁରେ ମଧ୍ୟ ଅପମିଶ୍ରଣ କରାଯାଇଥିବା ଜଣାପଡ଼ିଛି। ଉତ୍ତରାଖଣ୍ଡର ଡାଏରୀରୁ ଏହି ନକଲି ଘିଅ ଆସୁଥିଲା। ଏହି ମାମଲାରେ ସୁବା ରେଡ୍ଡୀ ନିଜକୁ ନର୍ଦ୍ଦୋଷ କହିଛନ୍ତି। ତାଙ୍କ ଅଜାଣତରେ ଏହି ସବୁ କାର୍ଯ୍ୟ ହେଉଥିଲା ଓ ତାଙ୍କୁ କୌଣସି ରିପୋର୍ଟ ଦେଖାଯାଉ ନଥିଲା ବୋଲି ସେ ଏସ୍‌ଆଇଟିକୁ ଜଣାଇଛନ୍ତି।

# ଓଡ଼ିଶାରେ ଖୋଲିବ 'କାର୍ ବଜାର'ର ୧୦ ଶାଖା

ଭୁବନେଶ୍ୱର, ୨୨।୧୧ (ସମିସ): ରାଜ୍ୟର ସବୁଠାରୁ ଦ୍ରୁତ ବିକାଶଶୀଳ ଓ ବିଶ୍ୱସନୀୟ ବ୍ୟବହୃତ କାର୍ ନେଟୱର୍କ କାରବଜାରଡଟ୍‌କମ୍ ପକ୍ଷରୁ 'କାର୍‌ବଜାର ଉତ୍ସବ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାର ବଜାରର



ଏମ୍‌ଡି ବିଶ୍ୱଜିତ୍ ପଟ୍ଟନାୟକ, ନିର୍ଦ୍ଦେଶିକା କଳାଶ୍ରୀ କଣ୍ଡୁଙ୍ଗୋ, ବ୍ୟବସାୟ ମୁଖ୍ୟ ସୁରମିତ କୌର ଏବଂ ଶାଖା ପରିଚାଳକ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ବାଇପାସ୍, କୋରଡକଣ୍ଟା ଶୋରୁମ୍ ଭିତରେ ଆୟୋଜିତ ଏକ ମନଛୁଆଁ କାର୍ଯ୍ୟକ୍ରମରେ ବର୍ଷ କ୍ରମରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କର୍ମୀଙ୍କୁ ସମ୍ମାନିତ କରାଯାଇଛି। ଏଠାରେ ବିକ୍ରି, କ୍ରୟ, ଅର୍ଥ, ଆକାଉଣ୍ଟ, ୱାର୍କସପ, ବଡିସପ୍ ବିଭାଗରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା କର୍ମୀଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କର ଉଚ୍ଚ ପଦଧାରୀ, ଲିଡିଂ ଫାଇନାନ୍ସର, ପ୍ରସିଦ୍ଧ ୟୁଟ୍ୟୁବର, ଇନଫ୍ଲୁଏନସର ଏବଂ ଗ୍ରାହକମାନେ ବିଶିଷ୍ଟ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୨୦୨୬ ମଧ୍ୟରେ ଓଡ଼ିଶାର ୧୦ ପ୍ରମୁଖ ସହରେ କାର୍ ବଜାର ଶାଖା ଖୋଲିବ। ଏହା ମାଧ୍ୟମରେ ନିଯୁକ୍ତି ସୁଯୋଗ ସହ ଆଧୁନିକ ଗାଡ଼ି ବିପଣନ ପରିବେଶ ସୃଷ୍ଟି ହେବ। ସ୍ୱଚ୍ଛତା, ବିଶ୍ୱସନୀୟତା ଓ ପ୍ରଫେସନାଲ ଇକୋସିଷ୍ଟମ୍ ମାଧ୍ୟମରେ ଗାଡ଼ି ବିକ୍ରିରେ ନୂଆ ମାନଦଣ୍ଡ ସୃଷ୍ଟି କରିବାକୁ କାର୍ ବଜାର ଲକ୍ଷ୍ୟ ରଖିଛି।

## ରାଜ୍ୟ ଖବର

# ଶଶୁର ଘର ଉପରେ ଜ୍ୱାଇଁର ବୋମାମାଡ଼

### ଖସିଗଲେ ଜ୍ୱାଇଁ; ୨ ସାଙ୍ଗଙ୍କୁ ମାଡ଼ିବସିଲେ ଗ୍ରାମବାସୀ

ଭଦ୍ରକ, ୨୨।୧୧(ସମିସ): ପ୍ରେମ ବିବାହ କରିଥିଲେ। କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ସମ୍ପର୍କରେ ଭଟ୍ଟା ପଡ଼ିଗଲା। କଥା ଏତେ ଆଗକୁ ଚାଲିଗଲା ଯେ ଦୁହିଁଙ୍କର ବିଚ୍ଛେଦ ହୋଇଗଲା। ଏଥିପାଇଁ ଶ୍ୱଶୁରଘର ଲୋକଙ୍କୁ ଦାୟୀ କରି ପ୍ରତିଶୋଧରେ ଜଳୁଥିବା ଜ୍ୱାଇଁ ୨ ସାଙ୍ଗଙ୍କ ମିଶି ଶଶୁର ଘର ଉପରକୁ ବୋମା ଫିଙ୍ଗିଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା କରଣପଲ୍ଲୀ ଅଞ୍ଚଳରେ।

ସୂଚନାନୁଯାୟୀ, ବନ୍ତ ଅଞ୍ଚଳର ପାଣ୍ଡୁଆ ଗ୍ରାମର ଶ୍ରୀଧର ନାୟକ କରଣପଲ୍ଲୀ ଗ୍ରାମର ରମେଶ ମହାଲିକଙ୍କ ଝିଅ ମାମୁନିଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ପରେ କରଣପଲ୍ଲୀ ଅଞ୍ଚଳର ଭଦ୍ର ଲୋକଙ୍କ ଉପସ୍ଥିତିରେ ଦୁହିଁଙ୍କର ବିବାହ ବିଚ୍ଛେଦ ହୋଇଥିଲା। ବିଚ୍ଛେଦ ପରେ ଦୁହେଁ ନିଜ ନିଜ



ଘରେ ରହୁଥିଲେ। କିନ୍ତୁ ଶ୍ରୀଧର ଏହାକୁ ସହ୍ୟ କରିପାରିନଥିଲେ। ବିବାହ ବିଚ୍ଛେଦ ପାଇଁ ମାମୁନିଙ୍କ ବାପଘରଲୋକଙ୍କୁ ସେ ଦାୟୀ କରି ପ୍ରତିଶୋଧ ନେବାକୁ ମୌକା ଖୋଜୁଥିଲେ। ଗତକାଲି ବିଳମ୍ବିତ ରାତିରେ ଦୁଇ ସାଙ୍ଗ, ଅଶୋକ ଦାସ ଓ କିଶୋର ନାୟକଙ୍କ ସହ ସେ କରଣପଲ୍ଲୀର ପହଞ୍ଚିଥିଲେ। ସେଠାରେ ସେମାନେ ରମେଶଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ରମେଶଙ୍କ ଆଜବେଷ୍ଟସ୍ ଘରର କିଛି ଅଂଶ ଭାଙ୍ଗିଯାଇଥିଲା। ଅପରପକ୍ଷେ, ବୋମାମାଡ଼ ଶବ୍ଦରେ ଗ୍ରାମବାସୀ ଉଠିପଡ଼ିଥିଲେ ଓ ଖସି ପଳାଉଥିବା ୩ଜଣଙ୍କ ମଧ୍ୟରୁ ଦୁଇ ସାଙ୍ଗକୁ ମାଡ଼ି ବସିଥିଲେ। କିନ୍ତୁ ଶ୍ରୀଧର ଖସି ପଳାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ବାଂଶଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ରୀଧରଙ୍କ ୨ ସାଙ୍ଗକୁ ଥାନାକୁ ନେଇ ଅଟକ ରଖିଛି। ରମେଶଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମହାଲିକଙ୍କ ଲିଖିତ ଅଭିଯୋଗ ପରେ ତଦନ୍ତ ଚାଲିଛି।

## କିମ୍‌ସ ଜାତୀୟ ସମ୍ମିଳନୀ-୨୦୨୫

# ଡ. ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ 'ହିରୋ' ପୁରସ୍କାର

ଭୁବନେଶ୍ୱର,୨୨।୧୧(ସମିସ): କିମ୍‌ସ ଜାତୀୟ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିତ୍ସା, ଜନସ୍ୱାସ୍ଥ୍ୟ, ଜୈବଚିକିତ୍ସା ନବସର୍ଜନା, ସ୍ୱାସ୍ଥ୍ୟସେବା ନୀତି ଏବଂ ଚିକିତ୍ସା ଶିକ୍ଷା ଆଦି କ୍ଷେତ୍ରରୁ ଭାରତର ବହୁପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ବିଶେଷଜ୍ଞ ଯୋଗ ଦେଇଥିଲେ। ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା, ଗବେଷଣାଲବ୍ଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ, ସ୍ଥାନୀୟ ସମ୍ବଳ ଏବଂ କମ୍ ଖର୍ଚ୍ଚରେ କିପରି ଗବେଷଣା କରାଯାଇପାରିବ, ସାଧାରଣ ଲୋକଙ୍କୁ କମ୍ ଖର୍ଚ୍ଚରେ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦେବା ବିଷୟରେ ବିଶେଷଜ୍ଞମାନେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା. ଶିବାନନ୍ଦ ମହାନ୍ତିଙ୍କୁ କିମ୍‌ସ ପକ୍ଷରୁ ପ୍ରଥମ 'ହେଲ୍‌ଥ ଏମ୍ପାୱାରମେଣ୍ଟ ଇନ୍ ରୁରାଲ୍ ଓଡିଶା' (ହିରୋ) ପୁରସ୍କାର ପ୍ରଦାନ କରାଯାଇଥିଲା।




କାର୍ଯ୍ୟକ୍ରମରେ ଆଇସିଏମ୍‌ଆରର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା. ରାଜୀବ ବାହାଲ, ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତିକରଣ ଓ ଗବେଷଣା ଜନିତ କ୍ଲିନିକାଲ୍ ଅଭ୍ୟାସର ଭବିଷ୍ୟତ ଉପରେ ଆଲେଶଚନା କରିଥିଲେ। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଓଡିଶାର ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍‌ସ ତାର ପ୍ରୟାସ ଜାରି ରଖିଥିବା କହିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଆପୋଲୋ କର୍କଟ କେନ୍ଦ୍ର ହେମାଟୋ-ଅଙ୍କଲୋଜି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବିଭାଗୀୟ ମୁଖ୍ୟ ଡା. ଭେଲୁ ନାୟାର, ଚେନ୍ନାଇସ୍ଥିତ ଏମଜିଏମ ସ୍ୱାସ୍ଥ୍ୟ ସେବାର ହୃଦ୍ ଏବଂ ଫୁସ୍‌ଫୁସ୍ ପ୍ରତିରୋପଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. କେ. ଆର. ବାଲକୃଷ୍ଣନ୍ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବାର ତଥା କ୍ଷେତ୍ରର ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଯୋଗ ଦେଇଥିଲେ।

■ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ

# ପ୍ରତାପ ପ୍ରଧାନଙ୍କୁ ରାଷ୍ଟ୍ରୀୟ ଆବାହକ ଦାୟିତ୍ୱ

ଭୁବନେଶ୍ୱର, ୨୨।୧୧(ସମିସ): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଷ୍ଟ୍ରୀୟ କମିଟିରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଆଦିବାସୀ ସେଲ୍‌ର ପ୍ରାକ୍ତନ ଉପସଭାପତି ଓ ମୁଖପାତ୍ର ପ୍ରତାପ କୁମାର ପ୍ରଧାନ ରାଷ୍ଟ୍ରୀୟ ଆବାହକ ଭାବେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ପ୍ରଧାନ ପୂର୍ବରୁ ଜି. ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି, କନ୍ଧମାଳ ଜିଲ୍ଲା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସଭାପତି ଭାବେ ୧୦ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ବର୍ତ୍ତମାନ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ନବନିଯୁକ୍ତ ପାଇଁ ଶ୍ରୀ ପ୍ରଧାନ ରାଷ୍ଟ୍ରୀୟ ସଭାପତି ଡଃ ସୁନୀଲ ପନୱାର, ମହାରାଷ୍ଟ୍ରର ପିସିସି ସଭାପତି ହର୍ଷବର୍ଦ୍ଧନ ସପକାଲ, ମୀନାକ୍ଷୀ ନଟରାଜନ, ସଚିନ ରାଓ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଖଟରେ ବୁହା ହେବା ବେଳେ ସନ୍ତାନ ପ୍ରସବ

ଶରତ, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଧନାସାହିରୁ ଜନନୀ ଯନ୍ତ୍ରଣାର ଆଉ ଏକ ଚିତ୍ର ସାମ୍ନାକୁ ଆସିଛି। ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବା ବେଳେ ବାଟରେ ମହିଳାଜଣଙ୍କ ପ୍ରସବ କରିଛନ୍ତି। ସୂଚନାନୁସାରେ, ପଦ୍ମପୋଖରୀ ପଞ୍ଚାୟତ ଧନାସାହିର ସମା ମହାକୁଡ଼ଙ୍କ ସ୍ତ୍ରୀ ନାନ୍ଦୀ ମହାକୁଡ଼ଙ୍କ ଶନିବାର ପ୍ରସବଯନ୍ତ୍ରଣା ହୋଇଥିଲା। ପରିବାରଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ, ଗାଁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁଠାରୁ ୫ କିମି ଦୂରରେ ଛିଡ଼ା ହୋଇଥିଲା। ଏପଟେ ନାନ୍ଦୀଙ୍କ ପ୍ରସବ ଯନ୍ତ୍ରଣା ବଢ଼ିଚାଲିଥିଲା। ତେଣୁ ଅନ୍ୟ ଉପାୟନ ପାଇ ପରିବାରଲୋକ ଏକ ଖଟରେ ନାନ୍ଦୀଙ୍କୁ ବୋହିବୋହି ଆମ୍ବୁଲାନ୍ସ ନିକଟକୁ ନେଉଥିଲେ। ତେବେ ଅଧା ବାଟରେ ନାନ୍ଦୀ ଏକ ସନ୍ତାନ ପ୍ରସବ କରିଥିଲେ। ସ୍ଥାନୀୟ ଆଶା ଓ ଅଙ୍ଗନବାଡି କର୍ମୀ ଏନେଇ କୌଣସି ସୂଚନା ପାଇ ନ ଥିବାରୁ ପ୍ରସୂତିଙ୍କୁ କୌଣସି ସହାୟତା ମିଳିପାରିନାହିଁ। ସୂଚନାଯୋଗ୍ୟ, ଗାଁ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଗ୍ରାମବାସୀ ମରାମତି ନିମନ୍ତେ କପ୍ତିପଦା ବିଡିଓଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ।

# ବର୍ଷବ୍ୟାପୀ ଜାନକୀବଲ୍ଲଭ ଜନ୍ମ ଶତବାର୍ଷିକୀ

ଭୁବନେଶ୍ୱର, ୨୨।୧୧(ସମିସ):ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶା ଗଠନର ପ୍ରକୃତ ବିଧାଣୀ ପ୍ରଜ୍ଞାପୁରୁଷ ଡଃ. ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ବର୍ଷବ୍ୟାପୀ ପାଳନ କରାଯିବ। ଏ ନେଇ ଶନିବାର ଏକ ପ୍ରସ୍ତୁତି କମିଟି ବୈଠକ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବ ପ୍ରଶାସକ ନୀଳମାଧବ ମହାନ୍ତି, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀମୟ କର, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ପ୍ରମୁଖ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶତବାର୍ଷିକୀ କମିଟିର ମୁଖ୍ୟ ସଂଯୋଜକ ଡଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ନିରଞ୍ଜନ ପଟ୍ଟନାୟକ ଜାନକୀ ବଲ୍ଲଭଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶାରେ କରାଯାଇଥିବା ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ତାଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଆସନ୍ତା ଜାନୁଆରୀ ୩ ତାରିଖରୁ ୨୦୨୭ ମସିହା ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଏକ ବର୍ଷବ୍ୟାପୀ ପାଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିବାକୁ ଉପସ୍ଥିତ ଅତିଥିମାନଙ୍କୁ ସେ ଅନୁରୋଧ କରିଥିଲେ।

## ଦକ୍ଷିଣାଞ୍ଚଳ ଗସ୍ତରେ ଡିଜିପି

# ନକ୍ସଲ ମୁକାବିଲା, ଗଞ୍ଜେଇ ଚାଷ ରୋକିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୨।୧୧(ସମିସ): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଦୁଇଦିନିଆ ବୌଦ୍ଧ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପ୍ରସଙ୍ଗରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାଗୁଡ଼ିକରେ ଆଇନଶୃଙ୍ଖଳା ପରିସ୍ଥିତି, ମାଓବାଦୀ ସମସ୍ୟା, ଗଞ୍ଜେଇ ଚାଷ ଓ ଚୋରାଚାଲାଣ ରୋକିବା ଏବଂ ଆଗାମୀ ଦିନରେ ଅପରାଧୀ ତଥା ମାଓବାଦୀଙ୍କ ବିରୋଧରେ ସ୍ୱତନ୍ତ୍ର ରଣନୀତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ଗତକାଲି ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଜି ପୂର୍ବାହ୍ନରେ କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇଥିଲେ। ସେଠାରେ ପେନାମାଳସ୍ଥିତ ସିଓବି କ୍ୟାମ୍ପ ଏବଂ ସିଆରପିଏଫ୍ କ୍ୟାମ୍ପ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଏସଓଜି ଟିମ୍ ଲିଡର୍, ଡିଭିଏଫ୍ ଯବାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ଉପରୋକ୍ତ ସମସ୍ତ ଜିଲ୍ଲାକୁ ନକ୍ସଲ ମୁକ୍ତ ତଥା ଗଞ୍ଜେଇ ମୁକ୍ତ କରିବାକୁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ଅତୀତରେ ମାଓବାଦୀ ମୁକାବିଲା କ୍ଷେତ୍ରରେ ଜିଲ୍ଲା ପୁଲିସ ସକ୍ରିୟଭୂମିକା ଗ୍ରହଣ କରିଥିଲା। ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ନକ୍ସଲ ସମସ୍ୟାକୁ ପ୍ରତିହତ କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଥିବା ଅଞ୍ଚଳକୁ ଚିହ୍ନଟ କରି ସମ୍ପୃକ୍ତ ଅଞ୍ଚଳକୁ ସଂପୂର୍ଣ୍ଣ ନଷ୍ଟ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ।

**ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ**

ଡିଜିପିଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ତଥା ନକ୍ସଲ ବିରୋଧୀ ଅଭିଯାନର ମୁଖ୍ୟ ସଂଜୀବ ପଣ୍ଡା, ଆଇଜି ଦକ୍ଷିଣାଞ୍ଚଳ ନୀତିଶେଖର, ଆଇଜି ଅପରେସନ ଡ. ଦୀପକ କୁମାର, ଏସପି ରାୟଗଡା ସ୍ୱାଥୀ ଏସ. କୁମାର, ଏସ୍‌ପି କନ୍ଧମାଳ ହରୀଶ ବିସି, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ସମେତ ବିଏସଏଫ ଓ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



### ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ

# ଫାଇନାଲରେ ଲକ୍ଷ୍ୟ ସେନ୍



**ସିଡ୍‌ନୀ, ୨୨।୧୧ (ଏଜେନ୍ସି):** ଭାରତୀୟ ସଟଲର୍ ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ଲକ୍ଷ୍ୟ ୧୭-୨୧, ୨୪-୨୨, ୨୧-୧୬ ଗେମ୍‌ରେ ଚାଇନିଜ ତାଇପେଇ'ର ଚୋଉ ତିଏନ୍ ଚେନ୍‌ଙ୍କୁ ପରାସ୍ତ କରିଥିଲେ। ରବିବାର ଫାଇନାଲରେ ଲକ୍ଷ୍ୟଙ୍କ ମୁକାବିଲା ଜାପାନର ୟୁଶି ତନାକାଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ତନାକା ୨୧-୧୮, ୨୧-୧୫ ସିଧାସଳଖ ଗେମରେ ଚାଇନିଜ ତାଇପେଇ'ର ୫ମ ସିଡ୍ ଲିନ୍ ଚୁନ୍-ୟିଙ୍କୁ ପରାସ୍ତ କରିଥିଲେ। ୨୪ ବର୍ଷୀୟ ଲକ୍ଷ୍ୟ ଚଳିତ ସିଜନରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ହେଲେ ଟାଇଟଲ୍ ଜିତିପାରିନାହାନ୍ତି। ଏଥିପୂର୍ବରୁ ସେ ହଂକଂ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍ ରହିଥିଲେ। ଲକ୍ଷ୍ୟ ତାଙ୍କର ଶେଷ ଟାଇଟଲ୍ ଗତ ବର୍ଷ ସୟଦ ମୋଦି ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଜିତିଥିଲେ।

### ମହିଳା କବାଡ଼ି ବିଶ୍ୱକପ୍

## ଆଜି ସେମିରେ ଇରାନକୁ ଭେଟିବ ଭାରତ

**ଢାକା, ୨୨।୧୧ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ଭାରତ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ରେ କ୍ରମାଗତ ୪ର୍ଥ ବିଜୟ ହାସଲ କରିଛି। ଶନିବାର ଭାରତୀୟ ମହିଳା ଦଳ ଏହାର ଅନ୍ତିମ ତଥା ୪ର୍ଥ ଲିଗ୍ ମ୍ୟାଚରେ ୫୧-୧୬ ପଏଣ୍ଟରେ ଘରୋଇ ବାଂଲାଦେଶକୁ ହରାଇଥିଲା। ପୂର୍ବରୁ ଉଗାଣ୍ଡା (୭୨-୧୫), ଥାଇଲାଣ୍ଡ (୬୫-୨୦) ଓ ଜର୍ମାନୀ (୬୩-୨୨)କୁ ପରାସ୍ତ କରିଥିବା ଭାରତ ଏବେ ସେମିଫାଇନାଲରେ ରବିବାର ଇରାନକୁ ଭେଟିବ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଇରାନ ଲିଗ୍ ପର୍ଯ୍ୟାୟରେ ୪ ମ୍ୟାଚରୁ ୩ ବିଜୟ ସହ ସେମିଫାଇନାଲରେ ପହଞ୍ଚିଛି। ଯଦି ଭାରତ ସେମିରେ ବିଜୟୀ ହୁଏ ତେବେ କ୍ରମାଗତ ୨ୟଥର ଲାଗି ଫାଇନାଲ ଖେଳିବ। ଏଥିପୂର୍ବରୁ ୨୦୧୨ରେ ଅନୁଷ୍ଠିତ ମହିଳା କବାଡ଼ିର ପ୍ରଥମ ସଂସ୍କରଣର ଫାଇନାଲରେ ଇରାନକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା।



ପୁରୁଷ ହକି ଇଣ୍ଡିଆ ଲିଗ୍ ଲାଗି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟିମ୍ ପ୍ରସ୍ତୁତ

### ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର

## ଫାଇନାଲରେ ସୁବ୍ରତ-ଆଶୁତୋଷ ମୁକାବିଲା



**ଭୁବନେଶ୍ୱର,୨୨।୧୧(ସମିସ):** ରାଜ୍ୟର ଦୁଇ ଶୀର୍ଷ ଖେଳାଳି ତଥା ଗୁରୁ ସୁବ୍ରତ ଦାସ ଓ ଶିଷ୍ୟ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ରାଜ୍ୟ ସ୍ନୁକର ବିଭାଗର ଫାଇନାଲ ମୁକାବିଲା ହେବ। ଆସନ୍ତାକାଲି ଏହି ଫାଇନାଲ ମୁକାବିଲା ପଟିଆସ୍ଥିତ ୬ପକେଟ୍ସ କ୍ଲବ୍ ପରିସରରେ ଖେଳାଯିବ। ଆଜି ଅନୁଷ୍ଠିତ ସେମିଫାଇନାଲରେ ଆଶୁତୋଷ ୫-୦ ଫ୍ରେମ୍‌ରେ ରୁମିତ ଗୁପ୍ତାଙ୍କୁ ଓ ସୁବ୍ରତ ୫-୧ରେ ଅନ୍ୟତମ ସିନିଅର ଖେଳାଳି ସିଦ୍ଧାର୍ଥ ସେନ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ଟାଇଟଲ ଜିତିଲେ ସୁବ୍ରତଙ୍କ ୬ଷ୍ଠ ଓ ଆଶୁତୋଷଙ୍କର ୫ମ ଟାଇଟଲ ହେବ।

## ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ: ଓଡ଼ିଆଙ୍କୁ ଆଉ ୩ ପଦକ

**ଭୁବନେଶ୍ୱର,୨୨।୧୧(ସମିସ):** ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସର ଦ୍ୱିତୀୟ ଦିନରେ ଓଡ଼ିଆ ଆଥ୍‌ଲେଟମାନେ ଆଉ ୩ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ପଦକ ଜିତିଥିବା ଆଥଲେଟମାନେ ହେଲେ କମଳାକାନ୍ତ ନାୟକ, ପ୍ରଫୁଲ୍ଲ ଖଣ୍ଡାୟତରାୟ ଓ ସୁଚିତ୍ରା ପରିଡ଼ା। କମଳାକାନ୍ତ ଏଫ୍୫୩ କାଟାଗୋରୀର ପୁରୁଷ ଜାଭେଲିନ୍ ଥ୍ରୋ'ରେ ସ୍ୱର୍ଣ୍ଣ, ପ୍ରଫୁଲ୍ଲ ଏଫ୍୫୫ କାଟାଗୋରୀରେ ପୁରୁଷ ଡିସ୍‌କସ୍ ଥ୍ରୋ'ରେ କାଂସ୍ୟ ଓ ସୁଚିତ୍ରା ପରିଡ଼ା ଏଫ୍ ୫୪/୫୫/୫୬ କାଟାଗୋରୀର ମହିଳା ଡିସକସ୍ ଥ୍ରୋ'ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରଫୁଲ୍ଲ ଓ ସୁଚିତ୍ରାଙ୍କର ଏହା ଦ୍ୱିତୀୟ ପଦକ। ଗତକାଲି ପ୍ରଥମ ଦିନରେ ଓଡ଼ିଆମାନେ ୩ ସ୍ୱର୍ଣ୍ଣ ସହ ୬ ପଦକ ବିଜୟୀ ହୋଇଥିଲେ। ଦ୍ୱିତୀୟ ଦିନ ଶେଷରେ ଓଡ଼ିଆ ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୯ରେ ପହଞ୍ଚିଛି। ତାହା ମଧ୍ୟରେ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି।



## ଶରଣକୁଳ ଫୁଟବଲ୍ ଫାଇନାଲ ଆଜି

**ଶରଣକୁଳ, ୨୨।୧୧ (ସମିସ):** ଏଠାରେ ଚାଲିଥିବା ୬୪ତମ ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ବା ରବିବାର ୨ଟାରେ ଖେଳାଯିବ। ଏଥିରେ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଓ ଭୁବନେଶ୍ୱର ଗଣ୍ଡରପୁର ଫୁଟବଲ୍ କ୍ଲବ ଟାଇଟଲ୍ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଲଡୁକେଶ୍ୱର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହେଉଛି। ଫାଇନାଲ ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତାମୂଳକ ହେବ ବୋଲି ଆୟୋଜକ ସଂଘ ସମ୍ପାଦକ ରବୀନ୍ଦ୍ର ଚୌଧୁରୀ ଆଶାପ୍ରକାଶ କରିଛନ୍ତି।

### ସୁଲତାନ ଆଜଲାନ ଶାହ କପ୍ ହକି

## ଆଜି ଭାରତ-କୋରିଆ ଉଦ୍‌ଘାଟନୀ ଲଢ଼େଇ

**ଇପୋ, ୨୨।୧୧ (ଏଜେନ୍ସି):** ସୁଲତାନ ଆଜଲାନ ଶାହ କପ୍ ହକିର ୩୧ତମ ସଂସ୍କରଣ ରବିବାରଠାରୁ ମାଲେସିଆରେ ଆରମ୍ଭ ହେବ। ଚଳିତ ସଂସ୍କରଣରେ ଆୟୋଜକ ମାଲେସିଆ ସମେତ ଭାରତ, ବେଲ୍‌ଜିୟମ, କାନାଡା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ କୋରିଆ ମଧ୍ୟରେ ଟ୍ରଫି ପାଇଁ ଲଢ଼େଇ ହେବ। ପାଞ୍ଚଥରର ଚାମ୍ପିଅନ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଲଢ଼େଇ ରବିବାର ଅପରାହ୍ଣ ୪ଟାରେ ଖେଳାଯିବ। ରାଉଣ୍ଡ-ରବିନ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହାପରେ ପଏଣ୍ଟ ଆଧାରରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ନଭେମ୍ବର ୩୦ରେ ଫାଇନାଲ ଖେଳାଯିବ। ୨୦୧୯ ପରେ ଭାରତ ପ୍ରଥମଥର ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛି। ନିୟମିତ ଅଧିନାୟକ ହରମନପ୍ରୀତ୍ ସିଂହଙ୍କୁ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ଡିଫେଣ୍ଡର ସଞ୍ଜୟ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ସେହିଭଳି ଓଡ଼ିଶାର ଅମିତ୍ ରୋହିଦାସଙ୍କ ସମେତ ନୀଲମ ସଞ୍ଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା ସୁଲତାନ ଆଜଲାନ ଶାହ କପ୍ ଲାଗି ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

## ଦିନିକିଆରେ ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

**ସେଡନପାର୍କ,୨୨।୧୧(ଏଜେନ୍ସି):** ମ୍ୟାଟ ହେନରୀ(୪/୪୩)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୩-୦ରେ କ୍ଲିନ୍ ସୁଇପ୍ କରିଛି। ହେନରୀଙ୍କୁ ଏହି ମ୍ୟାଚ୍‌ର ଓ କାଏଲ ଜାମିସନ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ର ୧୬୧ ରନ୍ ଜବାବରେ ନ୍ୟୁଜିଲାଣ୍ଡ ୬ ୱିକେଟରେ ୧୬୨ ରନ୍ କରି ଜିତିଥିଲା।



ରାଜ୍ୟ ରୋଲର ସ୍କେଟିଂ ଚାମ୍ପିଅନସିପରେ ଭାଗ ନେଇଥିବା ପ୍ରତିଯୋଗୀମାନେ

## ରିଲାଏନ୍ସ ଫାଉଣ୍ଡେସନ ଓ କ୍ରୀଡ଼ା ବିଭାଗ ପୁରସ୍କୃତ

**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ଭାରତର କ୍ରୀଡ଼ା କ୍ଷେତ୍ରକୁ ପ୍ରୋତ୍ସାହନ ଓ ବିଶେଷ ଯୋଗଦାନ ଲାଗି ରିଲାଏନ୍ସ ଫାଉଣ୍ଡେସନକୁ ଫିକିର ୧୫ତମ ବିଶ୍ୱ କ୍ରୀଡ଼ା ସମ୍ମିଳନୀ (ଗ୍ଲୋବାଲ ସ୍ପୋର୍ଟ୍ସ ସମିଟ୍) ଟର୍ଫ-୨୦୨୫ରେ ପୁରସ୍କୃତ କରାଯାଇଛି। ଦେଶର ତୃଣମୂଳସ୍ତରରୁ ହାଇପରଫର୍ମାନ୍ସସ୍ତର ଯାଏ କ୍ରୀଡ଼ାକୁ ସଶକ୍ତ କରିବା ପାଇଁ ରିଲାଏନ୍ସ ଫାଉଣ୍ଡେସନ ନିରନ୍ତର ପ୍ରୟାସ କରିଛି। କ୍ରୀଡ଼ା କ୍ଷେତ୍ରରେ ନୀତା ଅମ୍ବାନୀଙ୍କ ନେତୃତ୍ୱ ତାଙ୍କୁ ଦେଶର ଉଦୀୟମାନ 'ସ୍ପୋର୍ଟ୍ସ ଲିଡର ଅଫ୍ ଇଣ୍ଡିଆ' ଭାବରେ ମଧ୍ୟ ଦେଖାଯାଉଛି। ରିଲାଏନ୍ସ ଫାଉଣ୍ଡେସନ କ୍ରୀଡ଼ାକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ କର୍ପୋରେଟ ବୋଲି ଫିକି ପକ୍ଷରୁ ଏହି ଅବସରରେ କୁହାଯାଇଛି। ସେହିଭଳି ନୀତା ଅମ୍ବାନୀ ଏହି ପୁରସ୍କାରକୁ ରିଲାଏନ୍ସ ଫାଉଣ୍ଡେସନ ପରିବାର ଏବଂ ଦେଶର ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସର୍ଗ କରିଛନ୍ତି।

ଅପରପକ୍ଷରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗକୁ 'ଲିଡର୍ ଇନ୍ ସ୍ପୋର୍ଟ୍ସ ଇନଫ୍ରାଷ୍ଟ୍ରକଚର ଆଣ୍ଡ ହାଇପରଫର୍ମାନ୍ସ ସେଣ୍ଟର' ପୁରସ୍କାର ପ୍ରଦାନ କରାଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଏହି ପୁରସ୍କାର ଗ୍ରହଣ କରିଥିଲେ। 'ଏହି ପୁରସ୍କାର ଲାଗି ଯେଉଁମାନେ ଆମକୁ ସମର୍ଥନ, ସହଯୋଗ ଓ ପ୍ରୋତ୍ସାହିତ କରିଛନ୍ତି ସମସ୍ତଙ୍କ ପ୍ରତି ଆମେ କୃତଜ୍ଞ। ଏହି ମାନ୍ୟତା ଓଡ଼ିଶାରେ କ୍ରୀଡ଼ାର ଅଭିବୃଦ୍ଧି ପାଇଁ ଅଧିକ ପ୍ରତିବଦ୍ଧତା, ନବସୃଜନ ଏବଂ ଉଦ୍ଦେଶ୍ୟ ସହିତ କାମ ଜାରି ରଖିବା ପାଇଁ ଆମର ସଂକଳ୍ପକୁ ଦୃଢ଼ କରିବ' ବୋଲି ଯାଦବ କହିଛନ୍ତି।




### ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ

## ଶ୍ରୀଲଙ୍କାର କ୍ରମାଗତ ଦ୍ୱିତୀୟ ପରାଜୟ

**ରାୱଲପିଣ୍ଡି, ୨୨।୧୧ (ଏଜେନ୍ସି):** ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ଶ୍ରୀଲଙ୍କା ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ ପାକିସ୍ତାନ ୭ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପୂର୍ବରୁ ଶ୍ରୀଲଙ୍କା ଦଳ ସିରିଜର ପ୍ରଥମ ମ୍ୟାଚରେ ଜିମ୍ବାୱେ ନିକଟରୁ ୬୭ ରନରେ ହାରିଥିଲା। ଅପରପକ୍ଷରେ ପ୍ରଥମ ମୁକାବିଲାରେ ଜିମ୍ବାୱେକୁ ହରାଇଥିବା ପାକିସ୍ତାନ ଏଥିସହ ୨ୟ ବିଜୟ ଲାଭ କରିଛି। ରବିବାର ପାକିସ୍ତାନ ଓ ଜିମ୍ବାୱେ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳିଯିବ। ଶନିବାର ଅନୁଷ୍ଠିତ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୭ ୱିକେଟ୍‌ରେ ମାତ୍ର ୧୨୮ ରନ କରିପାରିଥିଲା। ଦଳ ପକ୍ଷରୁ ଜାନିଥ ଲିୟାଙ୍ଗେ ସର୍ବାଧିକ ୪୧, କୁଶଲ ପେରେରା ୨୫, କାମିଲ ମିଶ୍ରା ୨୨ ରନ କରିଥିଲେ। ଘରୋଇ ପାକିସ୍ତାନର ବାମହାତୀ ସ୍ପିନର ମହମ୍ମଦ ନୱାଜଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ଶାହିବଜାଦ ଫରହାନଙ୍କ ଅପରାଜିତ ୮୦ ରନ ବଳରେ ପାକିସ୍ତାନ ୧୫.୩ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

### ■ ଆନ୍ତଃଜିଲ୍ଲା ଟେବୁଲ ଟେନିସ ଚାମ୍ପିଅନସିପ୍

## ଏଜି ପୁରୁଷ, କଟକ-ଏ' ଯୁଥ୍ ଚାମ୍ପିଅନ

**ଭୁବନେଶ୍ୱର,୨୨।୧୧(ସମିସ):** କଟକ-ବି'କୁ ହରାଇ ଏଜି ଓଡ଼ିଶା କଟକରେ ଚାଲିଥିବା ୩୧ତମ ଆନ୍ତଃଜିଲ୍ଲା ଟେବୁଲ ଟେନିସ ଚାମ୍ପିଅନ ହୋଇଛି। କଟକ ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ମଲଟିପର୍ପୋଜ୍ ଇଣ୍ଡୋର ହଲ୍‌ରେ ଖେଳାଯାଇଥିବା ପୁରୁଷ ବିଭାଗେ ଫାଇନାଲରେ ଏଜି ଓଡ଼ିଶା ୩-୦ ସେଟ୍‌ରେ କଟକ-ବି'କୁ ପରାସ୍ତ କରି ଟାଇଟଲ ଜିତିଥିଲା। ଚାମ୍ପିଅନ ଏଜି ପକ୍ଷରୁ ତୁଷାର ଚୌହାନ, ମୈନାକ ଦାସ ଓ ସମ୍ରାଟ ଚକ୍ରବର୍ତ୍ତୀ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। କଟକ-ବି'କୁ ପ୍ରତିନିଧିତ୍ୱ କରୁଥିବା ସୌମ୍ୟରଞ୍ଜନ ପତି, ଫରାଜ ରାଜା ଓ ହାଞ୍ଜଲା ରେହାନ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ ଏଜି ଓଡ଼ିଶା ୩-୦ରେ କଟକ-ଏ'କୁ ଏବଂ କଟକ-ବି' ୩-୨ରେ ପୁରୀକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।




ଏଜି ଓଡ଼ିଶା-ପୁରୁଷ ଚାମ୍ପିଅନ | କଟକ-ଏ'-ଯୁଥ୍ ଚାମ୍ପିଅନ

ସେହିପରି ଯୁଥ୍ ବିଭାଗ ଫାଇନାଲରେ କଟକ-ଏ' ୩-୧ରେ ଖୋର୍ଦ୍ଧା ଟିଟି ସଂଘକୁ ହରାଇ ଚାମ୍ପିଅନ ହୋଇଛି। କଟକ-ଏ' ପକ୍ଷରୁ ଜିଜ୍ଞାସୁ ସାହୁ ଦୁଇଟିଯାକ ସିଙ୍ଗଲ୍ସରେ ଏବଂ ଜିଜ୍ଞାସୁ ସାହୁ ଓ ଆୟାନ ମୁସ୍ତାକ ଡବଲ୍ସରେ ବିଜୟୀ ହୋଇଥିଲେ। କଟକ-ଏ'ର ତାକମିଲ ମହମ୍ମଦ୍ ଖୋର୍ଦ୍ଧାର ଅନିନ୍ଦ୍ୟ ଏ ଦାସଙ୍କଠାରୁ ୩-୦ରେ ହାରିଯାଇଥିଲେ। ଖୋର୍ଦ୍ଧାର ଅନ୍ୟ ଖେଳାଳିମାନେ ପରାଜିତ ହୋଇଥିଲେ। ପାଲଟା ସିଙ୍ଗଲ୍ସରେ ଅନିନ୍ଦ୍ୟ, ଆୟୁଷ୍ମାନ ପତି ଓ ଡବଲ୍ସରେ ଆୟୁଷ୍ମାନ ଓ ଅନିନ୍ଦ୍ୟଙ୍କ ଯୋଡି ହାରିଯାଇଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ କଟକ-ଏ' ୩-୦ରେ ଭୁବନେଶ୍ୱର ଟିଟି ସଂଘକୁ ଏବଂ ଖୋର୍ଦ୍ଧା ଟିଟି ସଂଘ ୩-୦ରେ କଟକ-ବି'କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

### ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ

# କୋରାପୁଟ-ବରଗଡ଼ ଫାଇନାଲ୍ ଆଜି

**ଧର୍ମଶାଳା,୨୨।୧୧(ସମିସ):** ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶା ପୂର୍ବଙ୍କ ସହଯୋଗରେ ଯାଜପୁର ଜିଲ୍ଲା ଧର୍ମଶାଳା ଷ୍ଟାଡିୟମରେ ଚାଲିଥିବା ଦଶମ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ ପ୍ରତିଯୋଗିତାର ୪ର୍ଥ ଦିନରେ ଦୁଇଟି ସେମି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆଜିର ପ୍ରଥମ ସେମି ଫାଇନାଲ୍‌ରେ କୋରାପୁଟ ଦୃଷ୍ଟିହୀନ କ୍ରିକେଟ କ୍ଲବ, ମୟୂରଭଞ୍ଜର ମାରଙ୍ଗବୁରୁ ଦୃଷ୍ଟିହୀନ କ୍ରିକେଟ କ୍ଲବ୍‌କୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମି ଫାଇନାଲ୍‌ରେ ବାଲେଶ୍ୱର ୱାରିଅର୍‌କୁ ହରାଇ ବରଗଡ଼ର ରାଇଜିଂ ଷ୍ଟାର୍ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି। ଆଜିର ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍‌ରେ ଧନପତି ଗୌଡ଼ ଓ ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ଲିଙ୍ଗରାଜ ରାଉତରାୟ ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଛନ୍ତି। ଆସନ୍ତାକାଲି କୋରାପୁଟ ଦୃଷ୍ଟିହୀନ କ୍ରିକେଟ ଦଳ ଓ ବରଗଡ଼ର ରାଇଜିଂ ଷ୍ଟାର୍ କ୍ଲବ୍ ମଧ୍ୟରେ ଫାଇନାଲ୍ ମୁକାବିଲା ହେବ। ଖେଳରେ ଶେଷରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ କେନ୍ଦ୍ରୀୟ ବିଦ୍ୟାଳୟ ବ୍ୟାସନଗରର ଅଧ୍ୟକ୍ଷ କମଳେଶ କୁମାର ମୁଖ୍ୟଅତିଥି, ସବ୍ୟସାଚୀ ଦେବାଶିଷ ପଲେଇ, ଶୁଭମ ଶ୍ରୀନାଜ୍ ଏବଂ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।




### ଆଇଟିଏଫ୍ ଟେନିସ ଟୁର୍

## ସେମିଫାଇନାଲରେ ହାରିଲେ କବୀର

**ଭୁବନେଶ୍ୱର, ୨୨।୧୧ (ସମିସ):** ମାତ୍ର ଗୋଟିଏ ଦିନ ପୂର୍ବରୁ ଓଡ଼ିଶାର ପ୍ରଥମ ଖେଳାଳିଭାବେ ଆଇଟିଏଫ୍ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା କିଟ୍‌ର କବୀର ହନ୍ସ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଏମ୍-୧୫ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି। ଆଜି ଅନୁଷ୍ଠିତ ସେମିଫାଇନାଲରେ ଭାରତର ଅନ୍ୟତମ ଖେଳାଳି ଦିଗବିଜୟ ସିଂହଙ୍କଠାରୁ ପରାଜିତ ହୋଇଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା ଫାଇନାଲରେ ଦିଗବିଜୟଙ୍କ ସହ ପ୍ରଜ୍ୱଳ ଦେବଙ୍କର ମୁକାବିଲା ହେବ। ଆଜି ଅନୁଷ୍ଠିତ ଡବଲ୍ସ ଫାଇନାଲରେ ପ୍ରଜ୍ୱଳ ଦେବ- ସିଦ୍ଧାନ୍ତ ବାଣ୍ଠିଆଙ୍କ ଯୋଡି ଚାମ୍ପିଅନ ହୋଇଛନ୍ତି।

## ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟ: ଫାଇନାଲରେ ଭାରତ

**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ଅଷ୍ଟ୍ରେଲିଆକୁ ୯ ୱିକେଟରେ ହରାଇ ଭାରତ ମହିଳା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୧୦୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ମାତ୍ର ୧ ୱିକେଟ ହରାଇ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଭାରତ ପକ୍ଷରୁ ବାସନ୍ତୀ ହାଁସ୍‌ଦା ୪୫ ରନ୍ କରି ଆଉଟ ହୋଇଥିଲାବେଳେ ଗଙ୍ଗା କଦମ ୪୧ ଓ କରୁଣା କେ ୧୬ ରନ୍‌ରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ଇନିଂସରେ ୭ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ। ସିମରନଜିତ୍ କୌର, ଯମୁନାରାଣୀ ଟୁଡୁ ଓ ଅନୁକୁମାରୀ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।





# 'ଇସ୍କ ଟ୍ରାଫିକ୍'ରେ ୭ଟି ଗୀତ

ସାଧାରଣତଃ ଚଳଚ୍ଚିତ୍ରରେ ୪ଟି କିମ୍ବା ୫ଟି ଗୀତ ସ୍ଥାନିତ ହେଉଥିବା ଦେଖାଯାଏ। ତେବେ 'ଇସ୍କ ଟ୍ରାଫିକ୍' ସିନେମାରେ ସମୁଦାୟ ୭ଟି ଗୀତ ରହିଛି। ଖୁବ୍ ଶୀଘ୍ର ଏହା ପରଦାକୁ ଆସିବାକୁ ଯାଉଛି। ଏହାର ଥିମ୍ ସଙ୍ଗ, ରୋମାଣ୍ଟିକ୍ ଡୁଏଟ୍, ଆଇଟମ୍ ନମ୍ବର, ସୁଫିୟାନା ଏବଂ ବିରହ ଗୀତ ଦର୍ଶକଙ୍କୁ ଆକର୍ଷିତ କରିବ। ତପୁ ନାୟକ, ରଞ୍ଜନ ନାୟକ, ପୁଷ୍କର ପରିଡ଼ା ଓ ଅସଦ୍ ନିଜାମଙ୍କ ରଚିତ ଗୀତଗୁଡ଼ିକରେ ହ୍ୟୁମାନ ସାଗର, ମନ୍ତୁ ଛୁରିଆ, କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅବିନାଶ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯୁବପିଢ଼ିର ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅସଦ୍ ନିଜାମ। ଅମର ମ୍ୟୁଜିକ୍‌ରେ ଗୀତଗୁଡ଼ିକ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଭାବପ୍ରବଣ କରିବା ସହ ମନୋରଞ୍ଜନର ଭରପୂର ଖୋରାକ ଯୋଗାଇବ। ମା'-ପୁଅ ଓ ମାର୍ମିକ ସମ୍ପର୍କକୁ ନେଇ ସିନେମାଟି ଗତିଶୀଳ ହୋଇଛି। କମେଡି ଅଭିନୟରେ ପପୁ ପମ୍‌ପମ୍ ଏହି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛନ୍ତି। ତା' ସାଙ୍ଗକୁ ନବାଗତ ଅଭିନେତା ପ୍ରେମଙ୍କ ଅଭିନୟ ବେଶ୍ ପ୍ରଭାବଶାଳୀ ହୋଇପାରିଛି। ଶୁଭ୍ରାଂଶୁ ବିଶ୍ୱାଳଙ୍କ କାହାଣୀ ଓ ସଂଳାପରେ ନିର୍ମିତ ଏହି ଚଳଚ୍ଚିତ୍ରରେ ରୋହନଜିତ ଦାସ ନିର୍ଦ୍ଦେଶନା ଦେଇଛନ୍ତି। 'ଗ୍ରୀନ୍ ଚିଲିଜ୍ ଆଣ୍ଡ ଏଣ୍ଟରଟେନମେଣ୍ଟ' ନିବେଦିତ ଫିଲ୍ମଟିରେ ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ସନ୍ତୁ ନିଜେ, ମହାପ୍ରସାଦ କର, ନୀନା ନାଥ, ପ୍ରିୟଙ୍କା ସାହୁ, ଅର୍ପିତା ସାହୁ, ଆମ୍ବା କମେଡି, ବାପି କମେଡି, କାଳିଆ, ସୁଧୀର ବାରିକ, ବେକାରିଆ ନୁକ ପ୍ରମୁଖ ଅଭିନୟ କରୁଛନ୍ତି। ସିନେମାଟି ଦର୍ଶକଙ୍କୁ ଏକ ପାରିବାରିକ ପ୍ରେମ କାହାଣୀ ଏବଂ ମନୋରଞ୍ଜନର ନୂତନ ଅନୁଭୂତି ପ୍ରଦାନ କରିବ। ■

# ଜାଗରଣ ଫିଲ୍ମ ଫେଷ୍ଟିଭାଲ୍‌ରେ 'ପୂର୍ଣ୍ଣୋଦକମ୍'



ମୁମ୍ବାଇଠାରେ ଅନୁଷ୍ଠିତ ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୂର୍ଣ୍ଣୋଦକମ୍' ପ୍ରଦର୍ଶିତ ହୋଇଛି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି, ପ୍ରଯୋଜିକା ଗୁନଗୁନ, ଗୀତା ଜେନା, କାର୍ଯ୍ୟକାରୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ଖ୍ୟାତି ସମ୍ପନ୍ନ ସାଉଣ୍ଡ ଡିଜାଇନର ସୁବାସ ସାହୁ, ବର୍ଷିଆନ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ବିଜୟା ଜେନା (ଡଲି) ପ୍ରମୁଖ ଯୋଗ ଦେଇଥିଲେ। ନଭେମ୍ବର ୧୩ ରୁ ୧୭ ତାରିଖ ଯାଏଁ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି। ... ବିଭିନ୍ନ ଭୂମିକାରେ ଗୁନଗୁନ, ଶ୍ରୀତମ ଦାସ, ଗାର୍ଗୀ ମହାନ୍ତି, ଅଭିଷେକ ଗିରି, ଶୁଭ୍ରାଂଶୁ ନାୟକ, ବିବୁ ଦାସ, ପୂର୍ଣ୍ଣେନ୍ଦୁ ଦତ୍ତ ପ୍ରମୁଖ ଅଭିନୟ କରିଛନ୍ତି। କ୍ୟାମେରାରେ ପ୍ରେମ ଜୟନ ଥିବାବେଳେ ସଙ୍ଗୀତରେ ଅଛନ୍ତି ସୁବାସ ସାହୁ ଓ ଅରୁଣ ଜ୍ୟୋତି। ସାଉଣ୍ଡ ଡିଜାଇନ କରିଛନ୍ତି ସୁବାସ ସାହୁ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏହା ବଡ଼ ପରଦାକୁ ଆସିବ ବୋଲି ଗୁନଗୁନ କହିଛନ୍ତି। ■

# ସର୍ବଗୁଣ ସମ୍ପନ୍ନ ଯୋଡ଼ି ରୁବିନା-ଅଭିନବ



କଲର୍ସ ଟିଭି ଏବଂ ଜିଓ ହଟଷ୍ଟାରରେ ତିନି ମାସ ହେବ ଦର୍ଶକଙ୍କ ମନୋରଞ୍ଜନ କରିଆସୁଥିଲା 'ପତି, ପତ୍ନୀ ଔର୍ ପଙ୍ଗା' ଶୋ। ରୁବିନା ଦିଲାଇକ ଏବଂ ଅଭିନବ ଶୁକ୍ଲା ଶୋ'ର ବିଜେତା ହୋଇଛନ୍ତି। ଏହି ସିଜନ୍‌ରେ ଏହି ଦମ୍ପତିଙ୍କୁ ସର୍ବଗୁଣ ସମ୍ପନ୍ନ ଯୋଡ଼ିର ଟାଇଟଲ୍ ମିଳିଛି। ଏ ଦୁହିଁଙ୍କୁ ଶୋ'ର ସବୁଠୁ ଭଲ ଦମ୍ପତି ବୋଲି କୁହାଯାଇଛି। ଏହି ଶୋ'ରେ ପ୍ରତ୍ୟେକ ଦମ୍ପତି ନିଜ ସମ୍ପର୍କ ବିଷୟରେ ଖୋଲାଖୋଲି ଆଲୋଚନା କରିଥିଲେ। ଶୋ'ର ବିଜେତା ହୋଇ ଦୁହେଁ ଖୁବ୍ ଖୁସି ଏବଂ ଉତ୍ସାହିତ ଅଛନ୍ତି। ଅନ୍ୟପଟେ ଏହି ଶୋ'ରେ ହାନା ଖାନ୍, ସ୍ୱରା ଭାସ୍କର, ଗୀତା ଫୋଗଟ୍, ସୁଦେଶ ଲହରୀ, ଦେବିନା ବାନାର୍ଜୀ, ଇଶା ମାଲବୀୟ, ଅଭିଷେକ କୁମାର, ଅବିକା ଗୋର ନିଜ ସାଥୀଙ୍କ ସହିତ ନଜର ଆସିଥିଲେ। ଶୋ'ର ବିଚାରପତି ଭାବେ ନଜର ଆସିଥିଲେ ସୋନାଲି ବିନ୍ଦ୍ରେ ଏବଂ ମୁନୱର ଫାରୁକି। ଶୋ'ରେ ସାମିଲ ପ୍ରତ୍ୟେକ ପ୍ରତିଯୋଗୀ ମଜାଦାର ଟାସ୍କ, ଡ୍ୟାନ୍ସ, ଗେମ୍ ଚ୍ୟାଲେଞ୍ଜ ପୂରା କରିଥିଲେ। ■

# ଚର୍ଚ୍ଚାରେ ଟାଇଗର୍



ଆକ୍ସନ ସିନେମା ଲାଗି ପରିଚିତ ବଲିଉଡ଼ର ଆକ୍ସନ ହିରୋ ଅଭିନେତା ଟାଇଗର ଶ୍ରଫ୍। ଏବେ 'ବାଗି-୪'ରେ ତାଙ୍କର ଆକ୍ସନ ଦୃଶ୍ୟକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଏହାରି ଭିତରେ ଟାଇଗର ତାଙ୍କ ନୂଆ ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମ ନିର୍ମାତା ରାମ ମାଧବାନୀଙ୍କ ସହିତ ଏକ ମଲ୍ଟି ଫିଲ୍ମ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଅବଶ୍ୟ ଏହି ସିନେମା ଉପରେ କାମ ଆରମ୍ଭ ହେଲାଣି। ସିନେମାର ଶୀର୍ଷକ ସ୍ଥିର ହୋଇ ନ ଥିଲେ ବି ସେ ଏହି ସିନେମାରେ ଆକ୍ସନ ଦୃଶ୍ୟରେ ନଜର ଆସିବେ। ତେବେ ଏହା ଏକ ଆଧ୍ୟାତ୍ମିକ ଆକ୍ସନ ଥ୍ରିଲର ସିନେମା ହେବ। ଯାହାକି ଭାରତୀୟ ସିନେମାରେ ପୂର୍ବରୁ କେବେ ହୋଇ ନ ଥିବା କୁହାଯାଉଛି। ସେହିପରି ଏହି ସିନେମା ଲାଗି ଟାଇଗର ବ୍ୟାପକ ପ୍ରସ୍ତୁତି କରିବେ। ସିନେମାର ସୁଟିଂ ୨୦୨୬ରେ ଆରମ୍ଭ ହେବ। ତା'ସହ ଫିଲ୍ମର ଏକ ବଡ଼ ଭାଗ ଜାପାନରେ ସୁଟିଂ ହେବ। ଅନ୍ୟପଟେ ଏବେ ଏହାର ନିର୍ମାତା ମୁଖ୍ୟ ଅଭିନେତ୍ରୀ ଏବଂ ଖଳନାୟକ ସନ୍ଧାନରେ ଅଛନ୍ତି। ■

# ୨୩ରେ 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍'ର ଗ୍ରାଣ୍ଡ ଫିନାଲେ

ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ରିୟାଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ'ର ଗ୍ରାଣ୍ଡ ଫିନାଲେ ଆଜି ଅର୍ଥାତ ନଭେମ୍ବର ୨୩ ତାରିଖ ସନ୍ଧ୍ୟା ୬ଟା ୩୦ ପ୍ରସାରିତ ହେବ। 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ। ପ୍ରତି ପ୍ରତିଯୋଗୀମାନେ ଏହି ଗ୍ରାଣ୍ଡ ଫିନାଲେରେ ନିଜର ଦମଦାର ପ୍ରଦର୍ଶନ ଦେଇଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି। ତେବେ ଶେଷ ପର୍ଯ୍ୟାୟରେ ଅର୍ଥାତ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ, ଯିଏ ପାଇବେ ବଡ଼ ପରଦାକୁ ପ୍ରବେଶ କରିବାର ବଡ଼ ସୁଯୋଗ। ବିଜୟୀ ପ୍ରତିଯୋଗୀଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ। ଶୋ'ର ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି। ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ। ଗ୍ରାଣ୍ଡ ଫିନାଲେରେ ସ୍ୱରାଜ ବାରିକ, ଶିବାନୀ ସଙ୍ଗୀତା, ସୁଜିତ, ଅସୀମା ପଣ୍ଡା, କୁଳଦୀପ ଓ ଗୌରବଙ୍କ ଆନନ୍ଦଙ୍କୁ ଦେଖିବାକୁ ମିଳିବ। ■



ସାକ୍ଷାତକାର

# "ଅଭିନୟ ସମୟରେ ଚରିତ୍ରରେ ହଜିଯାଏ"

ଲିପ୍‌ସା ମହାରଣା, ଅଭିନେତ୍ରୀ

ଲୋକପ୍ରିୟ ପୁରୁଣା ଆଲବମ୍ ଦେଖି ସେ ଅଭିନୟ ଜଗତକୁ ଆସିବାକୁ ଭାବିଥିଲେ। ସୌଭାଗ୍ୟବଶତଃ ତାଙ୍କୁ ସେ ସୁଯୋଗ ମିଳିଲା। ଖୁବ୍ କମ୍ ବୟସରୁ କମେଡି ଶୋ'ରେ କାମ ଆରମ୍ଭ କରିଥିଲେ ଭୁବନେଶ୍ୱରର ଲିପ୍‌ସା ମହାରଣା। ପରବର୍ତ୍ତୀ ସମୟରେ ଦୁଇଟି ଓଡ଼ିଆ ସିନେମାରେ କାମ କରିଛନ୍ତି। ମ୍ୟୁଜିକ୍ ଭିଡିଓଠୁ ନେଇ ଧାରାବାହିକ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗକୁ ହାତ ଛଡ଼ା କରି ନାହାଁନ୍ତି ସେ। ଏକାଧାରାରେ ଲିପ୍‌ସା ବହୁମୁଖୀ ପ୍ରତିଭାର ଅଧିକାରିଣୀ। ଏହି ଲାଇନ୍‌କୁ ସେ କେମିତି ଆସିଲେ ତଥା ଆଗକୁ ତାଙ୍କର କ'ଣ ଯୋଜନା ରହିଛି ଜାଣିବା ତାଙ୍କ ମୁହଁରୁ।

**ଅଭିନୟ ଜଗତରେ କାମ କରିବାକୁ କେତେ ସଂଘର୍ଷ କରିଛନ୍ତି?**

● ଭୁବନେଶ୍ୱରରେ ମୋର ଜନ୍ମ। ବ୍ରହ୍ମପୁରରେ ପାଠ ପଢ଼ିଛି। ପିଲାଦିନେ ନାଚ, ଗୀତ, ଅଭିନୟ କରୁଥିଲି। ଆଲବମ୍ ଅଭିନେତା ସ୍ୱର୍ଗତ ପପୁ ଭାଇଙ୍କ ମୃତ୍ୟୁ ପରେ ମୋ ସାନ ଭାଇର ନାଁ ରଖାଗଲା ପପୁ। ସେବେଠୁ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ମୁଁ ପରିବାର ବୋଲି ମାନି ନେଇଥିଲି। ଟିଭିରେ ଯାହା ଦେଖୁଥିଲି ସେମିତି ନିଜକୁ ନକଲ କରୁଥିଲି। ସୌଭାଗ୍ୟବଶତଃ 'ଏଇଟା ବାୟାଟା' କମେଡି ଶୋ'ରେ ପପୁ ଭାଇଙ୍କ ସହ ମୋର ମୋର ପ୍ରଥମ କାମ ଆରମ୍ଭ କରିଥିଲି। ପରେ ପରେ ତରଙ୍ଗରେ 'ଯାହା କହିବି ସତ କହିବି' କରିଥିଲି। ଏହି ଶୋ'କୁ ମୋ ବାପା ବହୁତ ଭଲ ପାଇଥିଲେ। 'ଶ୍ରୀମାନ ଶ୍ରୀଯୁକ୍ତ', 'ବଦମାସିଆ ପ୍ରେମ' ସିନେମା କରିଛି। ଏହା ରିଲିଜ୍ ହୋଇନି। ପପୁ ଭାଇଙ୍କ ସହ 'ମାଇପ ପ୍ରେମ ସର୍ବୋତ୍ତମ' ମ୍ୟୁଜିକ୍ ଭିଡିଓ କରିଛି। 'ସାଥି ସାତ ଜନ୍ମର' ଧାରାବାହିକରେ ନାୟିକାର ସାଙ୍ଗ ଚରିତ୍ରରେ ନଜର ଆସିଥିଲି। ନିକଟରେ ମୋର ଅଭିନୀତ 'ବାଲିଯାତ୍ରା' ଟେଲି ଫିଲ୍ମ ରିଲିଜ୍ ହୋଇଛି। ଏଥିରେ ମୁଁ ସାଧବ ବଡ଼ ବୋହୂ ଭୂମିକାରେ ଅଭନୟ କରିଛି। ଅନେକ ଇଭେଣ୍ଟର ପରିଚାଳନା କରିବାକୁ ମୋତେ ଦାୟିତ୍ୱ ମିଳିଛି।

**କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ପ୍ରଥମେ କମେଡି ଶୋ' ସୁଟିଂ ପାଇଁ ପପୁ ଭାଇ ଡାକିଥିଲେ। ପ୍ରଥମେ ପ୍ରଥମେ କାମକୁ ନେଇ ବହୁତ ଡର ଥିଲା ମୋ ଭିତରେ। କାମକୁ ଯିବି କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିଲି। ତେଣୁ ବୁଲିବା ଲକ୍ଷ୍ୟରେ ସୁଟିଂ ସେଟ୍‌କୁ ଯାଇଥିଲି। ପପୁ ଭାଇ ପରୀକ୍ଷାମୂଳକଭାବେ ମେକ୍‌ଅପ୍ ନେଇ କଷ୍ଟ୍ୟୁମ୍ ପିନ୍ଧିବାକୁ କହିଥିଲେ। କଷ୍ଟ୍ୟୁମ ପିନ୍ଧିଲା ପରେ ମୁଁ ସେ ଚରିତ୍ରରେ ପୂରା ପଶିଗଲି ଆଉ ଅଭିନୟ କରିଥିଲି। ସେବେଠୁ ମୋର ଯାତ୍ରା ଚାଲିଛି।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି?**

● ଗୀତ ଗାଇବାକୁ ଭଲ ପାଏ। ଚିତ୍ର ଆଙ୍କେ। ନିଜକୁ ସମୟ ଦିଏ। ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ।

**ସୋସିଆଲ ମିଡିଆକୁ କେମିତି ବ୍ୟବହାର କରନ୍ତି?**

● ସାମାଜିକ ଗଣମାଧ୍ୟମରେ ଥିଲେ ବି ଏତେ ସକ୍ରିୟ ରହେନି। ସେଥିରେ ମୋତେ କିଛି ଭଲ ପ୍ରତିକ୍ରିୟା ଦିଅନ୍ତି। ଆଉ କିଛି ଖରାପ ପ୍ରତିକ୍ରିୟା ଦିଅନ୍ତି। ତାଳି ଆଉ ଗାଳି ହିଁ ଜଣେ ଅଭିନେତ୍ରୀ ପାଇଁ ଆଶୀର୍ବାଦ। ତେଣୁ ସେଥିରୁ କେଉଁଠି ମୋ ଅଭିନୟରେ ତ୍ରୁଟି ରହିଲା, କେମିତି ନିଜକୁ ଆଗକୁ ସଜାଡ଼ିବି ସେ ଦିଗ ପ୍ରତି ସଜାଗ ରହେ। ତେଣୁ ଗୋଟିଏ କଥା କହିବି ସାମଜିକ ଗଣମାଧ୍ୟମକୁ ସର୍ବଦା ସଦୁପଯୋଗ କରିବା ଆବଶ୍ୟକ।

**ଡ୍ରିମ୍ ରୋଲ?**

● ଭବିଷ୍ୟତରେ ମୋତେ ଯାହା ବି ଚରିତ୍ର ମିଳିବ, ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେବି। ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରିବି।

**ଆଗାମୀ ଯୋଜନା?**

● ଆଗକୁ ଭଲ କାହାଣୀର ସିନେମାକୁ ଅପେକ୍ଷା କରିଛି। ଯେତେ ଦିନ ଯାଏଁ ଏହି ଲାଇନ୍‌ରେ ରହିଛି, ଦର୍ଶକଙ୍କ ମନୋରଞ୍ଜନ କରୁଥିବି। ■



**ଅଭିନୟକୁ ଭଲ କରିବାକୁ କ'ଣ କରନ୍ତି?**

● ଜଣେ ଭଲ ଅଭିନେତ୍ରୀ ସବୁ ଚରିତ୍ରରେ ଅଭିନୟ କରିପାରିବେ। ଏହାକୁ ମନେ ରଖି ମୁଁ ଅଭିନୟ କରେ। ପୁରୁଣା ସିନେମା, ଧାରାବାହିକ ସେଗୁଡ଼ିକ ସବୁବେଳେ ଦେଖେ। ସେଥିରୁ କିଛି ନା କିଛି ଭଲ କଥା ଗ୍ରହଣ କରେ। ତେବେ ମୋ ବାପା ଦୁନିଆରେ ନାହାଁନ୍ତି ସତ, କିନ୍ତୁ ବାପାଙ୍କ ଆଶୀର୍ବାଦ ଯୋଗୁଁ ମୁଁ ଅଭିନେତ୍ରୀଟିଏ ହୋଇପାରିଛି। ଆଉ ଗୋଟେ କଥା ପପୁ ଭାଇଙ୍କ ସାଙ୍ଗେ କାମ ଆରମ୍ଭ କରିଥିବାରୁ ମୁଁ ସବୁକାମ ସହଜରେ କରିପାରେ। ଯେଉଁ ଚରିତ୍ର ମିଳିଲେ ବି ବିନା ସ୍କ୍ରିପ୍ଟରେ ସଂଳାପ କହିପାରେ।

ପରଦା ପଛର କାହାଣୀ

# ମାନବେତର ଜୀବର ଚମତ୍କାର ଅଭିନୟ

ଅନେକ ଚଳଚ୍ଚିତ୍ରରେ ମଣିଷ ଓ ପଶୁର ସୁସମ୍ପର୍କକୁ ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ରାଜେଶ ଖନ୍ନାଙ୍କ 'ହାତୀ ମେରା ସାଥୀ'ର ହାତୀ ହେଉ ଅବା ଦେବାନନ୍ଦଙ୍କ 'ଇନ୍‌ସାନିୟତ୍' ଫିଲ୍ମର ସିମ୍ପାଜୀ ହେଉ। ମାନବେତର ଜୀବଜନ୍ତୁଙ୍କ ଅଭିନୟକୁ ଖୁବ୍ ସୁନ୍ଦର ଭାବେ ପରଦାରେ ଚିତ୍ରଣ କରାଯାଇଛି। ୯ ଅଗଷ୍ଟ ୧୯୮୫ ମସିହାରେ ରିଲିଜ୍ ହୋଇଥିଲା 'ତେରୀ ମେହେରବାନିୟା' ଫିଲ୍ମ। ଏହା କନ୍ନଡ଼ ଫିଲ୍ମ 'ଥାଲିୟା ଭାଗ୍ୟ'ର ହିନ୍ଦୀ ରିମେକ ଥିଲା। ଏହି ଫିଲ୍ମରେ ମଣିଷ ପ୍ରତି କୁକୁରର ଭଲପାଇବା ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ଫିଲ୍ମର କାହାଣୀ ଅନୁଯାୟୀ ଅଭିନେତା, ଅଭିନେତ୍ରୀଙ୍କ ମୃତ୍ୟୁ ପରେ ଶେଷରେ କୁକୁର ଶତ୍ରୁଙ୍କଠାରୁ ପ୍ରତିଶୋଧ ନେଇଥିଲା। ଆଜି ମଧ୍ୟ ଏହି ଫିଲ୍ମ ଦେଖିଲେ ଦର୍ଶକଙ୍କ ଆଖିରେ ଲୁହ ଜକେଇ ଆସେ। ଏହି ସିନେମାରେ ଜ୍ୟାକି ଶ୍ରଫ୍ 'ରାମ', ପୁନମ ଢିଲ୍ଲୋ 'ବିଜୁଳି' ଓ ଅମରୀଶ ପୁରୀ 'ଠାକୁର ବିଜୟ ସିଂ' ଭୂମିକାରେ ଅଭିନୟ କରିଥିଲେ। ଏଥିରେ 'ବ୍ରାଉନି ମୋତି' ନାମକ ଏକ ବିଶ୍ୱସ୍ତ କୁକୁର ଥିଲା। ଫିଲ୍ମର କାହାଣୀ ଜଣେ ଦାୟିତ୍ୱବାନ ଯୁବକ ରାମଙ୍କୁ ନେଇ ଗତିଶୀଳ। ସେ ବାଇକ୍‌ରେ ଯିବାବେଳେ ଅଜାଣତରେ ଗୋଟିଏ କୁକୁରକୁ ଧକ୍କା ଦେବା ପରେ ତାକୁ ଘରକୁ ଆଣି ସେବାଯତ୍ନ କରି ରଖିଥିଲେ। ଗାଁକୁ ଯିବାପରେ ସେ ଭ୍ରଷ୍ଟାଚାରୀ ଠାକୁର ବିଜୟ କୁମାରଙ୍କ ଅତ୍ୟାଚାରର ଶିକାର ହୁଅନ୍ତି। ରାମ ଭଲ ପାଆନ୍ତି ବିଜୁଳିଙ୍କୁ। ହେଲେ ଠାକୁର ତାଙ୍କ ଉପରେ ନଜର ରଖନ୍ତି। ରାମ ଗାଁ ଲୋକଙ୍କୁ ଏକତ୍ର କରି ତାଙ୍କୁ ନ୍ୟାୟ ଦିଅନ୍ତି। କିନ୍ତୁ ଠାକୁର ଗୁଣ୍ଡା ଲଗାଇ ରାମଙ୍କୁ ମାରି ଦିଅନ୍ତି। ଏହାପରେ ମୋତି ସମସ୍ତ ଅପରାଧୀଙ୍କ ଠାରୁ ପ୍ରତିଶୋଧ ନିଏ। ସମସ୍ତ ଗୁଣ୍ଡାକୁ ମାରି ପ୍ରମାଣ ଏକତ୍ର କରି ପୋଲିସକୁ ହସ୍ତାନ୍ତର କରେ। ବ୍ରାଉନି ମୋତି ଏଥିରେ ଚମତ୍କାର ଅଭିନୟ କରିଛି। ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହି ଫିଲ୍ମର ବଜେଟ୍ ୧.୨୦ କୋଟି ଟଙ୍କା ଥିଲା। ଏହା ଭାରତରେ ୨.୮ କୋଟି ଆୟ କରିଥିଲା। ଏହି ଫିଲ୍ମରେ ପାଞ୍ଚଟି ଗୀତ ଥିଲା। ଗୀତଗୁଡ଼ିକକୁ ଗାଇଥିଲେ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍। ଫିଲ୍ମର ସବୁଠୁ ଲୋକପ୍ରିୟ ଗୀତ ଥିଲା 'ତେରୀ ମେହେରବାନିୟା'। ଏହି ଟାଇଟଲ୍ ଟ୍ରାକ୍‌ଟି ରାମ ଓ ମୋତି ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇଥିଲା। ■



# ଭାରତ-ପାକ୍ ମୁକାବିଲା ଫେବୃଆରୀ ୧୫ରେ

**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ଆସନ୍ତାବର୍ଷ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ଯାଏ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ମୁମ୍ବଇରେ ନଭେମ୍ବର ୨୫ ତାରିଖରେ ଡ୍ର ଘୋଷଣା କରାଯିବ। ଏହା ପୂର୍ବରୁ ମିଳିଥିବା ସୂଚନା ଅନୁଯାୟୀ ଡିଫେଣ୍ଡିଂ ଚାମ୍ପିଅନ ଭାରତ, ପାକିସ୍ତାନ ଓ ଆମେରିକା କ୍ରମାଗତ ଦ୍ୱିତୀୟ ସଂସ୍କରଣରେ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ଅନ୍ୟ ଦୁଇଦଳ ଭାବେ ନେଦରଲାଣ୍ଡସ ଓ ନାମିବ୍ୟା ସ୍ଥାନ ପାଇବେ। ଭାରତ ଓ ପାକିସ୍ତାନ ମଧ୍ୟରେ ଫେବୃଆରୀ ୧୫ରେ ମୁକାବିଲା ହେବ। ଏହା ଶ୍ରୀଲଙ୍କାର କଲମ୍ବୋ ସହରରେ ଖେଳାଯିବ। ଆଇସିସି, ଏସିସି, ବିସିସିଆଇ ଓ ପିସିବି ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନରେ ଟୁର୍ଣ୍ଣାମେଣ୍ଟ ହେଲେ ନିରପେକ୍ଷ ଭେନ୍ୟୁରେ ଏମାନଙ୍କ ମଧ୍ୟରେ ମୁକାବିଲା ହେବ। ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ଭାରତ ନଂ-୧, ପାକିସ୍ତାନ ନଂ-୭, ନେଦରଲାଣ୍ଡସ ନଂ-୧୩, ନାମିବ୍ୟା ନଂ-୧୫ ଓ ଆମେରିକା ନଂ-୧୮ ସ୍ଥାନରେ ଥିବାରୁ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇବେ। କିନ୍ତୁ ସହ ଆୟୋଜକ ଦେଶ ଶ୍ରୀଲଙ୍କା କଷ୍ଟସାଧ୍ୟ ଗ୍ରୁପ୍‌ରେ ରହିବ। ଗୋଟିଏ ଗ୍ରୁପ୍‌ରେ ଅଷ୍ଟ୍ରେଲିଆ, ଜିମ୍ବାୱେ, ଆୟର୍ଲାଣ୍ଡ, ଓମାନ ସହ ଶ୍ରୀଲଙ୍କା ସ୍ଥାନ ପାଇବ। ଏଥର ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ। ଏହି ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ରହିବେ।


**୨୦୨୬ ଟି-୨୦ ବିଶ୍ୱକପ୍**

### ଗୌହାଟୀର 'ବର୍ଷାପଡ଼ା'ରେ ଖେଳାଗଲା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍

# ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬

**ଗୌହାଟୀ, ୨୨।୧୧ (ଏଜେନ୍ସି):**

ଭାରତର ୩୦ତମ ଟେଷ୍ଟ ଭେନ୍ୟୁ ଗୌହାଟୀସ୍ଥିତ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ଟେଷ୍ଟ ଆଜିଠାରୁ ଆରମ୍ଭ ହୋଇଛି। ଏଠାରେ ଦକ୍ଷିଣ ଆଫ୍ରିକାର ଅଧିନାୟକ ତେମ୍ବା ବଭୁମା କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୨୪୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ସେନୁରନ ମୁଥୁସ୍ୱାମୀ ୨୫ ଓ କାଏଲ ଭେରିନ ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ପ୍ରଥମ ୫ଜଣ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ଜଣେ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ସେମାନଙ୍କ ମଧ୍ୟରେ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ



ବର୍ଷାପଡ଼ା ଷ୍ଟାଡିୟମ୍, ଗୌହାଟୀ

୪୯, ତେମ୍ବା ବଭୁମା ୪୧, ଆଇଡେନ୍ ମାରକ୍ରମ ୩୮, ରିୟାନ ରିକେଲଟନ ୩୫ ଓ ଟୋନି ଡି ଜୋର୍ଜି ୨୮ ରନ୍ କରିଥିଲେ। ଭାରତ ପକ୍ଷରୁ ବାମହାତୀ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୩ଟି, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି। ଆଲୋକ ଅଭାବରୁ ୮ ଓଭର ପୂର୍ବରୁ ଖେଳ ବନ୍ଦ କରାଯାଇଥିଲା। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

କୋଲକାତାରେ ଖେଳିଥିବା ପ୍ରଥମ ଟେଷ୍ଟରୁ ଭାରତ ଆହତ ଅଧିନାୟକ ଶୁବମନ ଗିଲ୍ ଓ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ବାଦ୍ ଦେଇଥିଲା। ସେମାନଙ୍କ ସ୍ଥାନରେ ସାଇ ସୁଦର୍ଶନ ଓ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିଛି। ଦକ୍ଷିଣ ଆଫ୍ରିକା ପେସ୍ ବୋଲିଂ ଅଲରାଉଣ୍ଡର କୋର୍ବିନ ବୋଶଙ୍କ ସ୍ଥାନରେ ସ୍ପିନ ବୋଲିଂ ଅଲରାଉଣ୍ଡର ସେନୁରନ ମୁଥୁସ୍ୱାମୀଙ୍କୁ ଖେଳିବାକୁ ସୁଯୋଗ ଦେଇଛି। ଏହି ଟେଷ୍ଟରେ ପ୍ରଥମେ ଚା'ପାନ ବିରତି ହୋଇଥିଲା। ଦ୍ୱିତୀୟ ସେସନ ପରେ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା।



**ସଂକ୍ଷିପ୍ତ ସ୍କୋର**
ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୭/୬, ୮୧.୫ ଓଭର (ଷ୍ଟବ୍ସ-୪୯, ବଭୁମା-୪୧, ମାରକ୍ରମ-୩୮, କୁଲଦୀପ-୩/୪୮)।

**୧୦୪ ବର୍ଷ ପରେ...**

# ଟେଷ୍ଟରେ ଟ୍ୱିଷ୍ଟ: ୨ ଦିନରେ ଖେଳ ଶେଷ

**ପର୍ଥ, ୨୨।୧୧ (ଏଜେନ୍ସି):** ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଅନୁଷ୍ଠିତ ୨୦୨୫ ଆସେସ୍ ସିରିଜ୍‌ର ପ୍ରଥମ ଟେଷ୍ଟ ଦୁଇଦିନ ଭିତରେ ଶେଷ ହୋଇଛି। ଏଥିରେ ଘରୋଇ ଅଷ୍ଟ୍ରେଲିଆ ଦଳ ୮ ୱିକେଟରେ ବିଜୟୀ ହୋଇଛି। ଦୀର୍ଘ ୧୦୪ ବର୍ଷ ପରେ ଏକ ଟେଷ୍ଟ ମ୍ୟାଚ୍ ଦୁଇ ଦିନରେ ଶେଷ ହେବାର ରେକର୍ଡ ହୋଇଛି। ଶେଷ ତଥା ୧୯୨୧ ନଟିଂହାମରେ ଖେଳାଯାଇଥିବା ଇଂଲଣ୍ଡ- ଅଷ୍ଟ୍ରେଲିଆ ଟେଷ୍ଟ ୨ ଦିନ ଭିତରେ ଶେଷ ହୋଇଥିଲା। ଏହି ମ୍ୟାଚ୍‌ର ପ୍ରଥମ



ଇନିଂସରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ଆଉ ୯ ରନ୍ କରିବା ପରେ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସ ୧୩୨ ରନ୍‌ରେ ଶେଷ ହୋଇଥିଲା। ୪୦ ରନ୍‌ରେ ଅଗ୍ରଣୀ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୪ ରନ୍‌ରେ ଅଲଆଉଟ ହୋଇଥିଲା। ଏହା ଫଳରେ ଅଷ୍ଟ୍ରେଲିଆ ଆଗରେ ୨୦୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଇନିଂସ ଓପନ କରିବାକୁ ସୁଯୋଗ ପାଇଥିବା ଟ୍ରାଭିସ୍ ହେଡ୍‌ଙ୍କ ୬୯ ବଲ୍‌ରେ ଶତକ ତଥା ୮୩ ବଲ୍‌ରେ ୧୨୩ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ମାତ୍ର ୨୮.୨ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମାର୍ନସ ଲାବୁସେନ ୫୧ ରନ୍‌ରେ ଶେଷଯାଏ ବ୍ୟାଟିଂ କରିଥିଲେ। ବ୍ରିସ୍‌ବେନ୍‌ର ଗାବ୍‌ବାରେ ଦ୍ୱିତୀୟ ଟେଷ୍ଟ ଡିସେମ୍ବର ୪ରୁ ଖେଳାଯିବ।

**ବିବାହର ଦିନକୁ ପୂର୍ବରୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍**

# ପଲାଶଙ୍କୁ ହରାଇଲେ ମନ୍ଧାନା

**ମୁମ୍ବଇ, ୨୨।୧୧ (ଏଜେନ୍ସି):** ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ରବିବାର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ପଲାଶ ମୁଛଲଙ୍କ ହାତ ଧରି ୨୯ ବର୍ଷୀୟା ମନ୍ଧାନା ତାଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ। ମନ୍ଧାନାଙ୍କ ଘରୋଇ ସହର ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଅନୁଷ୍ଠିତ ହେବ। ବିବାହ ପୂର୍ବରୁ ଗତ ଦୁଇଦିନ ଧରି ହଳଦୀ ଓ ମେହେନ୍ଦୀ ଉତ୍ସବ ଖୁବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମନ୍ଧାନାଙ୍କ ବିବାହ ଉତ୍ସବରେ ସାମିଲ ହୋଇଥିବା ମହିଳା କ୍ରିକେଟ୍ ଦଳର ସାଥୀ ଖେଳାଳିମାନେ ହାତରେ ମେହେନ୍ଦୀ କରି ଖୁବ୍ ମସ୍ତି କରୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ପ୍ରି-ୱେଡିଂର ଏକ କାର୍ଯ୍ୟକ୍ରମ ସ୍ୱରୂପ ବର ଓ କନ୍ୟା ପକ୍ଷ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କନ୍ୟା ତଥା ଟିମ୍ ବ୍ରାଇଡ୍‌ର ନେତୃତ୍ୱ ନିଜେ ମନ୍ଧାନା ନେଇଥିଲେ। ସେହିଭଳି ପଲାଶଙ୍କ ନେତୃତ୍ୱରେ



'ଟିମ୍ ଗ୍ରୁମ୍' ଖେଳିଥିଲା। ଏହି ମ୍ୟାଚରେ କନ୍ୟା ପକ୍ଷ ତଥା ମନ୍ଧାନାଙ୍କ ଦଳ ବିଜୟୀ ହୋଇଥିଲା। ମନ୍ଧାନାଙ୍କ ଟିମ୍‌ରେ ଭାରତୀୟ ଦଳର ସାଥୀ ଖେଳାଳି ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ, ଶ୍ରେୟଙ୍କା ପାଟିଲ, ରେଣୁକା ସିଂ ଠାକୁର, ରାଧା ଯାଦବ ଓ ରିଚା ଘୋଷ ପ୍ରମୁଖ ଖେଳିଥିଲେ।

ଆଜି ସକାଳ ୯ ଘଟିକା

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

Presented by: BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary
ସତ୍ୟ, ସେବା ଓ ସାମର୍ଥ୍ୟର ପାଞ୍ଚ ବର୍ଷ...

In Association with:
CBSE-XI & XII
SRI VINAYAKA Concept School
BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୬୬ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୬୭୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୬୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |
| ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୧୮୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପି.ଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ରାଉରକେଲା | ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୭ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୬୧୩୩୦ |

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS